ଜାନୁଆରୀ 2012 ▪ ₹ 20/-

ଜହ୍ନମାମୁ

ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା

Deb's Library Corner...
Tambahara,Kendujhar
9556804309
debaraj.123456789@gmail.com

everest/PB/836-11ori

www.chandamama.com/parle/

ଉଦୀୟମାନ ତାରକା

ଯଦି ଆପଣଙ୍କ ପରିବାରର ବା କୌଣସି ବନ୍ଧୁବାନ୍ଧବଙ୍କ ସଫଳତା ବାବଦରେ ଜଣାଇବାକୁ ଚାହୁଁଥାନ୍ତି ଦୟାକରି ତାଙ୍କର ସମସ୍ତ ବିବରଣୀ ଏବଂ ଠିକଣା ଆମକୁ ପଠାନ୍ତୁ :

Young Achievers-RCM,
Chandamama India Ltd,
No:2 Ground Floor, Swathi Enclave, Amman koil street,
Vadapalani, Chennai-26
(or)
online@chandamama.com

ବିସ୍ମୟ ବାଳକ

ବିସ୍ମୟ ବାଳକ ସହଜଦୀପ ସିଂହ କୋହଲିଙ୍କର ବୟସ ମାତ୍ର ତିନି ବର୍ଷ ୬ ମାସ। କିନ୍ତୁ ତାଙ୍କର ସ୍ମୃତିଶକ୍ତି ଅସୀମ। ସହଜଦୀପ ଖୁବ୍ ଶୀଘ୍ର ସବୁକିଛି ଶିକ୍ଷା କରିପାରନ୍ତି। ସେ ମାତ୍ର ୫୨ ସେକେଣ୍ଡ୍‌ରେ ୧୦୫ଟି ଦେଶର ପତାକା ଚିହ୍ନି ଦେଇପାରନ୍ତି। ଏତେ କମ୍ ବୟସରେ ସେ ଚାରୋଟି ରେକର୍ଡ କରିଛନ୍ତି। ଜାତୀୟ ସ୍ତରରେତିନୋଟି ଏବଂ ଗୋଟିଏ ଏସୀୟ ରେକର୍ଡର ଅଧିକାରୀ ହୋଇଛନ୍ତି।

କୁନି ପିଲାଟି ନିର୍ଭୟରେ ସାରା ବିଶ୍ୱର କାହିଁ କେତେ ଜଟିଳ କଥା କହିପାରେ। ସେ ଜାତୀୟ ପ୍ରତୀକଠାରୁ ଆରମ୍ଭ କରି ସାଂପ୍ରତିକ ଘଟଣାବଳି, ମହାଦେଶ, ମହାସାଗର, ସାଧାରଣ ସ୍ଥାନ, ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏବଂ ବିଶିଷ୍ଟ କ୍ରୀଡାବିତ୍‌ଙ୍କ ବିଷୟରେ ଅନର୍ଗଳ କହିପାରେ।

ସେ ଭାରତର ରାଜ୍ୟର ରାଜଧାନୀଗୁଡିକର ତାଲିକା ବୟସ୍କମାନଙ୍କ ତୁଳନାରେ ଯଥାସମ୍ଭବ କମ୍ ସମୟ ମଧ୍ୟରେ କହି ଦେଇପାରନ୍ତି।

ସେ ମଧ୍ୟ ସୁଚାରୁ ଭାବରେ କମ୍ପ୍ୟୁଟର ଚଳାଇ ପାରନ୍ତି। ସହଜଦୀପଙ୍କ ବୟସର ପିଲାମାନେ ବର୍ତ୍ତମାନ ତାଙ୍କ ଚାରିପଟର ଜିନିଷପତ୍ରକୁ ଚିହ୍ନିବା ଶିଖୁଛନ୍ତି। କିନ୍ତୁ ସହଜଦୀପ ପ୍ରାୟ ଦଶ ହଜାର ଶ୍ରୋତା ଓ ଅତିଥିଙ୍କ ସମ୍ମୁଖରେ ଜାତୀୟତା ଓ ବିଭିନ୍ନତା ମଧ୍ୟରେ ଏକତା ସଂପର୍କରେ ଏକ ସୁନ୍ଦର ଭାଷଣ ଦେଇଥିଲେ।


Shop
Archives from 1947
Jokes
Visit the new chandamama.com

ଜାନୁଆରୀ ୨୦୧୨ ₹20/-
Founded by **B. Nagi Reddi and Chakrapani**

Editor & Publisher :
Prashant Sharad Mulekar

Associate Editors :
R. Vaasugi, K. Raja Sekhara Raju

Sub Editor :
Patricia Pandian

General Manager :
Sowmya Bharadwaj

Senior Artists:
K.C. Sivasankaran (Sankar), Gandhi Ayya, P. Mahesh, Sandeep Solkar

Artist :
Venki

Layout Designers :
B. Thirumal, K. Narendra, N. Sivakumar

Production In-charge :
Prashant Pawar

Circulation:
circulation@chandamama.com

Asst. Manager - Sales & Circulation:
Subhankar Rej

Sales Officer - Circulation :
K. Ravishankar

Advertisement :
sales@chandamama.com

Subscription :
Subscription@chandamama.com
Ramya K (Chennai)
Ph: +91 44 4399 2828

Head Office :
CHANDAMAMA INDIA LTD.,
P.O.Box No:19407, Mumbai-400093
Phone +91 22 28312872 / 28311849
Email:chandamama@chandamama.com
Website : www.chandamama.com

Published, Printed and Owned by CHANDAMAMA INDIA LTD., Published and Printed on their behalf by Prashant Sharad Muleker
Published at B-3, Cross Road 'B', MIDC, Andheri (East) Mumbai - 400093.
Printed At :- Kala Jyothi Process Pvt. Ltd, S.No.185, Kondapur, R.R.District-500133, Andhra Pradesh.
Editor :- Prashant Sharad Mulekar

ସୂଚୀପତ୍ର

ଜହ୍ନମାମୁ

Volume-3 January 2012 Issue-01

- ✻ ପାଠକଙ୍କ ପୃଷ୍ଠା ...୦୬
- ✻ ମୋର ସ୍ମୃତି – କନ୍ନଡ଼ ...୦୯
- ✻ ମୋର ସ୍ମୃତି – ହିନ୍ଦୀ ...୧୦
- ✻ ଯୋଗ୍ୟ କୋଷାଧକ୍ଷ ...୧୧
- ✻ ଜୀବନ୍ତ ଦେବତା ...୧୬
- ✻ ସନ୍ତୋଷ ...୨୧
- ✻ ମିତ୍ର ଭେଦ – ୨୬ ...୨୫
- ✻ ସମାଲୋଚନା ...୨୮
- ✻ ଶିକାରୀ ...୩୧
- ✻ ପାର୍ଥକ୍ୟ ...୩୩
- ✻ ଭାଗ୍ୟର ଖେଳ ...୩୫
- ✻ ପ୍ରମାଣ ...୩୯
- ✻ ଦୁହିଁଙ୍କ ଭିତରେ ପ୍ରଭେଦ ...୪୨
- ✻ ଦୋଷାରୋପ ...୪୪
- ✻ ଦୁର୍ଜ୍ଜନ ସହିତ ସଂପର୍କ ...୪୮
- ✻ ମୋକ୍ଷ ପ୍ରାପ୍ତି ...୫୨
- ✻ ବୀରର ଇଚ୍ଛା ...୫୪
- ✻ ସିଦ୍ଧିଲାଲୟମ୍ – ୨୨ ...୫୫
- ✻ ସଚ୍ଚା ସନ୍ୟାସୀ ...୬୩
- ✻ ପାପ କାହାର? ...୬୪
- ✻ କଳାଧନ ...୬୮
- ✻ "ଭଲ ହେଲା" ...୭୦
- ✻ ମୁଁ କ'ଣ ହେବି ? ...୭୧
- ✻ ଜହ୍ନମାମୁ ସାଧାରଣ ଜ୍ଞାନ ଧନ୍ଦା – ୩୬ ...୭୨
- ✻ ହସି ହସି ଗଡ଼ିଯା ...୭୩
- ✻ ରାଜାଘର ଖାନା ...୭୪
- ✻ ଡିବ୍ ଡିବ୍ର ଡିବା ...୭୬
- ✻ ଭାରତ ଦର୍ଶନ ...୭୮
- ✻ ବୀରବଲ ...୮୦
- ✻ ଟ୍ରେଜର ବକ୍ସ ...୮୨

© The stories, articles and designs contained in this issue are the exclusive property of the Publishers. Copying or adapting them in any manner/ medium will be dealt with according to law.

Deb's Library Corner...
Tambahara,Kendujhar
9556804309
debaraj.123456789@gmail.com

ପ୍ରିୟ ବନ୍ଧୁଗଣ!!!

ଜହ୍ନମାମୁ ପରିବାର ପ୍ରତ୍ୟେକ ପାଠକଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଉଛି! ଆମ୍ଭେମାନେ ଏ ବର୍ଷକୁ ଗତ ବର୍ଷ ତୁଳନାରେ ଅଧିକ ସମୃଦ୍ଧ କରିବା ପାଇଁ ମନରେ ଅନେକ ନୂତନ ଆଶା, ଆକାଂକ୍ଷା ଓ ଉଦ୍ଦୀପନା ନେଇ ନୂଆବର୍ଷରେ ପାଦ ଦେଉଛନ୍ତି।

ଜାନୁଆରୀ ମାସ ୧୪ତାରିଖରେ ସାରା ଦେଶରେ ପାଳିତ ହେବ ମକର ସଂକ୍ରାନ୍ତି, ସୂର୍ଯ୍ୟଙ୍କ ପରିକ୍ରମଣର ଦିଗ ପରିବର୍ତ୍ତନର ପ୍ରତୀକ। ଦକ୍ଷିଣରେ ଏହି ଅବସରକୁ କୁହାଯାଏ ପୋଙ୍ଗଲ। ଫସଲ ଅମଳର ଆନନ୍ଦରେ ମହକି ଉଠିଥାଏ ଏହି ଉତ୍ସବ।ଏହି ମାସରେ ମଧ୍ୟ ପଡୁଛି ବିଦ୍ୟା, କଳା ଓ ସଂଗୀତର ଦେବୀ ମା ସରସ୍ୱତୀଙ୍କର ପୂଜା ଉତ୍ସବ।

୨୦୧୧ ସାରା ବିଶ୍ୱପାଇଁ ସବୁଦିଗରୁ ଥିଲା ଉତ୍‌ଥାନ ପତନର ସମୟ। ୟୁରୋପରେ ଠକାମି ବୃଦ୍ଧି ପାଇଥିଲା ଏବଂ ସମଗ୍ର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଥିଲା। ମଧ୍ୟପ୍ରାଚ୍ୟରେ ଗଣତନ୍ତ୍ରର ଡାକରା ସକ୍ରିୟ ହୋଇଉଠିଥିଲା। ପ୍ରକୃତିର ଭୟଙ୍କର ରୂପ ସୁନାମୀ, ବନ୍ୟା ଇତ୍ୟାଦି ମଧ୍ୟ ଦେଖିଲେ। କିନ୍ତୁ ତାହା ସହିତ ଏ ବର୍ଷ ଭାରତ କ୍ରିକେଟରେ ବିଶ୍ୱ ଚାମ୍ପିଅନ ଭାବରେ ଗୌରବ ଅର୍ଜନ କଲା ଏବଂ ଆମ ଦେଶରେ ପ୍ରଥମ ଥର ପାଇଁ ଏଫ୍‌ୱାନ୍ ରେସ୍ ଆୟୋଜିତ ହେଲା। ଦେଶରେ ମଧ୍ୟ ଦୁର୍ନୀତି ନିୟନ୍ତ୍ରଣ କରିବା ପାଇଁ ଜନସଚେତନତା ସରକାରଙ୍କୁ ସକ୍ରିୟ କଲା।

ଆମ ଦେଶର ଆତ୍ମା ଅପ୍ରତିହତ। ଆମେ କେବେ ବି କୌଣସି ପରିସ୍ଥିତିରେ ହାର୍ ମାନିବାର ଜାତି ନୁହଁ। ବାହ୍ୟଶକ୍ତିର ଆକ୍ରମଣରୁ ମଧ୍ୟ, ଏହି ମନୋବୃତ୍ତି ଆମର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସାହାଯ୍ୟ କରିଛି। ଏ ସମସ୍ତ ପରମ୍ପରା ସହିତ ଆମେ ପାଳନ କରିବା ଆମର ଗଣତନ୍ତ୍ର ଦିବସ, ଜାନୁଆରୀ ୨୬ତାରିଖରେ। ଆମ୍ଭେମାନେ ପୁଣି ଥରେ ଦେଶର ସ୍ୱାର୍ଥ ପାଇଁ ଏକାଠି ହେବା। ଆମର ସମସ୍ତ ବିଭିନ୍ନତାକୁ ଦୂରେଇ ଦେଇ ଏକାଗ୍ର ଚିତ୍ତରେ ଦେଶ ନିର୍ମାଣ ପ୍ରତି ଧ୍ୟାନ ଦେବା। ଗତ ୬୪ବର୍ଷ ମଧ୍ୟରେ ଆମେମାନେ କିଛି ହାସଲ କରିଛନ୍ତି, କିନ୍ତୁ ଆହୁରି ଅନେକ ଦୂର ଯିବାକୁ ଅଛି। ଆମ୍ଭେମାନେ ଆର୍ଥିକ ସ୍ଥିତି, ଅଗ୍ରଗତି ଦୃଷ୍ଟିରୁ ଦେଶର ଅଗ୍ରଣୀ ନେତା ଭାବରେ ଠିଆ ହେବାକୁ ଯାଉଛନ୍ତି। ଆମେ ଚାହିଁବୁ ଆମର ପାଠକମାନେ ଦେଶର ଅଗ୍ରଗତି ପାଇଁ କଣ କରାଯାଇପାରିବ ଆମକୁ ତାଙ୍କର ମତାମତ ଲେଖି ପଠାଇବେ।

– ସଂପାଦକ

ପାଠକଙ୍କ ପୃଷ୍ଠା

ମୋର ବୟସ ୬୫ବର୍ଷ। କିନ୍ତୁ ମୁଁ ପିଲାଙ୍କ ପରି ଚନ୍ଦାମାମା ପଢ଼ିବାକୁ ଭଲପାଏ। କିନ୍ତୁ ଆଜିକାଲି ସଂସ୍କୃତ ଚନ୍ଦାମାମାରେ କେତେକ ମୁଦ୍ରଣ ତ୍ରୁଟି ଦେଖୁଛି।

–ଅନନ୍ତରାମ, ପୁଟପର୍ତ୍ତୀ

ମୁଁ ଜହ୍ନମାମୁର ଜଣେ ନିୟମିତ ଗ୍ରାହକ। ଗତ ଛଅବର୍ଷ ହେଲା ମୁଁ ଜହ୍ନମାମୁ ପଢୁଛି ଏବଂ ଏହା ୬ବର୍ଷ ତଳେ ଯେପରି ଥିଲା ଏବେ ବି ମୋତେ ଠିକ୍ ସେମିତି ମନେହେଉଛି। ମୋତେ ଏହାର ''ବିକ୍ରମ ଏବଂ ବେତାଳ'', ''ଜାତକ କଥା'', ''ପଞ୍ଚତନ୍ତ୍ର'' ସବୁଠାରୁ ବେଶୀ ଭଲ ଲାଗେ। ଦୟାକରି ପୁଣି ଥରେ ରାମାୟଣ ଏବଂ ୨୫ବର୍ଷ ତଳର କାହାଣୀ ପ୍ରକାଶିତ କରନ୍ତୁ।

–କୀର୍ତ୍ତିରଂଜନ ଲେଙ୍କା, କେନ୍ଦ୍ରାପଡ଼ା, ଓଡ଼ିଶା

ସମସ୍ତ ଭାରତୀୟମାନଙ୍କ ପାଇଁ ମୋର ପରାମର୍ଶ, ଦୟାକରି ଆପଣଙ୍କ ନିଜ ଭାଷାରେ ଚନ୍ଦାମାମା ପଢ଼ନ୍ତୁ । ନିଜେ ପଢ଼ିବା ସହିତ ପିଲାମାନଙ୍କୁ ମଧ୍ୟ ଏହାକୁ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ, ଯାହାଦ୍ୱାରା ସେମାନେ ଏହାର ନୈତିକ ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରିବେ ଏବଂ ଆମର ଗୌରବମୟ ଅତୀତ, ମହାନ ପରମ୍ପରା ବିଷୟରେ ଜାଣିପାରିବେ ଏବଂ ଭଲ ମଣିଷ ହୋଇପାରିବେ।

–ବି.ରାଜେଶ୍ୱର ମୂର୍ତ୍ତି, ଚିଲକାଲାପୁଡି, ବନ୍ଦର, କ୍ରିଷ୍ଣା ଜିଲ୍ଲା

ଗତ ମାସ ୩୧ତାରିଖରେ ମୁଁ ପାଇଲି ଚନ୍ଦାମାମାର ସଂଖ୍ୟାଟି। ଚନ୍ଦାମାମା ଯେପରି ନିୟମିତ ଭାବରେ ପ୍ରକାଶିତ ହେଉଛି ଅନ୍ୟ କୌଣସି ପତ୍ରିକା ସେପରି ନିୟମିତ ପ୍ରକାଶିତ ହେଉଥିବାର ମୁଁ ଦେଖିନାହିଁ। ଚନ୍ଦାମାମାରେ ପ୍ରକାଶିତ କାହାଣୀଗୁଡ଼ିକ ବାସ୍ତବ ଘଟଣା ପରି ମନେହୁଏ। ଏହା ପିଲାମାନଙ୍କର ମନକୁ ବହୁ ମାତ୍ରାରେ ପ୍ରଭାବିତ କରିଥାଏ। ଏଥିରେ ଥିବା ରଙ୍ଗୀନ ଚିତ୍ରାଙ୍କନ ସବୁ ଦୃଷ୍ଟିରୁ ଉଚ୍ଚକୋଟୀର। କିନ୍ତୁ ଏ ବୟସର ପିଲାଙ୍କ ପାଇଁ ଭାଷା ଟିକିଏ କଷ୍ଟକର ମନେହେଉଛି। ଯଦି ଭାଷାକୁ ଟିକେ ସରଳ କରିହୁଅନ୍ତା ପିଲାମାନେ ଅଧିକ ଉପଭୋଗ କରନ୍ତେ।

–ବି.ଜି. ମୋହନରାଓ, ତିରୁନିନ୍ଦ୍ରାଭୁର

ପିଲାମାନେ ନୌଯାତ୍ରା କରୁଥିବାର ଦୃଶ୍ୟ ଚନ୍ଦାମାମାର ପ୍ରଚ୍ଛଦ ଚିତ୍ରରେ ଦେଖି ମନ ଆନନ୍ଦରେ ଭରିଗଲା। ମୁଁ ପତ୍ରିକାରେ ପ୍ରକାଶ କରିବା ପାଇଁ ପଠାଇଥିବା ମୋର ସ୍ମୃତି କେବେ ପ୍ରକାଶିତ ହେବ ଅପେକ୍ଷା କରି ରହିଛି। ବର୍ଣ୍ଣିକୁ ବାଇସାଇକେଲ ଦେଇ ବାପା କିପରି ଖୁସି କରାଇଲେ ସେ କାହାଣୀ ପଢ଼ି ମୋତେ ଭାରି ଭଲ ଲାଗିଲା। ଠିକ୍ ସେହିପରି ସୁଲତାନ୍ ଏବଂ ଫକୀର ଯେପରି ଯୁକ୍ତିତର୍କ କଲେ ଏବଂ ଦେଖାଇଦେଲେ ଯେ ପଶୁମାନେ ମଣିଷ ମାଂସ ଖାଆନ୍ତି ନାହିଁ। ଦୟାକରି ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର ବନ୍ଦ କରିଦିଅନ୍ତୁ। ଚକୋଲେଟ୍ ବିଷୟରେ କାହାଣୀ ଭାରି ମଜାଦାର। ଅନେକ ବୟସ୍କ ବ୍ୟକ୍ତି ମଧ୍ୟ ଚକୋଲେଟ୍ ବିଷୟରେ ଏତେକଥା ଜାଣିନଥିଲୁ।

–ବାସୁ ରାମଚନ୍ଦ୍ର, ରାମଜୀ ନଗର, ନେଲୋର

ଆମେ ୬ମାସ ତଳେ ମୋର ପୁତୁରା ପାଇଁ ଚନ୍ଦାମାମାର ଗ୍ରାହକ ହେଲୁ। ବର୍ତ୍ତମାନ ଆମ ଘରେ ଆଉ ଗୋଟିଏ ସମସ୍ୟା ଦେଖାଦେଇଛି। ପିଲାମାନେ କିଏ ପ୍ରଥମେ ଚନ୍ଦାମାମା ପଢ଼ିବ ତାକୁ ନେଇ ସବୁ ଥର ଝଗଡ଼ା କରୁଛନ୍ତି। ଆମକୁ କହିବାକୁ ପଡୁଛି ଯେ ସେମାନଙ୍କ ଭିତରୁ କିଏ ପ୍ରଥମେ ପଢ଼ିବ ଏବଂ ତା'ପରେ କାହାକୁ ଦେବ। ସେମାନେ ଶୁଣିବାକୁ ପ୍ରସ୍ତୁତ ନୁହଁ। ମୋ ଝିଅ ଯେ କି ସବୁ ଜିନିଷ ହାସଲ କରିବାରେ ଧୁରନ୍ଧର, ସେ ଚାହୁଁଛି ଯେ ଜହ୍ନମାମୁ ତା' ଠିକଣାରେ ଆସିବା ଉଚିତ୍। ପିଲାମାନଙ୍କ ଭିତରେ ଏପରି ମାନ ଅଭିମାନ ରାଗରୁଷାକୁ ଦେଖି ଆମେ ସମାନ ଠିକଣାରେ ଆଉ ଗୋଟିଏ ଚନ୍ଦାମାମା ମଗାଇବାକୁ ନିଷ୍ପତ୍ତି ନେଇଛୁ। ପ୍ରତ୍ୟେକଙ୍କ ନାଁରେ ଗୋଟିଏ ଗୋଟିଏ ବହି ଆସିବ। ଯେତେବେଳେ ମୋତେ କେହି ପଚାରନ୍ତି ତୁମେ କ'ଣ ଏ ବୟସରେ ଚନ୍ଦାମାମା ପଢୁଛ, ମୁଁ ରାଗିଯାଏ। ମନେ ମନେ ଭାବେ ମୁଁ ଚନ୍ଦାମାମା ପଢ଼ିଲେ ସେମାନଙ୍କର କାହିଁକି ଅସୁବିଧା ହେଉଛି? ସେମାନେ ବୋଧହୁଏ କେବେ ପଢ଼ିନାହାନ୍ତି।

–ଜ୍ଞାନପ୍ରସୁନ, ରେନିଗୁଣ୍ଟା, ତିରୁପତି

ମୋତେ ଚନ୍ଦାମାମାକୁ କିଛି କହିବାକୁ ଅଛି। ଦୟାକରି ପୁଣି ଥରେ ଫଟୋ ପରିଚୟ ପ୍ରତିଯୋଗିତା ଆରମ୍ଭ କରନ୍ତୁ। ଦୟାକରି ସୁଡ଼ୋକୁ ଏବଂ ପ୍ରଶ୍ନୋତ୍ତର ମଧ୍ୟ ଜାରି ରଖନ୍ତୁ। ସେଗୁଡ଼ିକ ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିଥାଏ। ପଞ୍ଚତନ୍ତ୍ର ଏବଂ ସିଦ୍ଧିଲାଲୟମ ଧାରାବାହିକର କାହାଣୀ ମନଛୁଆଁ ମୋଡ଼ ନେଉଛି। ଦୟାକରି ଆମକୁ ଏବର୍ଷ ନୂଆବର୍ଷରେ କିଛି ଭଲ ଉପହାର ଦିଅନ୍ତୁ ଏବଂ ପ୍ରତିଯୋଗିତା, ପ୍ରଶ୍ନୋତ୍ତର ଓ ପଜଲ୍ ଧନ୍ଦା ଜାରି ରଖନ୍ତୁ।

–ବିକାନୁରୁ ରାଜେଶ୍ୱର, ପୋଙ୍ଗଲ, ଆଦିଲାବାଦ

ଦୟାକରି ୧୯୬୮–୬୯ କୃଷ୍ଣ ଅବତାର ଧାରାବାହିକ ଚିତ୍ର ସହିତ ପୁନଃପ୍ରକାଶ କରନ୍ତୁ। ଦୟାକରି ଶଙ୍କର ଏବଂ ଚିତ୍ରାଙ୍କର ସଚିତ୍ର ବର୍ଣ୍ଣନା ସହିତ ଆରବ ଦେଶର କାହାଣୀ ପ୍ରକାଶିତ କରନ୍ତୁ। ମୁଁ ପ୍ରତି ମାସରେ ଚନ୍ଦାମାମା ପତ୍ରିକା ପଢ଼େ। ଏହାର କାହାଣୀ ଏବଂ ଚିତ୍ର ଅତ୍ୟନ୍ତ ଉଚ୍ଚକୋଟୀର। ଦୟାକରି ପୃଷ୍ଠାର ସଂଖ୍ୟା କମ୍ କରି ଟିକେ ଚଉଡ଼ା ବଢ଼ାନ୍ତୁ। ଯଦି ଆବଶ୍ୟକ ମୂଲ୍ୟ ବଢ଼ାଇ ପାରନ୍ତି।

–ସୁନିତା, ଚିତ୍ରକର, ହାଇଦ୍ରାବାଦ

ଚନ୍ଦାମାମାରେ ପ୍ରକାଶିତ ପ୍ରତିଟି କାହାଣୀ ଚମତ୍କାର। ମୁଁ ସବୁ ମାସରେ ଚନ୍ଦାମାମା ପଢ଼େ। କାହାଣୀ ଏବଂ ବର୍ଣ୍ଣନା ଭାରି ମନଲୋଭା। ପଞ୍ଚତନ୍ତ୍ର ଏବଂ ବେତାଳ ପଢ଼ିବାକୁ ଭାରି ଭଲ ଲାଗେ। ମୁଁ ପ୍ରତି ମାସରେ ଏହି କାହାଣୀ ପଢ଼ିବା ପାଇଁ ଚନ୍ଦାମାମାକୁ ଅନାଇ ରହିଥାଏ। ''ଡିବ୍ ଡିବ୍ ଡିବା''ରେ ଭାରତର ସବୁ ଭାଷା ବିଷୟରେ କିଛି ଶିଖିବାର ସୁଯୋଗ ମିଳୁଛି। ଚନ୍ଦାମାମାରେ ପ୍ରକାଶିତ ସାଧାରଣ ଜ୍ଞାନ ମଧ୍ୟ ଅନେକ ନୂଆ କଥା ଜାଣିବାରେ ସାହାଯ୍ୟ କରୁଛି। ଆମ୍ଭେମାନେ ଚନ୍ଦାମାମାର ସମ୍ପାଦକଙ୍କୁ ଏପରି ଅନେକ ବୈଶିଷ୍ଟ୍ୟ ଯୋଗ କରିଥିବାରୁ ଏବଂ ଚନ୍ଦାମାମାର ମହାନ ପରମ୍ପରାକୁ ବଳିଷ୍ଠ ଭାବରେ ଉପସ୍ଥାପନ କରୁଥିବାରୁ ଧନ୍ୟବାଦ ଜଣାଉଛୁ।

–ଟାଟା ଭବ୍ୟଶ୍ରୀ/ଅନିସ୍ କୁମାର, ବ୍ରାଡିପେଟା, ଗୁଣ୍ଟୁର–୨

Avail the loyalty bonus!

Chandamama Subscribers will get flat 10% off on subscription renewals! (All Editions - within India)

Chandamama!

Because stories make the world go round...

Choose your Chandamama!
Go to www.chandamamashop.com & subscribe Now!!

You can also subscribe online at: **www.chandamamashop.com**

Chandamama is available in English and 12 regional languages.
Junior Chandamama for children above 4 years is available only in English.

I want to subscribe to / gift / renew subscription for the following editions of Chandamama:

☐ English ☐ Telugu ☐ Tamil ☐ Kannada ☐ Hindi
☐ Marathi ☐ Gujarati ☐ Oriya ☐ Bengali ☐ Sanskrit
☐ Santali ☐ Malayalam ☐ Assamese ☐ Junior (Only in English)

Name: ....

Date of Birth: .... Sex: ....

Address: ....

....

....

.... City: ....

State: .... Pin: ....

Telephone: ....

Mobile: ....

Email: ....

Subscription Number (for renewals): ....

Gift Subscription to the following address:

....

....

....

....

Enclosed Cheque/DD* for Rupees..............................

Cheque/DD No ....

favouring Chandamama India Ltd on..............................

..............................bank.

* Your subscription will commence in 6 weeks.
Please mail the subscription form to:
Chandamama India Limited,
P.O.Box No:19407, Mumbai-400093.
Phone +91 22 28312872 / 28311849
Email: subscription@chandamama.com
You can also subscribe online at : www.chandamamashop.com

Take Your Pick!	1 YEAR	2 YEARS	3 YEARS	4 YEARS	5 YEARS
ENGLISH (Rs. 25/- per copy)	Rs. 300	Rs. 540	Rs. 765	Rs. 960	Rs. 1125
You Save		Rs. 60	Rs. 135	Rs. 240	Rs. 375
REGIONAL (Rs. 20/- per copy)	Rs. 240	Rs. 430	Rs. 610	Rs. 770	Rs. 900
You Save		Rs. 50	Rs. 110	Rs. 190	Rs. 300
JUNIOR (Rs. 15/- per copy)	Rs. 180	Rs. 325	Rs. 460	Rs. 575	Rs. 675
You Save		Rs. 35	Rs. 80	Rs. 145	Rs. 225

** conditions apply

Annual Subscription Overseas : US $40 for English Chandamama, US $30 for Regional Languages, US $25 for Junior Chandamama (including shipping and handling charges) by air mail.

ମୋର ସ୍ମୃତି - କନ୍ନଡ଼

୧୯୭୯ ମସିହାରେ ଯେତେବେଳେ ମୋର ବୟସ ଥିଲା ମାତ୍ର ୧୨ ବର୍ଷ ମୋର କାକା ''ଚନ୍ଦାମାମା, ବାଳମିତ୍ର, ବମ୍ବେମେନ୍'' ପତ୍ରିକା କିଣି ପଢୁଥିଲେ। ଯଦିଓ ସେତେବେଳେ ବହୁ ପ୍ରକାରର ଶିଶୁ ପତ୍ରିକା ମିଳୁଥିଲା ଚନ୍ଦାମାମା ଥିଲା ମୁଖ୍ୟ ଆକର୍ଷଣ। ସମସ୍ତ ଚନ୍ଦାମାମା ପତ୍ରିକାକୁ ସେ ସାଇତି ରଖୁଥିଲେ। ସେତେବେଳେ ମୁଁ ପଞ୍ଚମ ଶ୍ରେଣୀରେ ପଢୁଥିଲି। ମୋର ମନେ ଅଛି ମୁଁ 'ଅତରୁ ସାହେବ୍' ପ୍ରଥମ ଥର ପାଇଁ ପଢ଼ିଲି। ମୁଁ ଚନ୍ଦାମାମା ଦେଖିଲି, ଆଜି ପର୍ଯ୍ୟନ୍ତ ସେ କାହାଣୀ ମୋର ମନେ ଅଛି। ତା' ପରେ ନିୟମିତ ଚନ୍ଦାମାମା ପଢ଼ିବା ଆରମ୍ଭ କଲି। ଆଉ ଏକ ମଜାଦାର୍ କାହାଣୀ ଯାହା ମୋର ମନେ ଅଛି, ଜଣେ ମହିଳା ଭୃଷଙ୍ଗପତ୍ର ପାଇଁ ତାଙ୍କର ପଡୋଶୀଙ୍କ ସହିତ କଳି କରୁଥିଲେ। ଶୀର୍ଷକ ଥିଲା 'ନୀରିମାନେୟା ସରସମ୍ମା' (ପଡୋଶୀ ସରସମା) ଏହା ଚମତ୍କାର କାହାଣୀ ଥିଲା। ଏବେ ବି ମୋର ମନେ ଅଛି।



Name: S.M. Loni
Occupation: Teacher
Bijapur, Karnataka.

୧୯୮୨ ମସିହାରେ ମୁଁ ଯେତେବେଳେ ମୋର ଜେଜେମାଆଙ୍କ ସହିତ ବିଜାପୁର ଯାଇଥିଲି ସେ ମୋତେ ଖର୍ଚ୍ଚ କରିବାକୁ ଦୁଇ ଟଙ୍କା ଦେଇଥିଲେ। ମୁଁ ସେହି ଟଙ୍କାରେ ଚନ୍ଦାମାମା କିଣିଥିଲି। ଏହି ବହୁରଙ୍ଗୀ ଚନ୍ଦାମାମା ଭାରି ଆକର୍ଷଣୀୟ ଥିଲା। 'ବାଧ୍ୟତ୍ୟ ତିଳିଦାବନ୍ନୁ', 'ବାୟଦୁରୁସୁ ରୋଗ' କାହାଣୀ ଆମକୁ ବହୁ ନୀତି କଥା ଶିକ୍ଷା ଦେଇଛି। ''ମୁବରୁ ମନ୍ତ୍ରିକାରୁ'' ଧାରାବାହିକ ଭାରି ମନଲୋଭା ଥିଲା।

ଗତ ଦଶ ବର୍ଷର ସମସ୍ତ ସଂଖ୍ୟା ମୁଁ ଏବେ ବି ସାଇତି ରଖିଛି। ମୋର ଅନୁରୋଧ ଦୟାକରି, ପୁଣି ଥରେ 'ଅତରୁ ସାହେବ୍' ଏବଂ 'ନୀରମାନେସରସମ୍ମା' ଗପ ପ୍ରକାଶିତ କରନ୍ତୁ।

ଚନ୍ଦାମାମା ଏପରି ଏକ ପତ୍ରିକା ଯାହାକି ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ସାଧୁତା, ସତ୍ୟତା, ସ୍ୱଚ୍ଛତା, ନୀତିବାଦ ଏବଂ ଭଲ ପାଇବା ଶିଖାଏ। ପୃଥିବୀକୁ ଜିଣିବା କଳାରେ ଆମ୍ଭକୁ ପରିପୃଷ୍ଟ କରେ।

କଥାରେ ଅଛି ଓଲ୍ଡ ଇଜ୍ ଗୋଲ୍ଡ। ସେହିପରି ଦୟା କରି ଅଧିକ ପୁରୁଣା କାହାଣୀ ଚନ୍ଦାମାମାରେ ପ୍ରକାଶ କରନ୍ତୁ। ଆଜିକାଲି ଯୁଗରେ ନୀତି କଥା ଶିକ୍ଷା ଦେଉଥିବା ବିଷୟଗୁଡିକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ପରିବେଶ ଏବଂ ପଶୁପକ୍ଷୀଙ୍କ ମଧ୍ୟରେ ଗୋଟିଏ ଦୁଇଟି କାହାଣୀ ଯଥେଷ୍ଟ। ଦୟା କରି ପୁରୁଣା କାହାଣୀ ଯେଉଁ କାହାଣୀରେ ନୀତି କଥା, ତର୍କ ଏବଂ ସତ୍ୟତା ଲୁଚି ରହିଛି ତାହାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ। ଆମ ଘରେ ପିଲାମାନେ ମଧ୍ୟ ଚନ୍ଦାମାମାକୁ ଭାରି ଭଲ ପାଆନ୍ତି।

ମୋର ସ୍ମୃତି – ହିନ୍ଦୀ

ମୋର ଚନ୍ଦାମାମା ସହିତ ସ୍ୱତନ୍ତ୍ର ସଂପର୍କ। ପିଲାଟି ଦିନରୁ ବେଶ୍ ନିବିଡ଼ ଏହି ସଂପର୍କ। ମୁଁ ଜନ୍ମ ହେଲା ବେଳକୁ ମୋର ପିତାମାତା ସୀତାପୁରରେ ବାସ କରୁଥିଲେ। ବୋଧହୁଏ ଯେତେବେଳେ ମୁଁ ଜନ୍ମ ହୋଇ ନ ଥିଲି ସେତେବେଳଠାରୁ ମୋ ପିତାମାତା ଚନ୍ଦାମାମାର ଗ୍ରାହକ ହୋଇଯାଇଥିଲେ। ବିଚିତ୍ର ଜଡୁଓ୍ୱା, ଭୟଙ୍କର ଘାଟୀ, ମାନ୍ତ୍ରିକ, ସିଦ୍ଧିଲାଲୟମ୍, ଦୁର୍ଗେଶନନ୍ଦିନୀ ଏବେ ବି ମୋତେ ରୋମାଞ୍ଚିତ କରେ।

ମୋର ବାପା ମୋ ପାଇଁ ଚନ୍ଦାମାମାର ସଂଖ୍ୟାଗୁଡିକୁ ବନ୍ଧେଇ କରି ଆଣିଥିଲେ। ସେ ସବୁରୁ ଅଧିକାଂଶ ଆମର ସଂପର୍କୀୟମାନେ ସାଂଗରେ ନେଇଯାଇଥିଲେ। କିନ୍ତୁ ତଥାପି ମୋ ପାଖରେ ଢ଼େର୍ ବହି ରହିଛି। ସେମାନଙ୍କ ଘରେ ଏବଂ ଆମ ଘରେ ସବୁ ସ୍ଥାନରେ ନୂତନ ଚନ୍ଦାମାମାକୁ ବନ୍ଧେଇ କରି ରହିବାର ଆଗ୍ରହ ଏବେ ବି ରହିଛି।



Name: Krishna Gopal
Occ: Sr. Sub Editor, Aaj.
Gorakhpur (U.P.).

କିଛି ବର୍ଷ ପାଇଁ ୭୮-୮୨ ମସିହା ମଧ୍ୟରେ ଯେତେବେଳେ ମୁଁ ପଞ୍ଜାବରେ ଥିଲି, ମୁଁ ହିନ୍ଦୀ ଏବଂ ପଞ୍ଜାବୀରେ ଚନ୍ଦାମାମା କିଣୁଥିଲି। ପଞ୍ଜାବୀ ଶିଖିବାରେ ମୋତେ ଏହା ସାହାଯ୍ୟ କଲା। ମୁଁ ପିଲାଦିନର ଗୋଟିଏ ଘଟଣା ମନେ ରଖିଛି। ଭାବୁଛି ବୋଧହୁଏ ଡିସେମ୍ବର ମାସ ୧୯୬୫ ମସିହା ମୋର ବାପା କାର୍ଯ୍ୟାଳୟର କାମ ନେଇ ବାହାରକୁ ଯାଉଥିଲେ। ମୁଁ ତାଙ୍କୁ ମୋ ପାଇଁ କିଛି ଆଣିବା ପାଇଁ କହିଲେ। ବାପାଙ୍କୁ ମୋ ପାଇଁ ଚନ୍ଦାମାମା ଆଣିବା ପାଇଁ କହିଥିଲି। କିନ୍ତୁ ସେ ଫେରିଲା ବେଳେ ମୋ ପାଇଁ ବିଭିନ୍ନ ପ୍ରକାରର ମିଠେଇ ଆଣିଥିଲେ ଏବଂ ବହୁତଗୁଡିଏ ପତ୍ରିକା ମଧ୍ୟ ଆଣିଥିଲେ। କନ୍ତୁ ସେଥିରେ ଚନ୍ଦାମାମା ନ ଥିଲା। ମୁଁ କିଛି ନେଲି ନାହିଁ, ଏପରି କି କିଛି ଦିନ ପର୍ଯ୍ୟନ୍ତ ଖାଇଲି ନାହିଁ। ତା' ପରେ ମୋର ବାପା ପ୍ରତି ମାସରେ ହକର୍‌କୁ ଚନ୍ଦାମାମା ଦେବା ପାଇଁ ବରାଦ୍ ଦେଲେ।

ଯେତେବେଳେ ମୋର ପିଲାମାନେ ଜନ୍ମ ହୋଇ ନ ଥିଲେ, ଆମ୍ଭେମାନେ ଚନ୍ଦାମାମା ପଢୁଥିଲୁ। ମୋର ଝିଅ ସୁରଭି ଶ୍ରୀବାସ୍ତବ ଦୁଇ ଥର ଚନ୍ଦାମାମା ପବ୍ଲିକେସନର କାହାଣୀ ଲେଖିକା ଭାବରେ ପୁରସ୍କୃତ ହୋଇଛି। ତା'ର ସାଫଲ୍ୟରେ 'ଚନ୍ଦାମାମା'ର ମଧ୍ୟ ଯଥେଷ୍ଟ ଅବଦାନ ରହିଛି।

Request to readers: Contributors of stories, memories are requested to send in their entries with their complete name, address, phone no and other contact details to enable us to get back to you.

Write to us:

Chandamama India Ltd., No:2 Ground Floor,
Swathi Enclave, Amman koil street, Vadapalani, Chennai-600026.

• Phone: 044-43992828 • Email : online@chandamama.com

ବିକ୍ରମ ବେତାଳ

ଯୋଗ୍ୟ କୋଷାଧ୍ୟକ୍ଷ

ରାଜା ବିକ୍ରମାର୍କ ପୁନର୍ବାର ବୃକ୍ଷ ନିକଟକୁ ନେଉଟି ଆସିଲେ। ସେ ପୁଣି ଥରେ ଶବଟିକୁ ବୃକ୍ଷରୁ ଉତାରି ଆଣି କାନ୍ଧରେ ପକାଇଲେ। ତା' ପରେ, ସବୁଦିନ ପରି ନୀରବରେ ଦୃଢ଼ତାର ସହିତ ଶ୍ମଶାନ ଆଡ଼କୁ ଅଗ୍ରସର ହେଲେ।

ହଠାତ୍ ଶବସ୍ଥିତ ବେତାଳ କହିବାକୁ ଆରମ୍ଭ କଲା। "ହେ ରାଜନ୍! ମୋର ସନ୍ଦେହ ହେଉଛି ଯେ ତୁମେ କୌଣସି ଆଲୌକିକ ଶକ୍ତି ଲାଭ କରିବା ପାଇଁ ଏପରି କଠିନ ପରିଶ୍ରମ କରୁଛ କିମ୍ବା ତୁମେ ଭାବୁଛ ଯେ ଏ ପୃଥିବୀ ସମସ୍ତେ ସ୍ୱାର୍ଥପର ଏବଂ ଲୋଭୀ। ସାଧୁ, ସତ୍ୟନିଷ୍ଠ ଏବଂ ବିଶ୍ୱସ୍ତ ଭାବରେ ଏତେ ସ୍ୱାର୍ଥପର ଲୋକଙ୍କ ଗହଣରେ ଜୀବନଧାରଣ କରିବା ସହଜ କଥା ନୁହେଁ।"

"ମୁଁ ତୁମକୁ କାହାଣୀଟିଏ କହିବି, ସେଥିରୁ ତୁମେ ଜାଣିପାରିବ ଯେ ଏତେ ଲୋଭୀ ଲୋକଙ୍କ ମଧ୍ୟରେ ସାଧୁ ଲୋକ ମଧ୍ୟ ଅଛନ୍ତି।"

ବହୁ ଦିନ ତଳର କଥା, କାଶୀ ଥିଲା ଭାରତର ବିଶ୍ୱବିଖ୍ୟାତ ସହର। ଏହି ଛୋଟିଆ

ସହରଟିର ନିଜସ୍ୱ ସ୍ୱାତନ୍ତ୍ର୍ୟ ସହିତ ଗୁରୁତ୍ୱ ମଧ୍ୟ ରହିଥିଲା। ଏହା ଥିଲା ଏକ ଧର୍ମନିରପେକ୍ଷ ରାଜ୍ୟ। କାଶୀର ରାଜାଙ୍କୁ ସମଗ୍ର ବିଶ୍ୱରେ ସମ୍ମାନୀୟ ବ୍ୟକ୍ତି ଭାବରେ ଗଣାଯାଉଥିଲା। ସେତେବେଳେ ରାଜୁତି କରୁଥିଲେ ରାଜା ଦେବେଶ୍ୱର ପ୍ରତାପ ସିଂହ।

କାଶୀର ରାଜା ଦେବେଶ୍ୱର ପ୍ରତାପ ସିଂହ ଭାରୀ ସାହସୀ ଏବଂ ସାଧୁ ପ୍ରକୃତିର ଥିଲେ। ସେ ପ୍ରଜାମଙ୍ଗଳ ଏବଂ ପ୍ରଜାମାନଙ୍କର ସୁଖଶାନ୍ତି ପ୍ରତି ଅଧିକ ଧ୍ୟାନ ଦେଉଥିଲେ। କାଶୀ ରାଜ୍ୟର ଲୋକେ ମଧ୍ୟ ରାଜାଙ୍କୁ ଭାରି ଭକ୍ତି କରୁଥିଲେ। ଦୀର୍ଘ ଦିନର ଶାସନ କାର୍ଯ୍ୟ ତୁଲାଇବା ପରେ, ରାଜା ଖୁବ୍ କ୍ଳାନ୍ତ ହୋଇପଡ଼ିଲେ।

ସେ ତାଙ୍କର ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଶାସ୍ତ୍ରୀଙ୍କ ସହିତ ଆଲୋଚନା କଲେ।

ଶାସ୍ତ୍ରିଜୀ କହିଲେ, ''ଆପଣଙ୍କ ଉପରେ ପ୍ରାଶାସନିକ କାର୍ଯ୍ୟ ଭାର ଅଧିକ ହୋଇଯାଉଛି। ଆପଣ ବିଶ୍ରାମ ନେବା ଆବଶ୍ୟକ। ରାଜା ହୋଇଥିବାରୁ ଆପଣ ହେଉଛନ୍ତି ରାଜ୍ୟର ସର୍ବୋଚ୍ଚ ଅଧିକାରୀ। ରାଜ୍ୟର ସଂପତ୍ତିର ଦାୟିତ୍ୱ ମଧ୍ୟ ଆପଣଙ୍କର। ତେଣୁ ରାଜକୋଷର ରକ୍ଷଣାବେକ୍ଷଣ ପାଇଁ ଜଣେ କୋଷାଧ୍ୟକ୍ଷ ନିଯୁକ୍ତ କରିବା ଉଚିତ୍ ହେବ। ଆପଣ ଅତିରିକ୍ତ କାର୍ଯ୍ୟ କରିପାରିବେ। ପାରମ୍ପରିକ ଭାବରେ କାଶୀ ରାଜା ସମସ୍ତ ଭାର ବହନ କରୁଥିଲେ। ତେଣୁ ଆପଣଙ୍କର ଦାୟିତ୍ୱ ବଢ଼ି ଯାଉଛି। କୋଷାଧ୍ୟକ୍ଷଙ୍କୁ ନିଯୁକ୍ତ କଲେ ଆପଣ ଅନ୍ୟ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ସମୟ ପାଇପାରିବେ।''

ରାଜା ପଚାରିଲେ, ''କିନ୍ତୁ କାହିଁକି? ରାଜା ରାଜ୍ୟର ପ୍ରାଶାସନିକ ସମସ୍ୟାର ସମାଧାନ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ୍। କିନ୍ତୁ ସେ କାହିଁକି ରାଜକୋଷ ପାଇଁ ଦାୟୀ ହେବେ? ଆପଣ ଠିକ୍ କହୁଛନ୍ତି। ମୋର ବୋଝ ବହୁତ ଅଧିକ ହୋଇଯାଉଛି। କିନ୍ତୁ ରାଜାଙ୍କ ପାଇଁ ଗୋଟିଏ ବ୍ୟବସ୍ଥା ରହିଛି। ଏହାର ମୂଳ କାରଣ କଣ ହୋଇପାରେ?''

ଶାସ୍ତ୍ରିଜୀ କହିଲେ, ''ବାସ୍ତବରେ, ପାରମ୍ପରିକ ଭାବରେ କାଶୀର ରାଜା ରାଜ୍ୟର ରାଜକୋଷ ପରିଚାଳନା କରୁନଥିଲେ। ଆପଣଙ୍କର ପିତା ଯୁଦ୍ଧବୀର ସିଂହ ଏହି ପରମ୍ପରା ସୃଷ୍ଟି କରିଥିଲେ। ତେଣୁ ରାଜ୍ୟ ଶାସନ ସହିତ ଏହି ଅତିରିକ୍ତ ବୋଝ ଆପଣଙ୍କୁ ଧାରଣ କରିବାକୁ ପଡ଼ିଲା। ଆପଣଙ୍କର ଦାୟିତ୍ୱ ବଢ଼ିଗଲା।''

''ଶାସ୍ତ୍ରୀ ମହୋଦୟ, ଆପଣ ଜଣେ ଭାରି ଅଭିଜ୍ଞ ବ୍ୟକ୍ତି ଏବଂ ବୟୋଜ୍ୟେଷ୍ଠ ମଧ୍ୟ। ମୁଁ ମୋ ବାପାଙ୍କୁ ମଧ୍ୟ ଆପଣ ଉପଦେଶ ଦେବାର ଦେଖିଛି। ସେ ବହୁ ବିଷୟରେ ଆପଣଙ୍କ ସହିତ

ଆଲୋଚନା କରନ୍ତି। ଦୟା କରି କାଶୀରେ ଏପରି ପରମ୍ପରା ସୃଷ୍ଟି କରାଯିବାର କାରଣ କଣ ମୋତେ ବୁଝାଇ କହନ୍ତୁ।'' ଶାସ୍ତ୍ରୀ ହସିଦେଇ କହିଲେ, ''ଏହି ଐତିହାସିକ ଘଟଣା ପଛରେ ଏକ ଲଜ୍ଜ୍ୟାଜନକ ଇତିହାସ ରହିଛି। ଆପଣଙ୍କର ପିତା ଛଦ୍ମବେଶରେ ବୁଲି ସଦାସର୍ବଦା ଦେଶର ସୁଖଦୁଃଖ ବୁଝୁଥିଲେ। ଲୋକଙ୍କର ଅବସ୍ଥା ଦେଖୁଥିଲେ। ସେତେବେଳେ ସେ ମଧ୍ୟ ସରକାରୀ ସେବକମାନଙ୍କ କାର୍ଯ୍ୟ ତଦାରଖ କରୁଥିଲେ। ଛଦ୍ମବେଶରେ ଥିବାରୁ ଲୋକେ ତାଙ୍କୁ ଚିହ୍ନି ପାରୁ ନଥିଲେ, ତେଣୁ ସେ ରାଜ୍ୟରେ କଣ ଘଟୁଛି ସେ ବିଷୟରେ ଜାଣି ପାରୁଥିଲେ।''

''ମୁଁ ମଧ୍ୟ ରାଜାଙ୍କ ସହିତ ଛଦ୍ମବେଶରେ ଭ୍ରମଣ କରୁଥିଲି। ଦିନେ ରାତିରେ ସେ ଛଦ୍ମବେଶରେ ସହର ଭ୍ରମଣ ସାରି ଫେରୁଥିଲେ, ସେ ରାଜକୋଷରେ ପ୍ରବେଶ କଲେ। ସେଠାରେ ଯାହା ଦେଖିଲେ ଆଶ୍ଚର୍ଯ୍ୟ ହେଲେ। ଅନ୍ଧାର ରାତିରେ ମଧ୍ୟ ରାଜକୋଷ ଗୃହ ଆଲୋକିତ ଦିଶୁଥିଲା। ସେ ମଧ୍ୟ କେହି କଥାବାର୍ତ୍ତା ହେଉଥିବାର ଶୁଣିଲେ। ପାଦ ଚିପି ଚିପି ଭିତରକୁ ଯାଇ ଯାହା ଦେଖିଲେ ଆଶ୍ଚର୍ଯ୍ୟ ହୋଇଗଲେ। ରାଜ୍ୟର କୋଷାଧ୍ୟକ୍ଷ ତାଙ୍କର ବ୍ୟକ୍ତିଗତ ସହାୟକଙ୍କ ସାହାଯ୍ୟରେ ରାଜକୋଷରୁ ଚୋରି କରିବାକୁ ଚେଷ୍ଟା କରୁଥିଲେ। ସେ ଚୋରି କରୁଥିବା ଅବସ୍ଥାରେ ଧରାପଡ଼ିଲେ। କୋଷାଧ୍ୟକ୍ଷ ପଳାଇଯିବାକୁ ସକ୍ଷମ ହେଲେ। କିନ୍ତୁ ତାଙ୍କର ସହାୟକ ଧରାପଡ଼ିଲେ।

''ରାଜା ତୁରନ୍ତ ତାଙ୍କୁ ଧରି ଆଣି ପରଦିନ ରାଜଦରବାରରେ ଉପସ୍ଥିତ କରାଇବା ପାଇଁ ଆଦେଶ ଦେଲେ।''

''ପରଦିନ, ଆପଣଙ୍କର ପିତା ରାଜା ଯୁଦ୍ଧବୀର ସିଂହ ତାଙ୍କର ସମସ୍ତ ସହାୟକଙ୍କୁ ପରିଷଦକୁ ଡକାଇଲେ। ଏହି ଅପରାଧ ବିଷୟରେ ଆଲୋଚନା କରାଗଲା ଏବଂ

ସମସ୍ତେ ସମ୍ମତ ହେଲେ ଯେ କୋଷାଧ୍ୟକ୍ଷ ଗୁରୁତର ଅପରାଧ କରିଛନ୍ତି। ତାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଗଲା। କିନ୍ତୁ ରାଜା ଏବଂ ତାଙ୍କର ରାଜବୈଦ୍ୟ ଆଚାର୍ଯ୍ୟ ବିଦ୍ୟାଧର ଭାରି ଉଦାର ଥିଲେ।''

ଶାସ୍ତ୍ରିଜୀ କହିବା ଜାରି ରଖିଲେ, ''ସେ ମୋର ମଧ୍ୟ ପରାମର୍ଶ ମାଗିଲେ। ଆମେ ନିଷ୍ପତ୍ତି ନେଲୁ ଯେ ଦୁର୍ନୀତିଗ୍ରସ୍ତ କୋଷାଧ୍ୟକ୍ଷଙ୍କୁ ସମଗ୍ର ନଗରବାସୀଙ୍କ ସମ୍ମୁଖରେ ଅପମାନିତ କରାଯିବ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବ। କିନ୍ତୁ କୋଷାଧ୍ୟକ୍ଷ ଏହି ଦଣ୍ଡ ଭୋଗ କରିବା ସମୟରେ ଅସୁସ୍ଥ ହୋଇପଡ଼ିଲେ ଏବଂ ଏ କାହାଣୀ ଶେଷ ହେଲା।''

''ଯଦିଓ ଘଟଣାରେ ପୂର୍ଣ୍ଣଛେଦ ପଡ଼ିଗଲା, ରାଜା ଖୁବ୍ ସଚେତନ ହୋଇ ଉଠିଲେ। ସେ ନିଷ୍ପତ୍ତି ଦେଲେ ଯେ ସେହି ଦିନଠାରୁ କାଶୀର ରାଜା ନିଜେ ରାଜକୋଷର ଦାୟିତ୍ୱ ନେବେ। ସେହି ଦିନଠାରୁ ଏହି ପରମ୍ପରା ଚଳି ଆସୁଛି।''

ରାଜା କହିଲେ, ''ମୁଁ ଏହି ନିଷ୍ପତ୍ତିକୁ ସମ୍ମାନର ସହିତ ଗ୍ରହଣ କରୁଛି। କିନ୍ତୁ ଏହି ଅତିରିକ୍ତ ବୋଝ କାରଣରୁ ରାଜ୍ୟର ପ୍ରଶାସନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାର ଉପଯୁକ୍ତ ତଥା ଦୀର୍ଘସ୍ଥାୟୀ ସମାଧାନ ଆବଶ୍ୟକ। ଯାହାଦ୍ୱାରା କି ନିୟମ ପାଳନ କରାଯିବ, ରାଜକାର୍ଯ୍ୟ ସୁରୁଖୁରୁରେ ଚାଲିବ ଏବଂ ରାଜକୋଷ ମଧ୍ୟ ସୁରକ୍ଷିତ ରହିବ।''

ପ୍ରଧାନମନ୍ତ୍ରୀ କହିଲେ, ''ଏକମାତ୍ର ଦୀର୍ଘସ୍ଥାୟୀ ସମାଧାନ ହେଉଛି, ମୁଁ ଭାବୁଛି ରାଜକୋଷର ଦାୟିତ୍ୱ ଜଣେ ପ୍ରଭୁଭକ୍ତଙ୍କ ହାତରେ ଦିଆଯିବା ଉଚିତ୍। ଆମ୍ଭେମାନେ ଆମ ରାଜପରିଷଦରୁ ହିଁ ଏପରି ଜଣେ ବ୍ୟକ୍ତିଙ୍କୁ ବାଛିବା ଏବଂ ଏହି ଗୁରୁଦାୟିତ୍ୱ ବାହାର ବ୍ୟକ୍ତିଙ୍କୁ ଦେବା ନାହିଁ। ଆପଣଙ୍କ ମତ କଣ''

''ଆସନ୍ତୁ ଆସନ୍ତାକାଲି ରାଜପରିଷଦରେ କୋଷାଧ୍ୟକ୍ଷ ପଦ ପାଇଁ କମ ବେତନରେ ଆବେଦନ ଆହ୍ୱାନ କରିବା। ଆମ୍ଭେମାନେ ସମସ୍ତ ଆବେଦକମାନଙ୍କୁ ଯାଂଚ୍ କରି କିଛି ବ୍ୟକ୍ତିଙ୍କୁ ବାଛି ସାକ୍ଷାତକାର କରି ସଠିକ୍ ବ୍ୟକ୍ତିଙ୍କୁ ଏହି ପଦରେ ନିଯୁକ୍ତ କରିବା। ଆମେ ଏକ ଚୟନ କମିଟି ଗଠନ କରିବା। ଏଥିରେ ମୁଁ, ସେନାମୁଖ୍ୟ, ରାଜବୈଦ୍ୟ ଏବଂ ରାଜପୁରୋହିତ ଅନ୍ତର୍ଭୁକ୍ତ ରହିବେ।'' ଶାସ୍ତ୍ରୀ କହିଲେ।

ରାଜା ଗଭୀର ଭାବେ ଚିନ୍ତା କଲେ। ଏହି ପଦଟି କଣ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ସମସ୍ତେ ଏହି ପଦରେ ଅଧିଷ୍ଠିତ ହେବାକୁ ଚାହାଁନ୍ତି?''

ତା'ପରେ ସେ ଚୟନ କମିଟିର ବୈଠକ ଡାକିଲେ। ଏହି ପଦ ପାଇଁ ଆବେଦନ ନ କରିଥିବା ସମସ୍ତ ବ୍ୟକ୍ତିଙ୍କ ବିଷୟରେ

ବିଚାରବିମର୍ଷ କରି ଦେଖିଲେ ଜଣେ ବ୍ୟକ୍ତି ବିଶାଳଗୁପ୍ତ, ଅର୍ଥନୀତିରେ ଦକ୍ଷ, ସେ ରାଜ୍ୟର ଆର୍ଥିକ ନିୟମ ପ୍ରଣୟନ କ୍ଷେତ୍ରରେ ପରାମର୍ଶ ଦିଅନ୍ତି ଏବଂ ଅର୍ଥ ବ୍ୟବସ୍ଥା ଦାୟିତ୍ୱରେ ଥିଲେ।

ସେମାନେ ଆଶ୍ଚର୍ଯ୍ୟ ହେଲେ ଯେ ଯେଉଁ ବ୍ୟକ୍ତି ଅର୍ଥନୀତିରେ ଏତେ ପ୍ରବୀଣ ସେ କାହିଁକି ଏହି ପଦ ପାଇଁ ଆବେଦନ କରିନାହାନ୍ତି? ତା' ପରେ ସେମାନେ ପରଦିନ ମୁକ୍ତ ଦରବାରରେ ସମସ୍ତ ଆବେଦନକାରୀଙ୍କର ସାକ୍ଷାତକାର ନେବା ପାଇଁ ନିଷ୍ପତ୍ତି ନେଲେ।

ପରଦିନ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ ହେଲା। ରାଜପରିଷଦରେ ସମସ୍ତ ପରିଷଦବର୍ଗ ଏବଂ ସାଧାରଣ ବ୍ୟକ୍ତି ଭରି ରହିଥିଲେ। ରାଜାଙ୍କର ସମ୍ମତି ନେବା ପରେ ମୁଖ୍ୟମନ୍ତ୍ରୀ ସମସ୍ତ ପ୍ରାର୍ଥୀଙ୍କୁ ପଚାରିଲେ, ''ଏହି ରାଜଦରବାର ଯେଉଁ ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ ସମସ୍ତଙ୍କୁ ପଚାରିବା ପାଇଁ ଚାହେଁ ଯେ ଆପଣମାନେ କାହିଁକି ଭାବୁଛନ୍ତି ଯେ ଆପଣ ଏହି ପଦ ପାଇଁ ଶ୍ରେଷ୍ଠ ବ୍ୟକ୍ତି, ଏବଂ ଆପଣ କାହିଁକି ଏହି ପଦ ପାଇଁ ଆବେଦନ କରିଛନ୍ତି?''

ଶହେ ଜଣ ଆବେଦନକାରୀଙ୍କ ମଧ୍ୟରୁ କେହି ଜଣେ ସନ୍ତୋଷଜନକ ଉତ୍ତର ଦେଇପାରିଲେ ନାହିଁ। ସେମାନେ ପ୍ରମାଣ କରିପାରିଲେ ନାହିଁ ଯେ ସେମାନେ ଏହି ପଦ ପାଇଁ ଶ୍ରେଷ୍ଠ ବ୍ୟକ୍ତି। କାହାର ଉତ୍ତର ଚୟନ କମିଟିକୁ ପ୍ରଭାବିତ କରିପାରିଲା ନାହିଁ। ଶାସ୍ତ୍ରୀ ମହାଶୟ ଅନୁମତି ନେଇ ଏହି ପ୍ରଶ୍ନ ଆବେଦନ କରି ନ ଥିବା ବ୍ୟକ୍ତିମାନଙ୍କୁ ପଚାରିବା ପାଇଁ ଚାହିଁଲେ।

ବିଶାଳଗୁପ୍ତ ଆସନ ତ୍ୟାଗ କରି ସମ୍ମାନର ସହିତ ଉଠି ଠିଆ ହେଲେ ଏବଂ କହିଲେ,

''ସମ୍ମାନୀୟ ମହାଶୟବୃନ୍ଦ! ମୁଁ ମୋର ବର୍ତ୍ତମାନର ପଦ ଓ ଦାୟିତ୍ୱକୁ ନେଇ ବେଶ୍ ସନ୍ତୁଷ୍ଟ। ରାଜପରିଷଦର ଜଣେ ସଭ୍ୟ ଭାବରେ ମୁଁ ସଦାସର୍ବଦା ଦେଶର ସ୍ୱାର୍ଥ ଦୃଷ୍ଟିରୁ ଶ୍ରେଷ୍ଠ ମତାମତ ଦେଇ ରାଜ୍ୟର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ କାର୍ଯ୍ୟ କରିଛି। ତେଣୁ ମୁଁ ରାଜ୍ୟର କୋଷାଧ୍ୟକ୍ଷ ପଦ ପାଇଁ ଆବେଦନ କରି ନ ଥିଲି। ଯେତେବେଳେ ମୁଁ ନିଜେ ନିଜକୁ ଏହି ପଦ ପାଇଁ ଯୋଗ୍ୟ ମନେ କରୁ ନାହିଁ, ମୁଁ ଭାବୁଛି ମୋର ପ୍ରାର୍ଥୀତ୍ୱର ଅସ୍ତିତ୍ୱ ରହିବ ନାହିଁ।''

ରାଜା ଦେବେଶ୍ୱର ପ୍ରତାପ ଘୋଷଣା କଲେ, ''କାଶୀର ମହାମାନ୍ୟ ଜନତାଗଣ, ମୁଁ ଦେବେଶ୍ୱର ପ୍ରସାଦ, କାଶୀର ରାଜା ଭାବରେ ମୋର କର୍ତ୍ତବ୍ୟ ସଂପାଦନ କରି, କାଶୀ ରାଜ୍ୟର କୋଷାଧ୍ୟକ୍ଷ ପଦରେ ବିଶାଳଗୁପ୍ତଙ୍କୁ ନିଯୁକ୍ତ କରୁଛି। ମୁଁ ମଧ୍ୟ ଘୋଷଣା କରୁଛି ଯେ ତାଙ୍କୁ

ଏହି ପଦରେ ଅଧିଷ୍ଠିତ କରି ତାଙ୍କର ବେତନ ବଢ଼ାଇବି।''

ମୁହୂର୍ତ୍ତଟିଏ ପାଇଁ ସମଗ୍ର ରାଜପରିଷଦରେ ନୀରବତା ଖେଳିଗଲା।

ଏହା କହିବା ପରେ ବେତାଳ ବିକ୍ରମାର୍କଙ୍କୁ ପଚାରିଲା, ''ଓଃ! ରାଜନ୍, ବିଶାଳ କାହିଁକି କୋଷାଧ୍ୟକ୍ଷ ପଦ ପାଇଁ ବଛାଗଲା? ସେ ଏହି ପଦ ପାଇଁ ଆବେଦନ କରି ନ ଥିଲା ଏବଂ ଏପରି କି ସମସ୍ତ ଜନତାଙ୍କ ସମ୍ମୁଖରେ କହିଲା ଯେ ସେ ବର୍ତ୍ତମାନର ଦାୟିତ୍ୱ ନେଇ ବେଶ୍ ସନ୍ତୁଷ୍ଟ। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ଗୋଟିଏ ପଦ ପାଇଁ ଯୋଗ୍ୟ ମନେ କରେ ନାହିଁ ସେତେବେଳେ ତାଙ୍କୁ ସେହି ପଦ ଦେବା ଯଥାର୍ଥ କି? ଶହେ ଜଣ ବ୍ୟକ୍ତି ଏହି ପଦ ଗ୍ରହଣ କରିବା ପାଇଁ ଆଶାୟୀ ଥିଲେ। ବରଂ ସେମାନଙ୍କ ମଧ୍ୟରୁ ଜଣକୁ ଏହି ପଦ ପାଇଁ ବାଛିଥିଲେ ଯଥାର୍ଥ ହୋଇଥାନ୍ତା।''

''ଯଦି ଏହି ପ୍ରଶ୍ନର ଉତ୍ତର ଜାଣି ନୀରବ ରହିବ ତୁମର ଶିର ଶତଧା ବିଦୀର୍ଣ୍ଣ ହେବ।''

ରାଜା ବିକ୍ରମ କହିଲେ, ''ବେତାଳ, ରାଜା ମନେ ମନେ ଧରି ନେଲେ ଯେଉଁ ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିଛନ୍ତି ସେମାନଙ୍କ ମନରେ ରାଜକୋଷର ଅର୍ଥ ଅପବ୍ୟବହାର କରିବାର ଯୋଜନା ରହିଛି। ସେ ଚାହୁଁଥିଲେ ଯେ ଏପରି ଜଣେ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟର ଦାୟିତ୍ୱ ଦେବେ ଯେ କି ସ୍ୱପ୍ନରେ ମଧ୍ୟ ପଦର ଅପବ୍ୟବହାର କଥା ଚିନ୍ତା କରିପାରିବେ ନାହିଁ।''

''ତେଣୁ, ସେ ପ୍ରଥମେ କେଉଁ ବ୍ୟକ୍ତିମାନେ ଆବେଦନ କରିନାହାନ୍ତି ତାଙ୍କୁ ଖୋଜି ବାହାରକଲେ ଏବଂ ସମସ୍ତ ଆବେଦନକାରୀଙ୍କୁ ପଚାରିଲେ ଯେ ସେମାନେ କାହିଁକି ଏତେ କମ୍ ଦରମା ମିଳୁଥିବା କାର୍ଯ୍ୟ କରିବାକୁ ଚାହାଁନ୍ତି। ଯେତେବେଳେ କେହି ଜଣେ ହେଲେ ସନ୍ତୋଷଜନକ ଉତ୍ତର ଦେଲେ ନାହିଁ ରାଜାଙ୍କର ବିଶ୍ୱାସ ଦୃଢ଼ ହେଲା। ଶେଷରେ ସେ ବିଶାଳଗୁପ୍ତଙ୍କର ଉତ୍ତର ପାଇ ବୁଝିଗଲେ ବିଶାଳଗୁପ୍ତ ଜଣେ ସାଧୁ ପ୍ରକୃତିର ସନ୍ତୁଷ୍ଟ ବ୍ୟକ୍ତି। ସେ ଲୋଭି ନୁହଁନ୍ତି। ସେ ସବୁ ଦୃଷ୍ଟିରୁ ଯୋଗ୍ୟ ହୋଇଥିବାରୁ ତାଙ୍କୁ ନିଯୁକ୍ତ କରାଗଲା।''

ରାଜାଙ୍କର ନୀରବତା ଭଂଗ ହେବା ମାତ୍ରେ ଶବ ସହିତ ବେତାଳ ଉଡିଯାଇ ବୃକ୍ଷରେ ଓଲଟା ଝୁଲିପଡ଼ିଲା।

– ଡକ୍ଟର ଶୁଭଙ୍କର ବାନାର୍ଜୀ

Deb's Library Corner···
Tambahara,Kendujhar
9556804309
debaraj.123456789@gmail.com

ଜୀବନ୍ତ ଦେବତା

ସ୍ୱାମୀ ରାମୁ ଅଳସୁଆ ଭାବରେ ବଗିଚାରେ ବସି ରହିଥିବାର ଦେଖି ଅଞ୍ଜୁ ରାଗ ସମ୍ଭାଳି ପାରିଲା ନାହିଁ।

ସେ ତାଙ୍କୁ ଡାକିଲା ଏବଂ କହିଲା, ''ହେ, କଣ କରୁଛ! ସ୍ୱପ୍ନ ଦେଖିବା ବନ୍ଦ କର! ସହରକୁ ଯାଅ ଏବଂ ଏ ସପ୍ତାହଟି ଚଳିବା ପାଇଁ ବ୍ୟବସ୍ଥା କରି ଆସ!'' ରାମୁ ମନେ ମନେ ଅଭିଶାପ ଦେଇ ସହରକୁ ବାହାରିଲା। ସେ ଏକ ଅଦ୍‌ଭୁତ ଚରିତ୍ରର ବ୍ୟକ୍ତି ଥିଲା। ଅନ୍ୟ ଗ୍ରାମବାସୀଙ୍କ ପରି କଠିନ ପରିଶ୍ରମୀ ନ ଥିଲା। ସଦାସର୍ବଦା କିପରି ସହଜରେ ବହୁତ ଅର୍ଥ ରୋଜଗାର କରିପାରିବ ସେ ବିଷୟରେ ଚିନ୍ତା କରୁଥିଲା।

ରାମୁ ଯେତେବେଳେ ସହର ଆଡକୁ ଅଗ୍ରସର ହେଲା, ନଦୀଟିଏ ବାଟରେ ପଡ଼ିଲା। ନଦୀ ପାର ହୋଇ ଯିବାକୁ ପଡ଼ିବ। ନଦୀ ଆରପଟେ ଘଞ୍ଚ ଜଂଗଲ ରହିଥିଲା। ତା' ପରେ ଥିଲା ସହରକୁ ରାସ୍ତା। ସେ ଗଛ କଡ଼େ କଡ଼େ ଆଗକୁ ଚାଲିଥାଏ, ବାଟର ଗୋଟିଏ ବଡ଼ ତେନ୍ତୁଳି ଗଛ ଦେଖିଲା। ସେ ପୂର୍ବରୁ ମଧ୍ୟ ଏହି ଗଛଟିକୁ ଦେଖିଥିଲା। କିନ୍ତୁ ଆଜି ସେ ଗଛଟିକୁ ଦେଖୁ ଦେଖୁ ତା' ମସ୍ତିଷ୍କରେ ଯେପରି ତରଙ୍ଗ ଖେଳିଗଲା। କିଛି ଦିନ ତଳେ ଜଣେ କାଠ ବ୍ୟବସାୟୀ କହୁଥିଲେ ଯେ ସେ ତୁରନ୍ତ କିଛି ତେନ୍ତୁଳି କାଠ ଚାହାଁନ୍ତି। ଏଥିପାଇଁ ସେ ଢ଼େର୍ ମୂଲ୍ୟ ଦେବେ। ଗଛକୁ ଦେଖୁ ଦେଖୁ ତା'ର ମନକୁ ବୁଦ୍ଧିଟିଏ ଆସିଲା। ତେନ୍ତୁଳି ଗଛଟି ନଦୀକୂଳରେ ଥିଲା। ଯଦି ସେ ଗଛଟିକୁ କାଟି ଦେଇପାରିବ ଏବଂ କାଠଗୁଡିକୁ କାଠ ଗୋଦାମ ପର୍ଯ୍ୟନ୍ତ ନେଇଯାଇପାରିବ, ତେବେ ଯଥେଷ୍ଟ ଟଙ୍କା ପାଇପାରିବ। ମୁହୂର୍ତ୍ତଟିଏ ପାଇଁ ସେ ସହରକୁ ଯିବା କଥା ଭୁଲିଗଲା। ସେ ସେଠାରେ ବସି ତୁରନ୍ତ ଗୋଟିଏ ଯୋଜନା ପ୍ରସ୍ତୁତ କଲା।

ସେ ଭାବିଲା ଯେ ବନ୍ଧୁ ସାଧୁର ସାହାଯ୍ୟ ନେଇ ଏହି କାର୍ଯ୍ୟ କରିବ। ବନ୍ଧୁ ସାଧୁ ସମସ୍ତ କୁକାର୍ଯ୍ୟରେ ତାକୁ ସାହାଯ୍ୟ କରେ। ସେ

ଡି. ଜାନକୀ



ଭାବିଲା ଯେ କାଲୁକୁ ଧରିବ ସେ ଗଛ କାଟିବ। ଅମାବାସ୍ୟା ରାତିର ଅନ୍ଧକାରରେ ଗଛ କାଟି ନେବ। ସାଧୁ ଗୋଟିଏ କୁଲି ଏବଂ ବଳଦଗାଡ଼ି ନେଇ ଆସିବ। ଗଛ କାଟି ସେମାନେ ଗଣ୍ଡି ବୋହି ନେବେ। ମାତ୍ର କେତେ ଘଣ୍ଟା ଭିତରେ କାଠ ବ୍ୟବସାୟୀକୁ କାଠ ଦେଇ ଟଙ୍କା ଆଣିପାରିବେ। ସେ ଟଙ୍କା ସମସ୍ତେ ଭାଗ ବାଣ୍ଟି ନେଇ ଘରକୁ ଚାଲିଯିବେ। ''ବଢ଼ିଆ ଯୋଜନା!'' ସେ ନିଜକୁ ନିଜେ କହି ସିଧାସଳଖ କାଠ ବ୍ୟବସାୟୀ ପାଖକୁ ଚାଲିଲା। ସେଠାରେ କିଛି ସମୟ ଧରି ମୂଲଚାଲ କରିବା ପରେ ବେଶ୍ ଭଲ ଦରରେ କଥା ଛିଣ୍ଡିଲା। ତା'ପରେ ସେ ସାଧୁ ଓ ଅନ୍ୟମାନଙ୍କ ସହିତ ଆଲୋଚନା କଲା। ସମସ୍ତେ ଏକାଠି ହୋଇ କିପରି କାମ କରିବେ ଯୋଜନା କଲେ ଏବଂ ତା'ପରେ ଚାଲିଗଲେ।

ନିର୍ଦ୍ଧାରିତ ଦିବସଟି ଆସିଲା। ରାମୁର ଉତ୍କଣ୍ଠାର ସୀମା ନ ଥିଲା। ତା'ର ଯୋଜନା ''ଅପରେସନ ତେନ୍ତୁଳି ଗଛ'' ରାତିରେ କାର୍ଯ୍ୟକାରୀ ହେବାକୁ ଯାଉଥିଲା, ପାଗ ମଧ୍ୟ ବେଶ୍ ଅନୁକୂଳ ଥିଲା। ସଞ୍ଜ ନଇଁ ଆସିଲା, ଏତିକି ବେଳେ ଆକାଶରେ ଘନ ବାଦଲ ଛାଇଗଲା। ଝିପିଝିପି ବର୍ଷା ହେବାକୁ ଲାଗିଲା। ଚାରିଆଡେ ଜଳମୟ ହୋଇଗଲା। କିନ୍ତୁ ରାମୁ ହାର୍ ମାନିଲା ନାହିଁ। ସେ ରାତିରେ ଖାଇସାରି ତା'ର ଯୋଜନା କାର୍ଯ୍ୟକାରି କରିବାକୁ ବାହାରିଗଲା। କାଲୁ ଏବଂ କାଠ କଟାଳି ତା' ସହିତ ସେହି ସ୍ଥାନରେ ଯୋଗ ଦେବେ। ଅନ୍ୟମାନେ ଅଧ ରାତିରେ ସେଠାରେ ପହଂଚିବେ। ବର୍ଷାକୁ ନ ମାନି ରାମୁ ନଦୀ ଆଡ଼କୁ ଅଗ୍ରସର ହେଲା। ଆଖପାଖରେ କିଛି ଦିଶୁ ନ ଥିଲା। ରାମୁ ଦୀର୍ଘଶ୍ୱାସ ନେଲା। ଯଦି କେହି ଦେଖି ନେବ ଏବଂ ଗାଁ ମୁଖିଆଙ୍କ ପାଖରେ ଅଭିଯୋଗ କରି ଦେବ ତେବେ ଅସୁବିଧା ହୋଇଯିବ। ବର୍ଷାରେ ତା' ମୁହଁ ତିନ୍ତି ଯାଇଥିଲା। କିନ୍ତୁ ସେ ଭାରି ଖୁସି ଥିଲା ଯେ ସେ ଢେର ପଇସା ରୋଜଗାର କରିବାକୁ ଯାଉଛି। ସେ ନଈ ଭିତରେ ପଶି ଆଗକୁ ଚାଲିଲା। ପ୍ରଥମେ ଆଣ୍ଠୁଏ ପାଣି ହେଲା, ତା'ପରେ ଅଣ୍ଟାଏ ପାଣି ହୋଇଛି ଏତିକି ବେଳେ ନଈ ମଝିରୁ କେହି ଜଣେ ଅଜବ ସ୍ୱରରେ କିଛି କହୁଥିବାର ଶୁଭିଲା। ରାମୁ ବାମ ପଟକୁ ବୁଲିପଡ଼ିଲା ଏବଂ ଏ କଣ ଦେଖିଲା? ଜଳର ଏକ ବଳୟ ତା' ଆଡ଼କୁ ମାଡି ଆସୁଛି। ''ହେ ଭଗବାନ! ଏ ତ ନଈ ବଢ଼ି! ନଦୀ ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ତୁରନ୍ତ ନଦୀରେ ବନ୍ୟା ଆସିଛି।'' ସେ ଏପରି ଭାବି ଭୟଭୀତ ହୋଇପଡ଼ିଲା। ନିଜ ଜୀବନ ବଞ୍ଚାଇବା ପାଇଁ ବିକଳରେ ଧାଇଁଲା! ସେ ମାତ୍ର

କେତେ ପାଦ ଯାଇଛି କି ନା ନଦୀ କୂଳରେ ବନ୍ୟା ମୁହଁରେ ପଡ଼ିଲା। ପାଣିରେ ପତ୍ର ବାସିଲା ପରି ଭାସି ଭାସି ଚାଲିଲା। ପାଣିର ମାଡ଼ ଖାଇ ସେ ଚିତ୍କାର କଲା, ''ହେ ଭଗବାନ୍ ! ମୋତେ ରକ୍ଷା କର!'' ହଠାତ୍ ସେ କୌଣସି ଖୁଣ୍ଟ ପରି ଜିନିଷରେ ପିଟି ହୋଇଗଲା। ଦୁଇ ହାତରେ ତାହାକୁ ଧରି ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କଲା। ହେ ଭଗବାନ୍! ସେ ବନ୍ୟାର ଭୟଙ୍କର ପ୍ରଳୟରୁ ରକ୍ଷା ପାଇଗଲା। ଧୀରେ ଧୀରେ ସେ ଜାଣିପାରିଲା ଯେ ସେ ଗୋଟିଏ ଗଛକୁ ଧରି ରଖିଥିବାରୁ ବନ୍ୟା ଜଳରେ ଭାସି ନ ଯାଇ ରକ୍ଷା ପାଇଯାଇଛି। ଧୀରେ ଧୀରେ ସେ ପାଣି ବଢ଼ିବା ସହିତ ଗଛ ଉପରକୁ ଚଢ଼ିଗଲା ଏବଂ ସେଠାରେ ବସିଲା।

ଆଖପାଖରେ କେହି ଦିଶୁ ନଥିଲେ। ତା'ର ବନ୍ଧୁ ସାଧୁ, କାଠ କଟାଳି କାଲୁ ଏବଂ ଅନ୍ୟ ବ୍ୟକ୍ତିମାନେ ଆଖପାଖରେ ଦିଶୁ ନଥିଲେ। ବୋଧହୁଏ ସେମାନେ ବୁଦ୍ଧିମାନ ହୋଇଥିବାରୁ ଦୂରରେ ରହିବାକୁ ପସନ୍ଦ କରୁଥିଲେ। ରାମୁ ହୃଦୟଙ୍ଗମ କଲା ଯେ ତାକୁ ରାତିଟି ଗଛରେ କାଟିବାକୁ ହେବ। କିଛି ସମୟ ପରେ ସେ ଦେଖିଲା ବନ୍ୟା ଜଳରେ ଗୋଟିଏ ଶବ ଭାସି ଭାସି ଯାଉଛି। ସେ ଦେଖିଲା ପୁଅଟିଏ। ଗଛରେ ବସି ସେ ତାକୁ ଭିଡ଼ି ଆଣିଲା। ତୁରନ୍ତ ସେ ଦେଖିଲା ଗୋଟିଏ ଛେଳି ସେହି ବନ୍ୟା ଜଳରେ ଭାସି ଯାଉଛି। ତାକୁ ମଧ୍ୟ ରାମୁ ଉଦ୍ଧାର କଲା। ପରେ ଦେଖିଲା ଯେ ପିଲାଟି ବଞ୍ଚିଛି। ସେ ମେଷପାଳକଟିଏ। ନଦୀକୂଳରେ ଥିବା ତା'ର କୁଡିଆ ଧୋଇ ହୋଇଯାଇଛି। ରାମୁ ପାଇଁ ବଂଚିଗଲା ନଚେତ୍ ସେ ମଧ୍ୟ ବନ୍ୟାଜଳରେ ଭାସିଯାଇଥାନ୍ତା।

ରାମୁ, ମେଷପାଳକ ଏବଂ ଛେଳିଟି ତିନି ଜଣ ଯାକ ରାତି ସାରା ଗଛରେ ବିଶ୍ରାମ ନେଲେ। ସମସ୍ତଙ୍କ ପାଇଁ ଏହା ଥିଲା ଏକ ଭୟଙ୍କର ଅନୁଭୂତି। ବେଳକୁ ବେଳ ବନ୍ୟା ପ୍ରବଳରୁ ପ୍ରବଳତର ହେଲା। ମନେ ହେଉଥିଲା ଗଛ ମଧ୍ୟ ଉପୁଡି ଭାସିଯିବ। କିନ୍ତୁ ସୌଭାଗ୍ୟବଶତଃ ବର୍ଷା ଧୀରେ ଧୀରେ ଛାଡ଼ିଗଲା ଏବଂ ବନ୍ୟା ମଧ୍ୟ ହ୍ରାସ ପାଇଲା। ରାତି ପାଇ ସକାଳ ହେଲା। ଏବଂ ରାମୁ ଏ କଣ ଦେଖୁଛି? ସେ ଯେଉଁ ତେନ୍ତୁଳି ଗଛ କାଟିବା ପାଇଁ ଯୋଜନା କରିଥିଲା ସେହି ଗଛ ଉପରେ ଆଶ୍ରୟ ନେଇଛି। ରାମୁ ନିଷ୍ଠୁର ଭାବରେ ଏହି ବୃକ୍ଷକୁ କାଟି ବିକ୍ରି କରି ପଇସା ରୋଜଗାର କରିବାକୁ ଚାହୁଁଥିଲା। କିନ୍ତୁ ତା'ର ପ୍ରତିବଦଳରେ ଗଛ ତା'ର ଜୀବନ ରକ୍ଷା କଲା। ରାମୁ ଆଖିରୁ ଦୁଇ ଟୋପା ଲୁହ ଝଡିପଡ଼ିଲା। ସେ ମନେ ମନେ କହିଲା, ''ହେ

ବୃକ୍ଷ ଦେବ! ମୁଁ କେତେ ନୀଚ ଏବଂ ନିଷ୍ଠୁର! ମୋତେ କ୍ଷମା କର!'' ହଠାତ୍ ତା'ର ଚେତନା ଉଦୟ ହେଲା। ସେ ସୌଭାଗ୍ୟବଶତଃ ଅଳସୁଆ ଏବଂ ସ୍ୱାର୍ଥପର ଥିଲା। କିନ୍ତୁ ସେ ଦିନ ରାତିରେ ଛେଳି ଓ ପିଲାଟିକୁ ଉଦ୍ଧାର କଲା। ଏପରି ଭଲ କାମ କରି ମନେ ମନେ ସେ ଆନନ୍ଦ ଲାଭ କଲା। ଉଦାର ତେନ୍ତୁଳି ଗଛଟି ତା'ପରି ନିଷ୍ଠୁର ବ୍ୟକ୍ତିକୁ ଆଶ୍ରୟ ଦେଇଥିବାରୁ ମନେ ମନେ ଖୁସି ହେଲା ଏବଂ ନିଜେ ମଧ୍ୟ ଆଚରଣରେ ସାଧୁତା ପ୍ରଦର୍ଶନ କଲା। ଗଛଟିକୁ କୁଣ୍ଢାଇ ପକାଇ କହିଲା, ''ଧନ୍ୟବାଦ! ମୁଁ ସବୁଦିନେ ନିଷ୍ଠୁର ଥିଲି। ତୁମେ ହିଁ ମୋତେ ମଣିଷ କରିଦେଲ।''

ହଠାତ୍ ମଣିଷମାନଙ୍କର ସ୍ୱର ଶୁଭିଲା।

ରାମୁ ଦେଖିଲା ତା'ର ସ୍ତ୍ରୀ ଅଞ୍ଜୁ ଗ୍ରାମବାସୀଙ୍କ ସହିତ ଗଛ ଆଡ଼କୁ ଧାଇଁ ଆସୁଥିଲା। ଗତକାଲି ରାତିରେ ରାମୁ ଘରକୁ ଫେରି ନ ଥିବାରୁ ସେ ଭାରି ଚିନ୍ତାରେ ପଡ଼ିଯାଇଥିଲା। କିଛି ଗ୍ରାମବାସୀଙ୍କୁ ଏକାଠି କରି ତାକୁ ଖୋଜିବାକୁ ଆସିଥିଲା। ରାମୁକୁ ଗଛ ଉପରେ ସୁରକ୍ଷିତ ଅବସ୍ଥାରେ ଦେଖି ତା'ର ଆନନ୍ଦର ସୀମା ରହିଲା ନାହିଁ।

ରାମୁ ଗତ ରାତିରେ ଜୀବନ ମୃତ୍ୟୁ ସହିତ ସେ କିପରି ସଂଗ୍ରାମ କରିଥିଲା ସେ କଥା ବର୍ଣ୍ଣନା କଲା ଏବଂ ସୌଭାଗ୍ୟବଶତଃ କିପରି ବନ୍ୟା କବଳରୁ ବର୍ତ୍ତିଗଲା ସେ କଥା ମଧ୍ୟ କହିଲା। ତା'ର ସ୍ତ୍ରୀ ଏ କଥା ଶୁଣି ଉତ୍ତର ଦେଲା, ''ହଁ! ମା' ଭବାନୀଙ୍କ କୃପାରୁ ତୁମେ ବଞ୍ଚିଗଲ। ତାଙ୍କ ପାଖରେ ଆମେ ମାନସିକ କରିବା!''

''ନା, ଅଞ୍ଜୁ! ଏ ହେଉଛନ୍ତି ସେହି ଭଗବାନ୍ ଯେ କି ମୋର ଜୀବନ ରକ୍ଷା କରିଛନ୍ତି।'' ରାମୁ ତେନ୍ତୁଳି ଗଛ ଆଡ଼କୁ ଆଙ୍ଗୁଠି ଦେଖାଇ କହିଲା। ''ଏ ହେଉଛନ୍ତି ମୋର ଜୀବନ୍ତ ଦେବତା! ଯଦି ମୋର ବଞ୍ଚି ରହିବା ପାଇଁ କାହାକୁ କୃତଜ୍ଞତା ଜଣାଇବା ପାଇଁ ଚାହୁଁଛ ତେବେ ଏହି ବୃକ୍ଷ ଦେବଙ୍କୁ ପ୍ରଣାମ କର! ମୁଁ ଆଜି ଶପଥ କରୁଛି ଯେ ଜୀବନରେ କେବେ ହେଲେ ଗଛ କାଟିବି ନାହିଁ କିମ୍ବା ଅନ୍ୟ କାହାକୁ ଗଛ କାଟିବାକୁ ଦେବି ନାହିଁ। ଗଛର ରକ୍ଷା କରିବି। ଗଛ ଲଗାଇବାକୁ ଜୀବନର ବ୍ରତ କରିବି।

ତା'ପରେ ସେ ଗଭୀର ଅନୁତାପ କଲା ଓ ଆନନ୍ଦରେ ବୃକ୍ଷକୁ ପ୍ରଣାମ କରି ସ୍ତ୍ରୀ ସହିତ ଘରକୁ ଫେରିଗଲା।

Deb's Library Corner...
Tambahara,Kendujhar
9556804309
debaraj.123456789@gmail.com



ସନ୍ତୋଷ

ଆମ୍ରାପୁର ଗ୍ରାମରେ ବାସ କରୁଥିଲେ ରାମକୃଷ୍ଣ। ସେହି ଗ୍ରାମରେ ବାସ କରୁଥିବା ଯୁବକ ରତ୍ନା ସହିତ ଝିଅ ଶାନ୍ତିର ବିବାହ କରାଇଲେ।

ବିବାହର କିଛି ଦିନ ପରେ ରତ୍ନା ସ୍ତ୍ରୀ ସହିତ ଶ୍ୱଶୁର ଘରକୁ ବୁଲି ଆସିଲା। ସେ ଶ୍ୱଶୁରଙ୍କୁ କହିଲା, ''ବାପା, ମୁଁ ରାଜଧାନୀ ବିଜୟନଗରକୁ ଯାଇ ସେଠାରେ ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଛି। ମୁଁ ଏଥିପାଇଁ ଆପଣଙ୍କର ମତାମତ ଜାଣିବାକୁ ଚାହେଁ। ପିଲା ଦିନରୁ ମୋର ବ୍ୟବସାୟ କରିବା ପାଇଁ ଭାରି ମନ। କିନ୍ତୁ ସୁବିଧା ହେଉ ନ ଥିଲା। ଏବେ ମୁଁ ପିଲା ଦିନର ସେ ସ୍ୱପ୍ନ ପୂରଣ କରିବାକୁ ଚାହେଁ।''

ରାମକୃଷ୍ଣ ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ। ତେଣୁ ସେ ପଚାରିଲେ, ''ଆମ ଗାଁରେ ତୁମକୁ କଣ ମିଳୁନାହିଁ କହ? ତୁମେ ଚାଷ କରି ବେଶ୍ ଆରାମ୍‌ରେ ଚଳୁଛ, ନୁହେଁ କି? ଘରଦ୍ୱାରା, ଜମିବାଡ଼ି ସବୁ ତ ଅଛି, ଆଉ କଣ ଲୋଡ଼ା?''

''ତାହା ସତ କଥା। କିନ୍ତୁ ମୁଁ ନିୟମିତ ଏହି କାର୍ଯ୍ୟ କରି ବିରକ୍ତ ହୋଇପଡ଼ିଲିଣି। ଆମେ ଜମିରୁ ଯାହା ପାଉଛୁ ଦୁଇପ୍ରାଣୀ ଖାଇବା ପାଇଁ ହିଁ ଯଥେଷ୍ଟ ହେଉଛି। ମୁଁ କିଛି ସଞ୍ଚୟ କରିପାରୁ ନାହିଁ। ସାରା ଜୀବନ ଏମିତି ଗଣ୍ଡେ ଖାଇ ଦଣ୍ଡେ ଜୀଇଁବାରେ କଟିଯିବ। ଜୀବନରେ ଉନ୍ନତି କରିପାରିବି ନାହିଁ। ଏମିତି ଜୀବନ ଜୀଇଁବାରେ କଣ ଲାଭ? ତେଣୁ ମୁଁ ସହରକୁ ଯାଇ ବ୍ୟବସାୟ ଆରମ୍ଭ କରି ଅଧିକ ରୋଜଗାର କରିବାକୁ ଚାହେଁ।'' ରତ୍ନା କହିଲା।

''ବ୍ୟବସାୟରେ ତୁମର କି ଅଭିଜ୍ଞତା ଅଛି? ତୁମେ ତ ଚାଷୀ ଘରର ପିଲା। ତୁମେ ସହରକୁ ଯାଇ କି ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଛ? କି କାମ କରିବ ବୋଲି ମନସ୍ଥ କରିଛ?'' ରାମକୃଷ୍ଣ ପଚାରିଲେ।

''ସହରର ଲୋକେ ଗ୍ରାମରୁ ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଆବଶ୍ୟକ କରିଥାନ୍ତି।

ବାଣିଶ୍ରୀ



ମୁଁ ସେ ସବୁ ଗ୍ରାମରୁ କିଣିବି ଏବଂ ସହରରେ ଦୋକାନ ଖୋଲି ସେଠାରେ ବିକ୍ରି କରିବି। ଏହା ଦ୍ୱାରା ବହୁତ ଲାଭ ପାଇବି। ଏଥିରେ କ୍ଷତିର ଆଶଙ୍କା ରହିବ ନାହିଁ। ଖୁବ୍ ବେଶୀ ମୂଳଧନ ଆବଶ୍ୟକ ହେବ ନାହିଁ। ସାଧ ମତେ କାମ ଆରମ୍ଭ କରିପାରିବି। ଗୋବିନ୍ଦ ନାମକ ମୋର ଜଣେ ସାଂଗ ମୋତେ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ସେ ମୋର ପିଲା ଦିନର ସାଙ୍ଗ। ନିଶ୍ଚୟ ସମସ୍ତ ବ୍ୟବସ୍ଥା କରିଦେବ।''

ରାମକୃଷ୍ଣ ଜ୍ୱାଇଁର କଥା ଶୁଣି ମନେ ମନେ ପ୍ରଭାବିତ ହେଲେ। ସେ ପ୍ରଥମେ ବ୍ୟବସାୟ ଆରମ୍ଭ କରିବା ପାଇଁ କିଛି ଟଙ୍କା ମଧ୍ୟ ରଣ ଦେଲେ। ରତ୍ନା ମନେ ମନେ ଖୁସି ହେଲା। ଶାନ୍ତି ମଧ୍ୟ ବାପା ସ୍ୱାମୀଙ୍କୁ ସାହାଯ୍ୟ କରିଥିବାରୁ ମନେ ମନେ ଆନନ୍ଦ ଅନୁଭବ କଲା।

ଏହିପରି ବର୍ଷଟିଏ ବିତିଗଲା। ରାମକୃଷ୍ଣ ଦଶହରା ଛୁଟିରେ ଘରକୁ ଆସିବା ପାଇଁ ଝିଅ-ଜ୍ୱାଇଁଙ୍କୁ ଡକାଇ ପଠାଇଲେ। କିନ୍ତୁ ରତ୍ନା ଉତ୍ତର ଦେଲା ଯେ ସେ ବ୍ୟବସାୟ କାମରେ ବ୍ୟସ୍ତ ତେଣୁ ଆମ୍ବାପୁର ଆସିପାରିବ ନାହିଁ। ବରଂ ତା' ପରିବର୍ତ୍ତେ ଶ୍ୱଶୁର ଆସି ବିଜୟନଗରରେ ପୂଜା ଦେଖିଯାଆନ୍ତୁ।

ରାମକୃଷ୍ଣ ପୂଜା ଦେଖିବା ପାଇଁ ଝିଅ ଘରକୁ ବିଜୟନଗରକୁ ବାହାରିଲେ। ରତ୍ନା ବହୁ ସ୍ୱାଦିଷ୍ଟ ଖାଦ୍ୟ ସଜାଇ ରଖିଥିଲା। ଶ୍ୱଶୁରଙ୍କୁ ମୂଲ୍ୟବାନ୍ ପୋଷାକ ଦେଲା। ଏପରି କି ଶ୍ୱଶୁର ଧାର୍ ଦେଇଥିବା ଟଙ୍କା ମଧ୍ୟ ଫେରାଇ ଦେଲା। ପରିବାରର ସମସ୍ତଙ୍କ ପାଇଁ ମୂଲ୍ୟବାନ୍ ଉପହାର ଦେଇ ବାପାଙ୍କୁ ବିଦା କଲା। ରାମକୃଷ୍ଣ ଆନନ୍ଦରେ ଗଦ୍ ଗଦ୍ ହୋଇ ଉଠିଲେ।

''ବାପା, ମୁଁ ବ୍ୟବସାୟରେ ଉନ୍ନତି ସହିତ କାର୍ଯ୍ୟରେ ଅଧିକ ବ୍ୟସ୍ତ ରହିବି। କାମ ଏତେ ବଢ଼ି ଯାଇଛି ଯେ ମୋତେ ଆରାମ୍ କରିବାକୁ ସମୟ ମିଳୁନାହିଁ। ଆମେ ପୂଜା ପାଇଁ ଆପଣଙ୍କ ପାଖକୁ ଯାଇପାରିବୁ ନାହିଁ। ଦୟାକରି ଆପଣ ଆମକୁ ଦେଖି ଯାଉଥିବେ।'' ରତ୍ନା କହିଲା।

ରାମକୃଷ୍ଣ ତାଙ୍କ କଥାରେ ଏକମତ ହେଲେ ଏବଂ ଘରକୁ ବାହାରିଲେ। ସେ ପରବର୍ଷ ଯେତେବେଳେ ରାମକୃଷ୍ଣ ପୂଜା ଅବସରରେ ପୁଣି ବିଜୟନଗର ଭ୍ରମଣରେ ଆସିଲେ ଶାନ୍ତି ତାଙ୍କୁ କଂସା ଥାଳିରେ ଖାଦ୍ୟ ପରଷିଲେ। ରାମକୃଷ୍ଣ ଅସନ୍ତୋଷ ବ୍ୟକ୍ତ କଲେ।

''ଝିଅ, ତୋ ଘରେ କ'ଣ ଖାଦ୍ୟ ପରଷିବାକୁ ଭଲ ବାସନ ନାହିଁ?'' ସେ ପଚାରିଲେ।

ଶାନ୍ତି ଦେବୀ ମୁଣ୍ଡ ହଲାଇ ସୂଚାଇ ଦେଲେ ଯେ ତାଙ୍କ ଘରେ ଭଲ ବାସନ ନାହିଁ। ପରବର୍ଷ

ଯେତେବେଳେ ବାପା ପୁଣି ଥରେ ଆସିଲେ ଝିଅ ତାଙ୍କୁ ରୂପା ଥାଳିରେ ଖାଦ୍ୟ ପରଷି ଦେଲେ। ରତ୍ନା ତାଙ୍କଠାରୁ ଟିକେ ଦୂରରେ ବସିଥିବାର ଦେଖିଲେ। ଏଥର ବାପା କ'ଣ କହିବେ ଶୁଣିବା ପାଇଁ ସେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲା। କିନ୍ତୁ ସେ ଶ୍ୱଶୁରଙ୍କ ମୁହଁରେ ସନ୍ତୋଷର ଚିହ୍ନ ଦେଖିଲେ ନାହିଁ।

''ଝିଅ, ତୋ ଘରେ ଖାଦ୍ୟ ପରଷିବାକୁ ଭଲ ଥାଳି ନାହିଁ?'' ସେ ପଚାରିଲେ। ଝିଅ ଆଶ୍ଚର୍ଯ୍ୟ ହୋଇଗଲା। ରତ୍ନା ନିରାଶ ହୋଇ ମୁଣ୍ଡ ନୁଆଁଇ ବସିଲା। ସେ ବୁଝି ପାରୁ ନଥିଲା ଯେ ରୂପା ଥାଳିରେ ଖାଦ୍ୟ ପରଷିଲା ପରେ ମଧ୍ୟ ଶ୍ୱଶୁର କାହିଁକି ସନ୍ତୁଷ୍ଟ ହେଉ ନାହାନ୍ତି।

ପରବର୍ଷ ପୂଜା ବେଳକୁ ପୁଣି ରାମକୃଷ୍ଣ ତାଙ୍କ ଶ୍ୱଶୁରଠାରୁ ବିଜୟନଗର ଆସିବା ପାଇଁ ନିମନ୍ତ୍ରଣ ପାଇଲେ। ଏଥର ଶାନ୍ତି ସୁନା ଥାଳିରେ ଖାଦ୍ୟ ପରଷିଲେ। ସେ ତାଙ୍କ ପାଖରେ ବସିଲେ ଏବଂ ତାଙ୍କୁ ଆରାମ୍ ଦେବା ପାଇଁ ବିଞ୍ଚଣା ଧରି ବିଞ୍ଚିଲେ। ରତ୍ନା ଟିକେ ପାଖରେ ବସି ଶ୍ୱଶୁର କଣ କହିବେ ସେ କଥା ଶୁଣିବା ପାଇଁ ଅପେକ୍ଷା କରିଥିଲା। ସେ ଭାବୁଥିଲା ଶ୍ୱଶୁର ଏଥର ନିଶ୍ଚୟ ସନ୍ତୁଷ୍ଟ ହେବେ।

''ଝିଅ, ତୁମ ଘରେ ପରଷିବା ପାଇଁ ଭଲ ଥାଳି ନାହିଁ?'' ସେ ଏଥର ମଧ୍ୟ ପୂର୍ବ ପରି କହିଲେ।

ଶାନ୍ତି ବିଶ୍ୱାସ କରିପାରିଲା ନାହିଁ, ସେ ପଚାରିଲା, ''ବାପା, ତୁମେ ଏମିତି କାହିଁକି କହୁଛ? ସୁନାଠାରୁ ଭଲ ଥାଳି ଆଉ କ'ଣ ହୋଇପାରେ?''

''ତା'ଠୁଁ ମଧ୍ୟ ଭଲ ଥାଳି ଅଛି? ନିଶ୍ଚୟ ଅଛି।'' ରାମକୃଷ୍ଣ ହସିଦେଇ କହିଲେ।

ରତ୍ନା ନିଜକୁ ସମ୍ଭାଳି ପାରୁ ନ ଥିଲା। ସେ ଶ୍ୱଶୁରଙ୍କର ଇଚ୍ଛା କ'ଣ ଜାଣି ପାରୁ ନ ଥିଲା। ସୁନା ଥାଳିରେ ଖାଦ୍ୟ ପରଷିଲା ପରେ ମଧ୍ୟ ଶ୍ୱଶୁର କାହିଁକି ସନ୍ତୁଷ୍ଟ ହେଉ ନ ଥିଲେ ସେ ବୁଝି ପାରୁ ନ ଥିଲା। ଭଲ ଥାଳି ତିଆରି କରିବା ପାଇଁ ଆଉ କି ଧାତୁ ବ୍ୟବହାର କରାଯାଇପାରିବ, ଯାହାକି ସୁନାଠାରୁ ଅଧିକ ମୂଲ୍ୟବାନ୍ ହେବ? ରତ୍ନା ମନରେ ସନ୍ଦେହ ଜାତ ହେଲା।

ସେ ବଣିଆ ବ୍ରହ୍ମଚାରୀଙ୍କୁ ଭେଟିଲେ। ବ୍ରହ୍ମଚାରୀ ତାଙ୍କ ପରିବାର ପାଇଁ ସୁନା ଅଳଙ୍କାର ତିଆରି କରନ୍ତି ଏବଂ ତାଙ୍କୁ ଘଟଣା ବିଷୟରେ କହିଲେ, ''ଖାଦ୍ୟ ପରଷିବା ପାଇଁ ସୁନା ଥାଳିଠାରୁ ଆଉ କିଛି ଭଲ ଥାଳି ଅଛି କି?'' ସେ ପଚାରିଲେ।

ବ୍ରହ୍ମଚାରୀ ହସି ଦେଇ କହିଲେ, ''କାହିଁକି ନୁହେଁ? ରାଜାରାଣୀମାନେ ନବରତ୍ନରେ ଖଚିତ

ଥାଳିରେ ଭୋଜନ କରିଥାନ୍ତି। ସେହି ଥାଳିଗୁଡିକ ସୁନା ଥାଳି ତୁଳନାରେ ଭଲ, ନୁହେଁ କି?''

ରତ୍ନା ନବରତ୍ନରେ ଖଚିତ ସୁନା ଥାଳି ପର ସଂକ୍ରାନ୍ତି ପାଇଁ କିଣି ଆଣିଲା। ଶାନ୍ତି ସେହି ଥାଳିରେ ଖାଦ୍ୟ ପରଷିଲା। ଏତିକି ବେଳେ ରତ୍ନା ଆସି କହିଲା, ''ବାପା, ଏହାଠାରୁ ଭଲ ଥାଳି ଆଉ କିଛି ନାହିଁ। ରାଜାମାନେ ମଧ୍ୟ ଏହି ଥାଳିରେ ଭୋଜନ କରିଥାନ୍ତି।'' ଶ୍ୱଶୁର କିଛି କହିବା ପୂର୍ବରୁ ରତ୍ନା ଏ କଥା ଶୁଣାଇଲା।

ରାମକୃଷ୍ଣ ଅଳ୍ପ ହସି ଦେଇ କହିଲେ, ''ମୁଁ ତୁମକୁ ଯାହା କହିବାକୁ ଚାହୁଁଛି ତୁମେ ତାହା ବୁଝି ପାରିଲ ନାହିଁ। ଆୟ ବଢ଼ିବା ସହିତ ଘରର ସୁଖସୁବିଧା ବଢ଼ି ବଢ଼ି ଚାଲିଛି। ଯଦି ମୋତେ ପରଷା ଯାଉଥିବା ଥାଳିର ମୂଲ୍ୟ ବଢ଼ି ଚାଲିଛି ତାହାର ଅର୍ଥ ବ୍ୟବସାୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ମୋର ଇଚ୍ଛା ତୁମେ ବ୍ୟବସାୟରେ ଉନ୍ନତି ଜାରି ରଖ। ମୁଁ ଭଲ ଥାଳି ଛଳରେ ଏହି କଥା ହିଁ ସୂଚାଇ ଦେଇଛି। ଜଣେ ବ୍ୟବସାୟୀ ଯେତିକି ଆୟ କରନ୍ତି ସେଥିରେ ସେ ସନ୍ତୁଷ୍ଟ ହୋଇ ବସିବା ଅନୁଚିତ୍। ସେ କ୍ରମାଗତ ଭାବରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ପ୍ରତିଯୋଗିତା କରି ବ୍ୟବସାୟରେ ନିଜ ସ୍ଥାନ ବଜାୟ ରଖିବା ଏବଂ ବଜାର ଚାହିଦା ବଢ଼ାଇବା ଆବଶ୍ୟକ। ଏହା ଦ୍ୱାରା ତୁମେ ଅଧିକରୁ ଅଧିକ ଲୋକଙ୍କୁ କାମ ଯୋଗାଇ ପାରିବ। ଚାଷୀମାନେ ଭଲ ଅମଳ ପାଇଲେ ଯେଉଁମାନଙ୍କର ବଳଦ ଗାଡ଼ି ଅଛି ସେମାନେ ସେଥିରେ ଗାଁରୁ ଶସ୍ୟ ଅନ୍ୟ ସ୍ଥାନକୁ ପଠାଇ ଲାଭ ପାଇଥାନ୍ତି। ଚାଷୀମାନେ ବହୁତ ଶ୍ରମିକଙ୍କୁ କାମ ଯୋଗାଇ ଦେଇଥାନ୍ତି। କିଏ ଧାନ କୁଟି ଥାଏ ତ କିଏ ଚାଉଳ ବାଛିଥାଏ। ଚାଷୀମାନେ ମଧ୍ୟ ବହୁ ସଂଖ୍ୟକ ମଜୁରିଆଙ୍କୁ କାମ ଯୋଗାଇଥାନ୍ତି ଏବଂ ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ଶସ୍ୟ ବିକ୍ରି କରିଥାନ୍ତି। ଯଦି ସମସ୍ତେ ଯାହା ପାଆନ୍ତି ସେଥିରେ ସନ୍ତୁଷ୍ଟ ହୋଇଯାଆନ୍ତେ ତେବେ ପୃଥିବୀରେ ଉନ୍ନତି ହୁଅନ୍ତା ନାହିଁ।

ରତ୍ନା ବର୍ତ୍ତମାନ ଏହା ବୁଝି ପାରିଲା। ସେ କେବଳ ଜୀବିକା ପାଇଁ ଗାଁରୁ ସହରକୁ ଆସିଥିଲା। ସେ ଏଠାକୁ ଆସି ଅଧିକ ଆୟ କଲା ଏବଂ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇ ବ୍ୟବସାୟରେ ଅଗ୍ରଗତି କଲା। ବର୍ତ୍ତମାନ ସେ ସନ୍ତୁଷ୍ଟ ଥିଲା ଯେ ତା'ର ସ୍ୱପ୍ନ ସଫଳ ହୋଇଛି।



ପଞ୍ଚତନ୍ତ୍ରର କାହାଣୀ

ଯେଉଁ ଲୋକ ଅବିଶ୍ୱାସୀ, ତାଙ୍କୁ ସତ୍ ପରାମର୍ଶ ଦେବା ଏବଂ ଜୁଆଖୋର୍ ବା ମଦ୍ୟପଙ୍କୁ ହିତ ବଚନ କହିବା ବିଲ୍‌କୁଲ୍ ଅବ୍ୟାପାର। ସେଥିରେ ହିତାକାଂକ୍ଷୀର ଅମଙ୍ଗଳ ହେବାର ସମ୍ଭାବନା ହିଁ ଅଧିକ । ବୁଦ୍ଧିମାନମାନେ ହିଁ ଏ କଥା ଜାଣନ୍ତି। ଯିଏ ପରାମର୍ଶ ମାଗେ, ତାଙ୍କୁ ହିଁ ପରାମର୍ଶ ଦେବା ବିଧେୟ। ଆମକୁ ଯିଏ ଅବିଶ୍ୱାସ କରେ, ତାଙ୍କୁ ଉପଦେଶ ଦେବାର ମୂଲ୍ୟ କ'ଣ?

ଗୋଟିଏ ଅରଣ୍ୟରେ ଏକ ଗଛ ଡାଳରେ ଯୋଡ଼ିଏ ପକ୍ଷୀ ନୀଡ଼ ବାନ୍ଧି ରହିଥିଲେ। ଦିନେ ପ୍ରବଳ ବର୍ଷା ହେଉଥାଏ। ମାଙ୍କଡ଼ଟିଏ ବର୍ଷାରେ ତିନ୍ତି ସେ ଗଛ ମୂଳରେ ଆସି ଆଶ୍ରୟ ନେଇଥାଏ। ଶୀତରେ ସେ ଥରୁଥାଏ ଓ ବିକଳରେ ଏଆଡ଼େ ସେଆଡ଼େ ଅନାଉଥାଏ।

ସେତେବେଳେ ନୀଡ଼ରେ କେବଳ ପକ୍ଷୀଣିଟି ଥିଲା। ମାଙ୍କଡ଼ର ଦୁର୍ଦ୍ଦଶାରେ ବ୍ୟଥିତା ହୋଇ ସେ କହିଲା, ''ଆରେ ଭାଇ! ମଣିଷଙ୍କର ଯେମିତି ମୁହଁ, ହାତ, ଗୋଡ଼ ରହିଛି, ତମର ବି ସେମିତି ରହିଛି। ମଣିଷଙ୍କ ଭଳି ତମେ ବି ଘରଟିଏ ତୋଲୁ ନାହଁ କାହିଁକି? ଶୀତରେ ଏମିତି ଥରିବାର ଦରକାର କ'ଣ?''

ମାଙ୍କଡ଼ ହଠାତ୍ ରାଗିଯାଇ କହିଲା, ''ମୁଁ ମୋ ନିଜ ପାଇଁ ଘର ବନାଇ ନାହିଁ ସତ, କିନ୍ତୁ ତୋ ଘରଟିକୁ ଭାଙ୍ଗି ପକାଇବାକୁ କେତେ ସମୟ ଲାଗିବ?'' ଏହା କହି ବିଚରା ପକ୍ଷୀର ନୀଡଟିକୁ ଟାଣି ଆଣି ସେ ଛିନ୍ନ ଭିନ୍ନ କରି ଫୋପାଡ଼ି ଦେଲା।

ମିତ୍ର ଭେଦ – ୨୬

ପକ୍ଷିଣୀ ନୀଡ଼ ଛାଡ଼ି ଉଡ଼ି ପଳାଇଥିବା ହେତୁ ଟିକକରେ ବଞ୍ଚିଗଲା।

ପୂର୍ବୋକ୍ତ ସୂଚୀମୁଖୀ ମଧ୍ୟ ସେହିପରି ମାଙ୍କଡ଼କୁ ପରାମର୍ଶ ଦେବାକୁ ଆଗଭର ହୋଇଥିଲା। କ୍ରୁଦ୍ଧ ହୋଇ ମାଙ୍କଡ଼ ତାକୁ ଧରି ପକାଇ ତଳେ ପଥରରେ ଛେଚି ଦେଲା। ସୂଚୀମୁଖୀ ମଲା।

କରଟକ ଦମନକକୁ ଏ କାହାଣୀ ଶୁଣାଇ ସାରି କହିଲା, ''ମୂର୍ଖ ଲୋକଙ୍କୁ ବିବେକପୂର୍ଣ୍ଣ କଥା ଶୁଣାଇବା ବେକାର। ମୂର୍ଖଙ୍କର ବିବେକ ଥିଲେ ବି ତାହା ସରା ଢଙ୍କା ହୋଇଥିବା ଦୀପଶିଖା ଭଳି ଆବୃତ୍ତ ହୋଇ ରହିଥାଏ। ତୁମେ ସେହି ଗୋତ୍ରର ଜୀବ। ଦୁଷ୍ଟବୁଦ୍ଧି ଓ ତୁମ ଭିତରେ କୌଣସି ପାର୍ଥକ୍ୟ ନାହିଁ।''

''ଦୁଷ୍ଟବୁଦ୍ଧି କିଏ? ତା' କଥାଟି କ'ଣ?'' ଦମନକ ପଚାରିଲା। କରଟକ ଗପିଲା:

ଦୁଷ୍ଟବୁଦ୍ଧି କଥା

ଏକ ସହରରେ ଦୁଷ୍ଟବୁଦ୍ଧି ଓ ଧର୍ମବୁଦ୍ଧି ନାମରେ ଦୁଇ ଜଣ ବଣିକ ଯୁବକ ଥିଲେ। ଦୁହିଁଙ୍କ ଭିତରେ ଥିଲା ଘନିଷ୍ଠ ମିତ୍ରତା। ଧର୍ମବୁଦ୍ଧି ସତ୍ ସ୍ୱଭାବସମ୍ପନ୍ନ ଯୁବକ ଥିଲା। ଦୁଷ୍ଟବୁଦ୍ଧି ମଗଜରେ ଯେ କେତେ ପ୍ରକାର କୁମତଲବ ଖେଳୁଥିଲା, ସେ ସଂପର୍କରେ ଧର୍ମବୁଦ୍ଧିର ଧାରଣା ନ ଥିଲା।

କେମିତି ଅଧିକରୁ ଅଧିକ ଅର୍ଥ ଆୟ କରି ନିଜର ନାନାଦି ପ୍ରବୃତ୍ତି ଚରିତାର୍ଥ କରିବ, ତାହା ହିଁ ଥିଲା ଦୁଷ୍ଟବୁଦ୍ଧିର ଚିନ୍ତା। ସେ ଦିନେ ଧର୍ମବୁଦ୍ଧିକୁ କହିଲା, ''ବନ୍ଧୁ! ଚାଲ ପର୍ଯ୍ୟଟନ କରିବା। ବିଦେଶରୁ ଅଧିକ ଧନ ଉପାର୍ଜନର ସୂତ୍ର ମିଳିବ। ତା' ଛଡ଼ା, ଯୁବକ ବୟସରେ ଦେଶ ବିଦେଶ ବୁଲି ନ ଦେଖିଲେ ବୁଢ଼ା କାଳକୁ କି ସ୍ମୃତି ନେଇ ଦିନ କାଟିବୁ? ଦୁନିଆରେ କେତେ ପ୍ରକାର ଭାଷା, ଆଚାର ବ୍ୟବହାର, ସେ ସବୁ ନ ଜାଣିଲେ ଜୀବନର ମୂଲ୍ୟ କ'ଣ? ବିନା ଭ୍ରମଣରେ ଜ୍ଞାନ ବୃଦ୍ଧି ହେବ ନାହିଁ। ଅତଏବ ଚାଲ, ଦୂର ଦେଶ ବୁଲି ଦେଖିବା।''

ଧର୍ମବୁଦ୍ଧି ଏଥିରେ ସମ୍ମତ ହେଲା।

ଶୁଭ ମୁହୂର୍ତ୍ତ ଦେଖି ଦୁହେଁ ଘରୁ ବାହାରି ପଡ଼ିଲେ। କିଛି ଦିନ ପରେ ସେମାନେ ଏ

ନୂଆ ଦେଶରେ ପହଞ୍ଚିଲେ। ବଣ ଭିତରେ ଧର୍ମବୁଦ୍ଧି ହଠାତ୍ ହଜାରେ ସ୍ୱର୍ଣ୍ଣମୁଦ୍ରା ଭର୍ତ୍ତି କଳସଟିଏ ପାଇଗଲା।

ତାହା ପାଇ ସେ ଦୁଷ୍ଟବୁଦ୍ଧିକୁ କହିଲା: ''ଆମର ଭାଗ୍ୟ ଭଲ। ଚାଲ ଘରକୁ ବାହୁଡ଼ିଯିବା। ଧନ ବା ବିଦ୍ୟାଲାଭ ଆଶାରେ ବହିର୍ଗତ ବ୍ୟକ୍ତି ଯଦି ସେ ସବୁ ଅନାୟାସରେ ପାଇଯାଏ, ସେ ସ୍ୱଗୃହକୁ ବାହୁଡ଼ିଯିବା ବିଧେୟ।''

ଦୁଷ୍ଟବୁଦ୍ଧି ଏଥିରେ ରାଜି ହୋଇଗଲା। ଦୁହେଁ ଗାଁ ଅଭିମୁଖେ ଚାଲିଲେ। ଗାଁ ପାଖ ହୋଇ ଯିବାରୁ ଧର୍ମବୁଦ୍ଧି ଦୁଷ୍ଟବୁଦ୍ଧି କହିଲା, ''ଭାଇ, ତମେ ଏ ସ୍ୱର୍ଣ୍ଣମୁଦ୍ରାରୁ ଅଧେ ନେଇଯାଅ। ଘରେ ପହଞ୍ଚି ଉତ୍ସବ କରିବା।''

ଦୁଷ୍ଟବୁଦ୍ଧିର ଥିଲା ଭିନ୍ନ ଉଦ୍ଦେଶ୍ୟ। ସେ କହିଲା, ''ମିତ୍ର! ଏତେ ଧନ ଆମେ ଆତ୍ମୀୟସ୍ୱଜନଙ୍କୁ ଦେଖାଇବା ଉଚିତ୍ ନୁହେଁ। ସମସ୍ତେ ଲୋଭ କରିବେ। ବିବେକବାନ ଲୋକ ନିଜ ପାଖରେ ଥିବା ସାମାନ୍ୟ ପୁଞ୍ଜିକୁ ମଧ୍ୟ ଅନ୍ୟକୁ ଦେଖାଏ ନାହିଁ। ଧନ ପାପପୂର୍ଣ୍ଣ। ତପସ୍ୱୀର ଚିତ୍ତ ବି ସେଥିରେ ବିଚଳିତ ହୁଏ। ଆଉ ଗୋଟାଏ କଥା। ଯେ ଯାଏ ଏହା ଆମର ମିଳିତ ସମ୍ପଦ ହୋଇ ରହିଥିବ, ସେ ଯାଏ ଆମର ମିତ୍ରତା ବି ଦୃଢ଼ ରହିବ। ତେଣୁ ଆମେ ଦୁହେଁ ଶହେ ଶହେ ସ୍ୱର୍ଣ୍ଣମୁଦ୍ରା କାଢ଼ି ନେଇ ବାକି ଆଠ ଶହ ସ୍ୱର୍ଣ୍ଣମୁଦ୍ରା ସହ କଳସଟି ବଣ ଭିତରେ ଲୁଚାଇ ରଖିଦେବା। ଏ ଅର୍ଥ ଆମ ପାଇଁ ଶୁଭ କି ନୁହେଁ ଆଗେ ଅଳ୍ପ ନେଇ ଦେଖାଯାଉ। ପରେ ପ୍ରୟୋଜନ ଅନୁସାରେ ଆସି କାଢ଼ି ନେଇ ଯାଉଥିବା।''

ଦୁଷ୍ଟବୁଦ୍ଧିର ଏ ପରାମର୍ଶକୁ ଧର୍ମବୁଦ୍ଧି ସରଳ ଭାବରେ ଗ୍ରହଣ କଲା। ବଣର ଗୋଟିଏ ଗହନ ଅଞ୍ଚଳରେ ଦୁହେଁ ଗାତ ଖୋଳି କଳସକୁ ପୋତି ଦେଲେ।

(କ୍ରମଶଃ)

ସମାଲୋଚନା

ତ୍ରିପର୍ଣ୍ଣ ରାଜ୍ୟର ରାଜା ବିଷ୍ଣୁବର୍ଦ୍ଧନ ଜଣେ ସୁଶାସକ ତଥା ଉଦାର ହୃଦୟର ବ୍ୟକ୍ତି ଥିଲେ।

ଥରେ ତାଙ୍କର ସେନାପତି ସୁରସେନ ତାଙ୍କ ପାଖକୁ ଆସି କହିଲେ, ''ମଣିମା, ଆମକୁ ଖବର ମିଳିଛି ଯେ ରାମପୁର ରାଜ୍ୟର ରାଜା ଅନନ୍ତ ବର୍ମା ଆପଣଙ୍କ ରାଜ୍ୟରେ ଆପଣଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନିୟମର ସମାଲୋଚନା କରୁଛନ୍ତି। ମନେ ହେଉଛି ଯେ ସେ ଆପଣଙ୍କଠାରୁ ପାଉଥିବା ଖଜଣା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଯଦି ଆପଣ ମୋତେ ଅନୁମତି ଦିଅନ୍ତେ, ମୁଁ ତୁରନ୍ତ ତାଙ୍କୁ ଯାଇ ତାଙ୍କର ଔଦ୍ଧତ୍ୟ ପାଇଁ ଶିକ୍ଷା ଦିଅନ୍ତି।''

ବିଷ୍ଣୁବର୍ଦ୍ଧନ ସେନାପତିଙ୍କର ଅଭିଯୋଗକୁ ଧୈର୍ଯ୍ୟ ଦେଇ ଶୁଣିଲେ। ତା' ପରେ ସେ କହିଲେ, ''ଅନନ୍ତ ବର୍ମାଙ୍କୁ ନିଶ୍ଚୟ ଉଚିତ୍ ଶିକ୍ଷା ଦିଆଯିବ। କିନ୍ତୁ କିପରି ମୋତେ ସେ ବିଷୟରେ ଚିନ୍ତା କରିବାକୁ ଦିଅନ୍ତୁ।''

ସୁରସେନ ରାମପୁର ରାଜ୍ୟ ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ଚଳାଇବା ସହିତ ସମ୍ରାଟଙ୍କ ଆଦେଶକୁ ଅପେକ୍ଷା କରି ରହିଲେ। ତା' ପରେ ଦିନେ ସମ୍ରାଟ ତାଙ୍କୁ ସାକ୍ଷାତ କରିବା ପାଇଁ ଡକାଇ ପଠାଇଲେ। ସେ ଉତ୍କଣ୍ଠାର ସହିତ ସମ୍ରାଟଙ୍କୁ ଭେଟିବା ପାଇଁ ବାହାରିଲେ।

ବିଷ୍ଣୁବର୍ଦ୍ଧନ ସୁରସେନଙ୍କୁ ରାମପୁର କିମ୍ବା ଅନନ୍ତ ବର୍ମାଙ୍କ ବିଷୟରେ କିଛି କହିଲେ ନାହିଁ। ''ସୁରସେନ, ଆମ୍ଭେମାନେ ଯୌଥ ପରିବାର ବ୍ୟବସ୍ଥା ଉପରେ ଏକ ସର୍ବେକ୍ଷଣ କରୁଛୁ। ଆମେ ଏ କ୍ଷେତ୍ରରେ ତୁମର ସହାୟତା ଚାହୁଁଥିବାରୁ ତୁମକୁ ଡକାଇ ପଠାଇଛୁ।'' ସେ ତା' ପରିବର୍ତ୍ତେ କହିଲେ।

ଏପରି ସର୍ବେକ୍ଷଣ କରିବା ରାଜାଙ୍କ ପାଇଁ କିଛି ନୂଆ କଥା ନ ଥିଲା। ରାଜା ସମାଜ ମଙ୍ଗଳ ପ୍ରତି ଭାରି ଆଗ୍ରହୀ ଥିଲେ। ତେଣୁ ସୁରସେନ ଏହି ଅନୁରୋଧ ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହେଲେ ନାହିଁ।

ତିରୁମାଲାଶ୍ରୀ

ତା' ପରେ ସେ ଉତ୍ତର ଦେଲେ, ''ମଣିମା, ମୁଁ ମୋର କାର୍ଯ୍ୟ ସାଧ୍ୟ ମତେ କରିବି। ଦୟାକରି କିପରି ସାହାଯ୍ୟ କରିପାରିବି ମୋତେ କହନ୍ତୁ।''

''ସର୍ବେକ୍ଷଣ ସମୟରେ ଆମେ ଦେଖିଲୁ ଯେ 'ପରିବାରରେ ସୁସଂପର୍କ' ବିଭିନ୍ନ ସାମାଜିକ ବର୍ଗରେ ରହିଛି। ଆପଣଙ୍କ ପରିବାର ମଧ୍ୟ ତାହା ମଧ୍ୟରୁ ଗୋଟିଏ।'' ବିଷ୍ଣୁବର୍ଦ୍ଧନ କହିଲେ।

''ବର୍ତ୍ତମାନ ତୁମକୁ ଏହା ହିଁ କରିବାକୁ ହେବ। ଗତ ତିନି ମାସ ମଧ୍ୟରେ ତୁମେ ତୁମ ପରିବାର ସମ୍ବନ୍ଧରେ ଗ୍ରହଣ କରିଥିବା ନିଷ୍ପତ୍ତି ବିଷୟରେ ମନେ ପକେଇବାକୁ ଚେଷ୍ଟା କର। କେତେ ଘଟଣାରେ ସମଗ୍ର ପରିବାର ତୁମ କଥାରେ ସମ୍ମତି ହୋଇଥିଲା ଏବଂ କେଉଁ କ୍ଷେତ୍ରରେ ସମସ୍ତେ ସମ୍ମତ ହୋଇ ନ ଥିଲେ ତାହା ଲେଖି ରଖ। ତାହାର ସମସ୍ତ ବିବରଣୀ ଲେଖି ଆଣିବ। ଆମ ସର୍ବେକ୍ଷଣରେ ସହାୟତା ମିଳିବ।''

''ବେଶ୍ ସହଜ କାମ!'' ସୁରସେନ ଏହା ଚିନ୍ତା କରି ରାଜାଙ୍କଠାରୁ ବିଦାୟ ନେଲେ।

ପରଦିନ ସୁରସେନ ଫେରିଆସିଲେ, ଲଜ୍ଜ୍ୟାରେ ତାଙ୍କର ମୁଣ୍ଡ ନଇଁ ଯାଇଥିଲା।

''ମଣିମା, ଗତ ତିନି ମାସରେ ମୁଁ ଯେତେ ନିଷ୍ପତ୍ତି ନେଇଥିଲି ସେ ସବୁ ମଧ୍ୟରୁ କେବଳ ଗୋଟିଏ ଘଟଣାରେ ମୋର ସ୍ତ୍ରୀ କିମ୍ବା ମୋର ଦୁଇ ପୁଅ ମୋ ସହିତ ବା ମୋ ପ୍ରସ୍ତାବରେ ସଂପୂର୍ଣ୍ଣ ଏକମତ ହୋଇଥିଲେ।'' ସୁରସେନ କହିଲେ।

''ମୁଁ ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଲି। ତୁମେ ଘରର ମୁଖିଆ ହୋଇ ଏପରି ନିଶ୍ଚିତ କିପରି ନେଲ? ତୁମେ ତାଙ୍କୁ ଦଣ୍ଡ ଦେଇଥିଲ ବା ସେମାନଙ୍କୁ ତୁମର ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ୍ୟ କରିଥିଲ?''

ସୁରସେନ ଏହି ପ୍ରଶ୍ନର ଉତ୍ତରରେ ହସି ଦେଇ କହିଲେ, ''ମୋର ଦୁଇ ପୁଅ ଖୁବ୍ କମ୍ ବୟସର ଏବଂ ତାଙ୍କର କୌଣସି ଅଭିଜ୍ଞତା ନାହିଁ। ସେମାନେ କିପରି ମୋ ନିଷ୍ପତ୍ତିର ଗଭୀରତା ବୁଝିପାରିବେ? ମୁଁ କିପରି ମୋ ସ୍ତ୍ରୀ ଉପରେ ବିରକ୍ତି ହେବି, ସେ ମୋର ଜୀବନ ସାଥୀ? ତେଣୁ ମୁଁ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲି। କେତେକ କ୍ଷେତ୍ରରେ ସେମାନଙ୍କର ମତ ବଦଳାଇଥିଲି ଆଉ କେତେକ କ୍ଷେତ୍ରରେ ସେମାନଙ୍କ ପସନ୍ଦ ଅନୁଯାୟୀ ମୁଁ ମୋର ଚିନ୍ତାଧାରା ବଦଳାଇଥିଲି।'' ତା' ପରେ ରାଜା ବିଷ୍ଣୁବର୍ଦ୍ଧନ ହସି ଦେଇ ଧୀରସ୍ଥିର ଭାବରେ ହସି ଦେଇ କହିଲେ, ''ସୁରସେନ, ତୁମେ ଯେଉଁ ସମାଧାନର କଥା କହିଲ ସେହି ସମାଧାନ ରାମପୁରର ରାଜା ଅନନ୍ତ ବର୍ମାଙ୍କ କ୍ଷେତ୍ରରେ ଲାଗୁ ହେବ। ସେ ଆମର ଶାସନ ଅଧିନରେ ଅଛନ୍ତି, ତାହାର ଅର୍ଥ ନୁହେଁ ଯେ ସେ ଆମର

ଦାସ। ଆମ ସାମ୍ରାଜ୍ୟ ଯୌଥ ପରିବାର ପରି, ସେ ମଧ୍ୟ ଆମ ପରିବାରର ସଦସ୍ୟଙ୍କ ଭଳି। ଆମ ଅଧୀନରେ ଥିବା ରାଜାମାନଙ୍କର ସମ୍ରାଟଙ୍କର ନିୟମକୁ ବିଶ୍ଳେଷଣ କରିବାର ଏବଂ ସମାଲୋଚନା କରିବାର ଅଧିକାର ମଧ୍ୟ ରହିଛି। ସେମାନେ ଆମକୁ କର ଦେଇଥାନ୍ତି ଏବଂ ତାଙ୍କର ରାଜ୍ୟ ଆମ ଶାସନ ଅନ୍ତର୍ଭୁକ୍ତ। ତାହା ହିଁ ସେମାନଙ୍କୁ ପ୍ରଶ୍ନ କରିବାର ଅଧିକାର ଦେଇଥାଏ। ତେଣୁ ସେହି ପ୍ରଶ୍ନରେ ଅପମାନିତ ଅନୁଭବ କରିବା ଠିକ୍ ନୁହେଁ।

ଅନନ୍ତ ବର୍ମାଙ୍କର ଆଚରଣ ପ୍ରତି ସମ୍ରାଟଙ୍କର ମତିଗତି ଦେଖି ସୁରସେନ ଆଶ୍ଚର୍ଯ୍ୟ ହେଲେ। ସେ ବିନୀତ ଭାବରେ କହିଲେ, ''ଆଜ୍ଞା, ମଣିମା!''

''ସୁରସେନ, ତୁମେ ଯଦି ତୁମର ଅଧିକାର ବା ଶକ୍ତି ଦ୍ୱାରା ପ୍ରଭାବିତ ନ ହୋଇ ଶାନ୍ତ ମନରେ ଚିନ୍ତା କରିବ, ତୁମେ ଏହା ହୃଦୟଙ୍ଗମ କରିପାରିବ। ଗୋଟିଏ ଛୋଟିଆ ପରିବାରରେ ମତାନ୍ତର ଦେଖାଦେଉଛି ତେବେ ନିୟମ ପ୍ରଣୟନ ଓ ନିୟମ ପ୍ରୟୋଗ କ୍ଷେତ୍ରରେ ରାଜାମାନଙ୍କ ମଧ୍ୟରେ ମତାନ୍ତର ଦେଖାଦେବା ଆଶ୍ଚର୍ଯ୍ୟ କଥା କି? ଯେତେବେଳେ ଆମେ ଲାଗୁ କରୁଥିବା ନିୟମ କୌଣସି ସନ୍ଦେହ ସୃଷ୍ଟି କରେ ସେତେବେଳେ ଆମକୁ ସେହି ନିୟମକୁ ଭଲ ଭାବରେ ଅନୁଧ୍ୟାନ କରିବାକୁ ପଡ଼ିବ ଏବଂ ଆମ ଦ୍ୱାରା କୌଣସି ତ୍ରୁଟି ହୋଇଛି କି ନା ପରଖି ନେବାକୁ ହେବ। ସନ୍ଦେହ ଦୂର କରିବା ପାଇଁ ଏହା ହେଉଛି ଆମର ଦାୟିତ୍ୱ।''

ବିଷ୍ଣୁବର୍ଦ୍ଧନ ମୁହୂର୍ତ୍ତେ ପାଇଁ ଅଟକି ଗଲେ ଏବଂ ତା' ପରେ ସୁରସେନଙ୍କୁ ଚାହିଁଲେ। ''ଆମକୁ କେହି ସମାଲୋଚନା କଲେ ସେଥିପାଇଁ ତାଙ୍କୁ ଦଣ୍ଡ ଦେବା ପାଇଁ ଚେଷ୍ଟା କରିବା ବିଜ୍ଞତାର ପରିଚୟ ନୁହେଁ। ଯଦି ଆମକୁ କେହି ପ୍ରଶ୍ନ କରିବେ ନାହିଁ, ଆମେ କିପରି ଆମ କାର୍ଯ୍ୟର ସୁପ୍ରଭାବ ଓ କୁପ୍ରଭାବ ବିଷୟରେ ଜାଣିବା। ସୁସ୍ଥ ସମାଲୋଚନାକୁ ସଦାସର୍ବଦା ସ୍ୱାଗତ କରାଯିବା ଉଚିତ୍।''

ସୁରସେନଙ୍କ ମନରେ ରାଜାଙ୍କର ବୁଝାମଣା ପ୍ରତି ଗଭୀର ସମ୍ମାନ ଜାତ ହେଲା। ସେ ନିଜର ଭୁଲ୍ ବୁଝିପାରି କହିଲେ, ''ମୋତେ କ୍ଷମା କରନ୍ତୁ ମଣିମା, ମୁଁ ନିଜେ ରାମପୁର ଯିବି ଏବଂ ଅନନ୍ତ ବର୍ମାଙ୍କୁ ଭେଟି ତାଙ୍କର ସନ୍ଦେହ ଦୂର କରିବି।''





ଶିକାରୀ

ପଞ୍ଚବନୀର ରାଜା ବିକ୍ରମଧୀର ଥିଲେ ଜଣେ ବଡ଼ ଯୋଦ୍ଧା। ତାଙ୍କ ଗର୍ବର ସୀମା ନଥିଲା। ସେ ଭାବୁଥିଲେ ଯେ ତାଙ୍କଠାରୁ କେହି ବଡ଼ ଯୋଦ୍ଧା ନାହାନ୍ତି।

ଥରେ ସେ ତାଙ୍କର ଶ୍ରେଷ୍ଠ ସୈନ୍ୟମାନଙ୍କ ସହିତ ଶିକାର କରିବାକୁ ବାହାରିଲେ। ସେ ଗୋଟିଏ ହରିଣ ଛୁଆକୁ ଲକ୍ଷ୍ୟ କରି ତୀର ମାରିଲେ। ସେତିକି ବେଳେ ଆଉ ଏକ ତୀର ଅନ୍ୟ ଦିଗରୁ ଆସି ହରିଣ ଛୁଆ ଦେହରେ ବାଜିଲା।

ବିକ୍ରମଧୀର ତୀର ଯେଉଁ ଦିଗରୁ ଆସିଥିଲା ସେ ଆଡ଼କୁ ଚାହିଁଲେ: ସେ ଲକ୍ଷ୍ୟ କରିଥିବ ହରିଣ ଉପରକୁ ଆଉ କେହି ଲକ୍ଷ୍ୟ କରିଥିବାରୁ ରାଗିଗଲେ। ଏତିକି ବେଳେ ବୁଦା ଉହାଡରୁ ଜଣେ ବ୍ୟକ୍ତି ବାହାରି ଆସି ରାଜାଙ୍କୁ ଅଭିବାଦନ ଜଣାଇଲେ। ''ଦୟାକରି ମୋତେ କ୍ଷମା କରିଦିଅନ୍ତୁ, ମଣିମା, ମୁଁ ଜାଣି ନ ଥିଲି ଯେ ଆପଣ ମଧ୍ୟ ସେହି ହରିଣକୁ ଲକ୍ଷ୍ୟ କରି ତୀର ମାରୁଛନ୍ତି। ଅଜାଣତରେ ମୁଁ ହରିଣକୁ ତୀର ବିନ୍ଧି ଦେଇଛି।''

''ତୁମେ କିଏ? ରାଜା ପଚାରିଲେ।'' ମଣିମା, ମୋର ନାମ ରଣା ମଲ୍ଲ। ମୋର ପେସା ହେଉଛି ଶିକାର କରିବା।'' ସେ କହିଲା।

''ମୁଁ ଲକ୍ଷ୍ୟ କରିଥିବା ହରିଣକୁ ତୀର ବିନ୍ଧି ତୁମେ ଭୁଲ୍ କରିଛ। ତାହାର ଦଣ୍ଡବିଧାନ ସ୍ୱରୂପ ମୁଁ ତୁମର ଡାହାଣ ହାତର ବୁଢ଼ା ଆଙ୍ଗୁଠି କାଟି ଦେବି।'' ବିରକ୍ତ ହୋଇ ରାଜା ବିକ୍ରମଧୀର କହିଲେ।

''ମଣିମା, ମୋର ଭୁଲ୍ ପାଇଁ ଯାହାକି ମୋ ଅଜାଣତରେ କରିଛି ମୋ ଆଙ୍ଗୁଠି କାଟିଦେବା ଠିକ୍ ନୁହେଁ। ଆପଣ ଜାଣନ୍ତି ନାହିଁ ଯେ ଜଣେ ତୀର ଚାଳକଙ୍କ ପାଇଁ ତାଙ୍କର ଆଙ୍ଗୁଠି ହେଉଛି ଜୀବନ ପରି।'' ରଣା ମଲ୍ଲ କହିଲେ।

ବିକ୍ରମ ରଣା ମଲ୍ଲଙ୍କ କଥା ଶୁଣି ବିରକ୍ତ ହୋଇ କହିଲେ, ''ତୁମେ କ'ଣ ମୋଠାରୁ ବଡ଼ ତୀରନ୍ଦାଜ୍?''

ଏନ. ଶିବ ନାଗେଶ୍ୱର ରାଓ

ରଣା ମଲ୍ଲ ଆତ୍ମବିଶ୍ୱାସର କହିଲେ, ''ଆପଣ ଯୁଦ୍ଧ କ୍ଷେତ୍ରରେ ଯେପରି ଉତ୍ତମ ଯୋଦ୍ଧା, ମୁଁ ଜଙ୍ଗଲରେ ସେହିପରି ଉତ୍ତମ ଶିକାରୀ।''

''ତୁରନ୍ତ ତାଙ୍କୁ ହତ୍ୟା କର!'' ରାଜା ତାଙ୍କର ସୈନ୍ୟମାନଙ୍କୁ ଆଦେଶ ଦେଲେ। ସୈନ୍ୟମାନେ ତରବାରୀ ବାହାର କଲେ। ଠିକ୍ ସେତିକି ବେଳେ ରାଜା ବିକ୍ରମଧୀରଙ୍କ ଉପରେ ପାଖରେ ଥିବା ଏକ ବିଶାଳ ବୃକ୍ଷରୁ ବଡ଼ ଅଜଗର ସାପଟିଏ ଖସି ପଡ଼ିଲା। ସାପଟି ରାଜାଙ୍କ ଚାରିପଟେ ଗୁଡାଇ ହୋଇଗଲା।

ହଠାତ୍ ଏପରି ବିପଦରେ ପଡ଼ି ରାଜାଙ୍କ ସହିତ ସୈନ୍ୟମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ। ରାଜା ବିକ୍ରମଧୀର ଅଜଗର କବଳରୁ ନିଜକୁ ରକ୍ଷା କରିବା ପାଇଁ ବହୁତ ଚେଷ୍ଟା କଲେ। କିନ୍ତୁ ପାରିଲେ ନାହିଁ। ସୈନ୍ୟମାନେ ମଧ୍ୟ ଭୟ କଲେ ଯେ ଅଜଗରକୁ ଆକ୍ରମଣ କଲେ ରାଜାଙ୍କର କ୍ଷତି ହୋଇପାରେ।

ରଣା ମଲ୍ଲ ତୁରନ୍ତ ବିପଦର ସୁରାକ୍ ପାଇ ସଜାଗ୍ ହୋଇଉଠିଲା। ସେ ତୀର ବାହାର କରି ଅଜଗରକୁ ଲକ୍ଷ୍ୟ କରି ତୀର ମାରିଲା। ରାଜା ବିକ୍ରମଧୀରଙ୍କୁ ସାମାନ୍ୟ କ୍ଷତି ନ ପହଞ୍ଚାଇ ଅଜଗରକୁ ଆଘାତ କଲା। ତୀର ବାଜିବାରୁ ଅଜଗର ରାଜାଙ୍କୁ ଛାଡି ଦେଲା।ରାଜା ତୁରନ୍ତ ଅଜଗର କବଳରୁ ବାହାରି ଆସିଲେ। ରାଣା ମଲ୍ଲ ସାହସିକତାର ସହିତ ଛୁରୀ ଧରି ଅଜଗରକୁ ହତ୍ୟା କଲା।

ବିକ୍ରମଧୀର ରଣା ମଲ୍ଲଙ୍କୁ କୁଣ୍ଢାଇ ପକାଇଲେ, ''ମୁଁ ଅହଙ୍କାରର ବଶବର୍ତ୍ତୀ ହୋଇ ଏପରି କଥା କହିଥିଲି। ମୁଁ ଭାବୁଥିଲି ଯେ ମୁଁ ହେଉଛି ରାଜା ସବୁଠାରୁ ଶକ୍ତିଶାଳୀ। ତୁମର ସ୍ଥାନ ମୋଠାରୁ ଉଚ୍ଚରେ। ତୁମ ପରି ମୁଁ ଏପରି ସ୍ଥିତିରେ ମୋ ଶତ୍ରୁର ଜୀବନ କେବେ ବି ରକ୍ଷା କରିପାରି ନ ଥାନ୍ତି। ତୁମେ ଯେ ମୋଠାରୁ ବଡ଼ ବୀର ଏଥିରେ ସନ୍ଦେହ ନାହିଁ। ତୁମ ପ୍ରତି ଯେଉଁ ଅସଦ୍‌ବ୍ୟବହାର କରିଛି ମୋତେ କ୍ଷମା କରିଦିଅ।''

ରଣା ମଲ୍ଲ ନମ୍ରତାର ସହ ଉତ୍ତର ଦେଲା, ''ତୀରନ୍ଦାଜ୍ ପାଇଁ ବୁଢ଼ା ଆଙ୍ଗୁଠି ପରି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ମଣିଷପଣିଆ। ମୁଁ କେବଳ ମଣିଷ ଭାବରେ ମୋର କର୍ତ୍ତବ୍ୟ କରିଛି। ଏଥିରେ ମହାନତାର କଥା କିଛି ନାହିଁ।''

ବିକ୍ରମଧୀର ତାଙ୍କ ଗଳାରୁ ମୁକ୍ତା ମାଳା ଖୋଲି ରାଣାଙ୍କ ବେକରେ ଝୁଲାଇ ଦେଇ ସେଠାରୁ ଚାଲିଗଲେ।



ପାର୍ଥକ୍ୟ

ଛଅ ବର୍ଷ ବୟସର ଦୀପିକା ଗାଲରେ ହାତ ଦେଇ ଚୁପ୍‌ଚାପ୍ ବସିଥାଏ। ଯେମିତି ଭାବନାର ଦୁନିଆରେ ହଜି ଯାଇଥାଏ। ସେ ମାତ୍ର କିଛି ସମୟ ପୂର୍ବରୁ ପଡୋଶୀଙ୍କ ଝିଅ ରୋଜିର ଜନ୍ମ ଦିନ ପାର୍ଟିରୁ ଫେରିଥାଏ।

ଦୀପିକାର ବାପା ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ପିତାମାତା ଦୁହେଁ ତାଙ୍କର ଏକମାତ୍ର ଝିଅ ଦୀପିକାକୁ ଭାରି ଭଲ ପାଉଥିଲେ ଏବଂ ତା'ର ଯତ୍ନ ନେବାରେ କେବେ ହେଲେ ହେଳା କରୁ ନ ଥିଲେ।

''ତୁମେ ଦିପୁକୁ କିଛି କହିଛ କି?'' ଭେଙ୍କଟ ତାଙ୍କର ସ୍ତ୍ରୀ ମୈତ୍ରୀଙ୍କୁ ପଚାରିଲେ।

''ନା, ତୁମେ ଏମିତି କାହିଁକି କହୁଛ?'' ସେ ସ୍ୱାମୀଙ୍କୁ ପଚାରିଲେ।

''ତେବେ ଆମର ଚୁଲ୍‌ବୁଲି ଝିଅ ପାଟିତୁଣ୍ଡ ନ କରି ଆଜି ଚୁପ୍‌ଚାପ୍ କାହିଁକି ବସିଛି? ତା'ର ମନ ଭଲ ନାହିଁ କି?''

''ମୁଁ ରୋଷେଇ ଘରେ କାମରେ ବ୍ୟସ୍ତ ଥିଲି। ତା' ପ୍ରତି ଦୃଷ୍ଟି ଦେଇନାହିଁ। ସେ ମନଖୁସିରେ ଆମ ପଡୋଶୀ ଡାକ୍ତରଙ୍କ ଝିଅ ଜନ୍ମ ଦିନ ପାର୍ଟିକୁ ଯାଇଥିଲା।'' ମୈତ୍ରୀ କହିଲେ। ''କଥା କ'ଣ ଦୀପୁ? କାହିଁକି ଏମିତି ଚୁପ୍‌ଚାପ୍ ବସିଛୁ?'' ବାପା ଧୀରେ ଧୀରେ ପଚାରିଲେ। ଦୀପିକା ବାପାଙ୍କ ଆଡ଼କୁ ଚାହିଁଲା। ତା' ମନରେ କ'ଣ ଚାଲିଥିଲା କିଛି ବୁଝା ପଡୁ ନ ଥିଲା।

''ବାପା, ତୁମେ ଜାଣିଛ, ରୋଜିକୁ ବହୁତ ଉପହାର ମିଳିଛି। କେତେ ଖେଳନା କାର୍, କଣ୍ଢେଇ ଏବଂ ପୋଷାକ ରହିଛି।'' ଦୀପୁ କହିଲା। ଭେଙ୍କଟ କଥା କ'ଣ ବୁଝିଗଲେ।

''ଦୀପୁ, ମୋର ଏବେ ବି ମନେ ପଡ଼ିଲା। କାଲି ତୁମ ସ୍କୁଲରେ ଗୀତ ପ୍ରତିଯୋଗିତା ଅଛି। ଗୀତ ଗାଇବା ଅଭ୍ୟାସ କରିଛ? ମୋତେ ଥରେ ଶୁଣେଇବ। ମୋ ପାଇଁ ଟିକେ ଗାଇ ଦିଅ।'' ସେ ଝିଅର ମନ ପରିବର୍ତ୍ତନ କରିବା ପାଇଁ ବିଷୟ ବଦଳାଇଲେ।

ଏ. କୋଣ୍ଡଲ ରାଓ

''ଦୀପିକା, ମାଆଙ୍କଠାରୁ ଶିଖି ଥିବା ଗୀତ ଗାଇ ଶୁଣାଇଲା। ମାଆ ଦୁଇଟି ଧାଡ଼ି ସଂଶୋଧନ କରି ଭଲ ଭାବରେ ଗାଇବା ପାଇଁ କହିଲେ।

ପରଦିନ, ଭେଙ୍କଟ ଯେତେବେଳେ ସନ୍ଧ୍ୟାରେ ଘରକୁ ଫେରିଲେ, ଦୀପିକା ଦୁଆର ମୁହଁରେ ଠିଆ ହୋଇ ତାଙ୍କୁ ଗୀତ ପ୍ରତିଯୋଗିତାରେ ଜିତି ଥିବା ପୁରସ୍କାର ଗୋଟିଏ ବହି ଦେଖାଇଲା। ସେ ଭାରି ଖୁସି ଥିବା ପରି ଦିଶୁଥିଲା।

ଭେଙ୍କଟ ହସି ଦେଇ ତାଙ୍କୁ ପଚାରିଲେ, ''ଦୀପୁ, ବହିଟିର ଦାମ୍ ତ ଏତେ ବେଶୀ ନୁହେଁ। ଏତେ ବେଶୀ ଖୁସି ହେବାର କାରଣ କଣ?''

''ତୁମେ ଜାଣ, ବିଚାରପତି କହିଲେ ଯେ ମୁଁ ବଡ଼ ହେଲେ ବଡ଼ ଗାୟିକା ହେବି। ମୋତେ ପୁରସ୍କାର ଦେଲା ବେଳେ ସେ ମୋର ବହୁ ପ୍ରଶଂସା କଲେ। ସେଥିପାଇଁ ତ ମୁଁ ଏତେ ଖୁସି,'' ଦୀପିକା ଉତ୍ତେଜିତ ହୋଇ କହିଲା।

''ତା'ର ଅର୍ଥ ତୁମେ ତୁମର ଭଲ ଗୁଣ ପାଇଁ ଏହି ବହିଟି ପୁରସ୍କାର ଭାବରେ ପାଇଛ!''

''ମୁଁ ଏ ବହିଟି ସାଇତି ରଖିବି। ବାପା ମୁଁ ଭାବୁଛି ଯେ ମୁଁ ବଡ଼ ହେଲେ ମଧ୍ୟ ଏହି ମୁହୂର୍ତ୍ତଟିକୁ କେବେ ବି ଭୁଲି ପାରିବି ନାହିଁ।'' ଦୀପିକା କହିଲା, ତା' ଆଖିରୁ ଉଜ୍ଜ୍ୱଳତା ବାରି ହେଉପଡୁଥିଲା।

ସେ ଧୀରେ ଧୀରେ ସ୍ନେହରେ ଝିଅର ପିଠି ଥାପୁଡେଇ ଦେଇ କହିଲେ, ''ଦୀପୁ, ଏବେ ତୁମେ ପୁରସ୍କାର ଏବଂ ଉପହାର ଭିତରେ ତଫାତ୍ କଣ ବୁଝିଲ ତ? ଯେଉଁମାନେ ଆମକୁ ଭଲ ପାଆନ୍ତି ଆମକୁ ଉପହାର ଦିଅନ୍ତି। ଆମେ କଠିନ ପରିଶ୍ରମ ଏବଂ ଆମର ଭଲ ଗୁଣ ବଳରେ ପୁରସ୍କାର ହାସଲ କରିଥାଉ। କିନ୍ତୁ ଆମେ କଠିନ ପରିଶ୍ରମ ବଳରେ ଯାହା ହାସଲ କରୁ ତାହା ଆମ ପାଇଁ ସହଜରେ ମିଳୁଥିବା ଜିନିଷ ତୁଳନାରେ ଅଧିକ ମୂଲ୍ୟବାନ୍ ମନେ ହେଇଥାଏ। ପୁରସ୍କାରରେ ପାଇଛ ବୋଲି ବହିଟି ତୁମକୁ ଅମୂଲ ମୂଲ ମନେ ହେଉଛି। ମୋର ଆଶା ତୁମେ ବର୍ତ୍ତମାନ ଏହି ଫରକ୍ ବୁଝିପାରୁଥିବ।''

ଦୀପିକା ସବୁ ବୁଝିଗଲା ପରି ମୁଣ୍ଡ ହଲାଇଲା। ତା'ର ପୁରସ୍କାରକୁ କୁଣ୍ଢାଇ ଧରି ସାଙ୍ଗମାନଙ୍କୁ ଦେଖାଇବା ପାଇଁ ଆନନ୍ଦ ମନରେ ବାହାରକୁ ଧାଇଁଗଲା।



ଭାଗ୍ୟର ଖେଳ

ବହୁଦିନ ତଳର କଥା, ବୁନ୍ଦେଲଖଣ୍ଡରେ ଠାକୁର ବଂଶର ରାଜା ରାଜୁତି କରୁଥିଲେ। କିନ୍ତୁ ସେହି ବଂଶର ସଂପର୍କୀୟ ରୂପସିଂ ବହୁତ ଗରିବ ଥିଲା। ଯଦିଓ ସେ ରାଜବଂଶରେ ଜନ୍ମଗ୍ରହଣ କରିଥିଲା, ତା' ପାଖରେ କିଛି ନ ଥିଲା। ସେ ବଡ଼ କଷ୍ଟରେ କାଳ କାଟୁଥିଲା। ରାଜବଂଶର ମର୍ଯ୍ୟାଦା ଓ ଗାରିମାକୁ କେବେ କିନ୍ତୁ ଭୁଲି ନଥିଲା। ଧନସମ୍ପତ୍ତି ତ ଦୂରର କଥା, ସାରା ସଂସାରରେ ତା'ର କେହି ଆପଣାର ମିତ୍ର ମଧ୍ୟ ନଥିଲେ। ତା'ର ସମ୍ପତ୍ତି କହିଲେ ବୁଝାଉଥିଲା-ପୁରୁଣା ଫଟା ଚାଦର, ଦୁଇଟି ଟାଟ ଏବଂ ଗୋଟିଏ କୁରାଢ଼ୀ। ତା' ପାଖରେ ଖାଇବା ପାଇଁ ଭଲ ବାସନ ଖଣ୍ଡେ ବି ନ ଥିଲା। ସେ ବନ୍ଧୁହୀନ ଭାବରେ ଦୁଃଖେସୁଖେ ଦିନ ବିତାଉଥିଲା।

ସେହି କୁରାଢ଼ୀ ଧରି ରୂପସିଂ ସକାଳୁ ଦ୍ୱିପ୍ରହର ପର୍ଯ୍ୟନ୍ତ ଜଙ୍ଗଲରେ କାଠ କାଟେ ଏବଂ ସଂଧ୍ୟା ସମୟରେ ସେସବୁ ତିନି ଚାରି ଟଙ୍କାରେ ବିକିଦିଏ। ସେଥିରୁ ସେ ଦୁଇଟଙ୍କା ଧୋବାକୁ ଦେଇ ରାଜା ମହାରାଜାଙ୍କର ପୋଷାକ ଭଡ଼ାରେ ନିଏ ଏବଂ ଗୋଟିଏ ଟଙ୍କା ଦେଇ ଘୋଡ଼ାଟିଏ ଭଡ଼ାରେ ନିଏ। ସେହି ଚକଚକିଆ ପୋଷାକକୁ ପିନ୍ଧି, ନିଜକୁ ସଜାଇ ରାଜାଙ୍କ ପରି ଘୋଡ଼ାରେ ଚଢ଼ି ଖୁବ୍ ଜୋରରେ ସହରର ବଡ଼ ବଡ଼ ସଡ଼କ ଉପରେ ଘେରାଏ ମାରିଆସେ। ସୁସ୍ଥସବଳ, ସୁନ୍ଦର ଯୁବକକୁ ଦେଖି ଲୋକେ ଭାବନ୍ତି ଯେ ଏ ନିଶ୍ଚୟ କୌଣସି ରାଜା! ଏହିପ୍ରକାର ରାଜା ରୂପସିଂ ଠାକୁରବଂଶର ମାନମର୍ଯ୍ୟାଦା ବଜାୟ ରଖିଥାଏ। ଅନ୍ଧାର ହେବାମାତ୍ରେ ପୋଷାକ ଏବଂ ଘୋଡ଼ା ଫେରାଇଦିଏ, ତା'ପରେ ନିଜର ସାଧାରଣ ପୋଷାକ ପିନ୍ଧି କିଛି ଚଣା ଇତ୍ୟାଦି ଖାଇଦେଇ ପେଟେ ପାଣିପିଇ ଶୋଇଯାଏ। ତା'ପରେ ଗୋଟିଏ ଚାଦର ବିଛାଇ ଆଉ ଗୋଟିଏ ଚାଦର ଘୋଡ଼ାଇ ହୋଇ କଠିନ ପରିଶ୍ରମ ଯୋଗୁଁ ନିଦରେ ଶୋଇଯାଏ।

ଜି. କ୍ରିଷ୍ଣାନାଦ ଶର୍ମା

ଥରେ ରୂପସିଂ ଜଙ୍ଗଲରେ କାଠ କାଟୁଥିଲା, ତାକୁ ଜଙ୍ଗଲ ମଧ୍ୟରୁ କୌଣସି ସୁଗନ୍ଧ ଆସୁଥିବାର ମନେହେଲା। ସେ ଏତେ ମିଠା ବାସ୍ନା କେବେ ଜଙ୍ଗଲରେ ଅନୁଭବ କରି ନ ଥିଲା। ଯେଉଁ ଦିଗରୁ ବାସନା ଆସୁଥିଲା ବାସନାକୁ ଅନୁସରଣ କରି ସେଠାକୁ ଯାଇ ଦେଖିଲା, ସେଠାରେ ଗୋଟିଏ ବିରାଟ ଚନ୍ଦନ ଗଛ ଥିଲା। ରୂପସିଂ କୁରାଢ଼ୀ ଧରି ଗୋଟିଏ ହାତରେ ଖଣ୍ଡେ ଚନ୍ଦନ କାଠ ହାଣିଲା ଏବଂ ସବୁଦିନ ପରି କାଠ କାଟି ସଞ୍ଜ ହେବା ପୂର୍ବରୁ ସହରକୁ ଫେରିଗଲା। ସଂଧ୍ୟା ସମୟରେ ଯେତେବେଳେ ରୂପସିଂ ରାଜାଙ୍କର ପୋଷାକ ପିନ୍ଧି ଘୋଡ଼ା ଉପରେ ଚଢ଼ି ମନେ ମନେ ନିଜ ସହିତ କଥା କହୁଥିଲା, ସହରର ଗଳିରେ ଜଣେ ବିଦେଶୀ ବ୍ୟବସାୟୀଙ୍କୁ ଦେଖିଲା। 'ନମସ୍କାର, ମହାପ୍ରଭୁ!' ବିନୟର ସହିତ ସେ କହିଲା।

'ତୁ କିଏ?'–ରୂପସିଂ ରାଜାମହାରାଜାଙ୍କ ପରି ନିଜର ବଡ଼ିମା ଦେଖାଇ ଚଢ଼ା ଗଳାରେ ବିଦେଶୀକୁ ପଚାରିଲା!

'ପ୍ରଭୁ! ମୁଁ ବ୍ୟବସାୟ କରେ। ଆପଣଙ୍କ ଦେଶରେ ବ୍ୟବସାୟ ସାରି ଲଙ୍କା ଯାଉଛି'– ବିଦେଶୀ ବ୍ୟବସାୟୀ ଜଣକ ଅତ୍ୟନ୍ତ ବିନୟର ସହିତ କହିଲା।

ରୂପସିଂ କିଛିସମୟ ପାଇଁ ଚିନ୍ତା କଲା, ତା'ପରେ ପକେଟରୁ ଚନ୍ଦନ କାଠର ଟୁକୁଡ଼ା ବାହାରକରି ବିଦେଶୀ ବ୍ୟକ୍ତିଙ୍କ ହାତରେ ଦେଇ କହିଲା–'ଏହାକୁ ଠାକୁର ରୂପସିଂଙ୍କ ତରଫରୁ ଲଙ୍କାର ରାଜାଙ୍କୁ ଉପହାରସ୍ୱରୂପ ପ୍ରଦାନ କରିବ। ତୁମର କାମ ହୋଇଯିବ। ତୁମର କିଛି ଅସୁବିଧା ହେବ ନାହିଁ।' ତା'ପରେ ସେ ଘୋଡ଼ା ପିଠିରେ ଚାବୁକ ମାରି ସେଠାରୁ କ୍ଷିପ୍ର ବେଗରେ ବାହାରିଗଲା।

ବେପାରୀ ରୂପସିଂଙ୍କର ଉପହାର ଲଙ୍କାର ରାଜାଙ୍କ ପାଖରେ ପହଞ୍ଚାଇଦେଲା। ଚନ୍ଦନ କାଠର ଟୁକୁଡ଼ା ଲଙ୍କାର ରାଜା କେବେ ଦେଖିନଥିଲେ। ତା'ର ଗନ୍ଧ ଆଘ୍ରାଣ କରି ସେ ବଡ଼ ଆଶ୍ଚର୍ଯ୍ୟ ହେଲେ ଏବଂ ଆନନ୍ଦିତ ହେଲେ ମଧ୍ୟ। ଏଭଳି ଉପହାର ପାଇ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ। ସେ ବ୍ୟବସାୟୀଙ୍କୁ କେବଳ ଭବ୍ୟ ସ୍ୱାଗତ କଲେ ନାହିଁ, ତାହାର ବ୍ୟବସାୟର ସମସ୍ତ ସୁବିଧା କରାଇଦେଲେ। ଯେତେବେଳେ ବ୍ୟବସାୟୀ ଲଙ୍କା ଦେଶ ଛାଡ଼ିବାକୁ ବସିଲା, ରୂପସିଂଙ୍କ ନିମନ୍ତେ ରାଜା ବିଭିନ୍ନ ପ୍ରକାର ଅଳଙ୍କାର ଏବଂ ଦୁର୍ମୂଲ୍ୟ ରତ୍ନ ପଥରଖଚିତ ପୋଷାକ ଇତ୍ୟାଦି ପଠାଇଲେ।

ଏହି ବେପାରୀ ଫେରିଆସି ରୂପସିଂଙ୍କୁ ଅପେକ୍ଷା କରୁଥିଲା, ସେତିକିବେଳେ ରୂପସିଂ ଘୋଡ଼ା ପିଠିରେ ବସି ସେହି ବାଟଦେଇ ଯାଉଥିଲେ।

'ନମସ୍କାର ମହାପ୍ରଭୁ!' ବ୍ୟବସାୟୀ ଜଣକ ତାଙ୍କୁ ଦେଖି ବିନମ୍ରତାର ସହିତ ପ୍ରଣାମ କରି କହିଲେ।

'ତୁ କିଏ?' ରୂପସିଂ ଘୋଡ଼ାର ଲଗାମ ଟାଣି ଚଢ଼ା ଗଳାରେ ପଚାରିଲେ।

'ମହାପ୍ରଭୁ! ମୁଁ ଜଣେ ବିଦେଶୀ ବେପାରୀ। ଆପଣ ଦେଇଥିବା ଉପହାର ମୁଁ ଲଙ୍କା ରାଜାଙ୍କୁ ପ୍ରଦାନ କଲି। ସେ ମଧ୍ୟ ଆପଣଙ୍କ ପାଇଁ ଉପହାର ପଠାଇଛନ୍ତି?'-ବ୍ୟବସାୟୀ କହିଲେ।

'ତୁ ଏବେ କେଉଁ ଦେଶକୁ ଯାଉଛୁ?'-ରୂପସିଂ ପଚାରିଲେ।

''ଆରବ ଦେଶକୁ ଯାଉଛି।''-ବିଦେଶୀ ବ୍ୟବସାୟୀ ଜଣକ କହିଲେ।

''ତେବେ ଆରବ ଦେଶର ବାଦ୍‌ଶାହାଙ୍କୁ ଆମ ତରଫରୁ ଏହି ଉପହାର ପ୍ରଦାନ କରିଦେବ। ତୁମର କାମ ହୋଇଯିବ। ତୁମର ସେଠାରେ କୌଣସି ଅସୁବିଧା ହେବ ନାହିଁ।'' ଏହା କହି ରୂପସିଂ ଘୋଡ଼ା ଚଲାଇ ଚାଲିଗଲା।

ବ୍ୟବସାୟୀ ରୂପସିଂଙ୍କର କଥା ଅନୁସାରେ କାମ କଲେ। ଯେତେବେଳେ ଆରବ ଦେଶର ବାଦଶାହା ଏହି ଦୁର୍ମୂଲ୍ୟ ଅଳଙ୍କାର ଓ ପୋଷାକ ଦେଖିଲେ ସେ ଭାବିଲେ ଏହା ନିଶ୍ଚୟ କୌଣସି ଧନୀ ଏବଂ ଶକ୍ତିଶାଳୀ ରାଜା ହିଁ ପଠାଇଥିବେ। ଆରବ ଦେଶର ଘୋଡ଼ା ବହୁତ ପ୍ରସିଦ୍ଧ ଥିଲେ। ତେଣୁ ବାଦଶାହା ବାଛି ବାଛି ୯୦୦ ଘୋଡ଼ା ବ୍ୟବସାୟୀଙ୍କୁ ଦେଲେ।

''ରୂପସିଂ ଠାକୁରଙ୍କୁ ମୋର ସଲାମ କହିବ, ଏବଂ ଏହି ୯୦୦ଶହ ଘୋଡ଼ା ଉପହାରସ୍ୱରୂପ ତାଙ୍କ ପାଖରେ ପହଞ୍ଚାଇଦେବ। ତାଙ୍କ ଉପହାର ମୋର ଭାରି ପସନ୍ଦ ହୋଇଛି। ତାଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଜଣାଇଦେବ।''-ବାଦଶାହା ବ୍ୟବସାୟୀଙ୍କୁ କହିଲେ।

ବ୍ୟବସାୟୀ ୯୦୦ଘୋଡ଼ାଙ୍କୁ ସାଙ୍ଗରେ ନେଇଆସିଲା ଏବଂ ପୂର୍ବଥର ପରି ରୂପସିଂଙ୍କର ଅପେକ୍ଷା କଲା। କିଛିସମୟ ପରେ ରୂପସିଂ ଘୋଡ଼ା ଉପରେ ଚଢ଼ି କ୍ଷୀପ୍ର ବେଗରେ ଆସୁଥିବାର ଦେଖିଲା। ସେ ବ୍ୟବସାୟୀଙ୍କୁ ଦେଖି ଅଟକିଗଲା।

ବ୍ୟବସାୟୀ ୯୦୦ ଘୋଡ଼ାଙ୍କୁ ଦେଖାଇ କହିଲା-''ମହାପ୍ରଭୁ! ଆରବ ଦେଶର ବାଦଶାହା ଆପଣଙ୍କର ଉପହାର ପାଇ ଖୁବ୍ ଆନନ୍ଦିତ ହେଲେ। ମୋତେ ଢ଼େର୍ ଆଦର ଅଭ୍ୟର୍ଥନା କଲେ। ମୋର ବ୍ୟବସାୟ ପାଇଁ ସୁବ୍ୟବସ୍ଥା କରିଦେଲେ। ଏବେ ଆପଣଙ୍କ ପାଇଁ ତାଙ୍କ ଘୋଡ଼ାଶାଳରୁ ବାଛି ବାଛି ଏହି ୯୦୦ ଘୋଡ଼ା ପଠାଇଛନ୍ତି।''

''ତୁ ଏବେ କେଉଁ ଦେଶକୁ ଯାଉଛୁ?'' ରୂପସିଂ ପଚାରିଲେ।

''ମୁଁ ପୁଣି ଲଙ୍କା ଯାଉଛି।''ବ୍ୟବସାୟୀ କହିଲେ।

''ତେବେ ଏହି ୯୦୦ ଘୋଡ଼ା ସାଙ୍ଗରେ ନିଅ। ଲଙ୍କାର ରାଜାଙ୍କୁ ଆମ ତରଫରୁ ପ୍ରଦାନ କରିବୁ। ତାଙ୍କୁ ମୋର ଶୁଭେଚ୍ଛା ଜଣାଇଦେବୁ!'' ଏହା କହି ରୂପସିଂ ଚାଲିଗଲା। ବ୍ୟବସାୟୀ ଲଙ୍କା ରାଜ୍ୟରେ ପହଂଚି ୯୦୦ ଘୋଡ଼ା ସାଙ୍ଗରେ ନେଇ ଲଙ୍କା ରାଜାଙ୍କୁ ଭେଟିଲା। ତାଙ୍କୁ ଠାକୁର ରୂପସିଂଙ୍କର ଏହି ଉପହାର ସ୍ୱୀକାର କରିବା ପାଇଁ ଅନୁରୋଧ କଲା।

ଏହି ଉପହାର ଦେଖି ରାଜାଙ୍କ ହୃଦୟରେ ଆନନ୍ଦର ସୀମା ନଥିଲା। ସେ ଭାବିଲେ ରୂପସିଂଙ୍କର ଉପହାର ଏତେ ମୂଲ୍ୟବାନ, ତାଙ୍କର ସ୍ନେହ ଆହୁରି ଅମୂଲ୍ୟ ହୋଇଥିବ। ବେପାରୀଠାରୁ ରୂପସିଂର ରୂପ ବିଷୟରେ ସବୁକଥା ପଚାରି ବୁଝିବା ପରେ ତାଙ୍କର ଏକମାତ୍ର ଝିଅର ବିବାହ ରୂପସିଂ ସହିତ କରିବା ପାଇଁ ନିଷ୍ପତ୍ତି ନେଲେ। ରୂପସିଂଙ୍କ ନିମନ୍ତେ ରାଜୋଚିତ ପୋଷାକ ଏବଂ ଆଭୂଷଣ ଇତ୍ୟାଦି ଦେଇ ଚାକର ବାକରମାନଙ୍କୁ ବ୍ୟବସାୟୀ ସହିତ ପଠାଇଲେ।

ରୂପସିଂର ଠିକଣା ବିଷୟରେ ବ୍ୟବସାୟୀ ଜାଣିନଥିଲା। ତେଣୁ ସେ ସେହି ଲୋକମାନଙ୍କୁ ଅପେକ୍ଷା କରିବାକୁ କହି ଯେଉଁଠାରେ ରୂପସିଂଙ୍କୁ ସେ ସବୁଦିନ ଅପେକ୍ଷା କରେ ସେଠାରେ ଯାଇ ଅପେକ୍ଷା କରି ରହିଲା। ସଂଧ୍ୟା ସମୟରେ ରୂପସିଂ ଘୋଡ଼ାରେ ବସି ଆସିଲା।

ବ୍ୟବସାୟୀ ରୂପସିଂଙ୍କୁ ଲଙ୍କା ରାଜାଙ୍କର ସନ୍ଦେଶ ଶୁଣାଇଲା। ରୂପସିଂ ଲଙ୍କାର ରାଜା ଦେଇଥିବା ଅଳଙ୍କାର ଓ ପୋଷାକ ନେଇ ସେଠାରୁ ଚାଲିଗଲା ଏବଂ କହିଲା କାଲି ଠିକ୍ ଏହି ସମୟରେ ସେ ଏଠାରେ ପହଞ୍ଚିବ ଏବଂ ଏଠି ପୁଣି କାଲି ଦେଖାହେବ।

ପରଦିନ ଲଙ୍କାର ରାଜା ଦେଇଥିବା ସମସ୍ତ ବସ୍ତ୍ର ଅଳଙ୍କାର ପିନ୍ଧି ତା'ପାଖରେ କାଠବିକାରୁ ବଞ୍ଚିଥିବା ପଇସା ନେଇ ଗୋଟିଏ ପାଲିଙ୍କି ନେଇ ସେଥିରେ ବସି ଯେଉଁଠାରେ ଲଙ୍କା ରାଜ୍ୟର ଚାକର ବାକର ପ୍ରସ୍ତୁତ ହୋଇ ଠିଆ ହୋଇଥିଲେ ସେଠାରେ ସୁସଜ୍ଜିତ ହୋଇ ପହଞ୍ଚିଲେ। ସେମାନଙ୍କ ସହିତ ସେ ଲଙ୍କା ଦେଶକୁ ଯାତ୍ରା କଲେ।

ଲଙ୍କାର ରାଜକୁମାରୀଙ୍କ ସହିତ ରୂପସିଂର ବିବାହ ବଡ଼ ଧୁମ୍‌ଧାମରେ ହେଲା। ଲଙ୍କା ରାଜାଙ୍କର ପୁଅ ନଥିଲେ। ତେଣୁ କିଛିଦିନ ପରେ ରୂପସିଂକୁ ଲଙ୍କାର ରାଜସିଂହାସନରେ ବସାଇଲେ।



ପ୍ରମାଣ

ଶଶିଧର ନଡ଼ିଆ ବିକ୍ରି ବ୍ୟବସାୟ କରୁଥିଲେ। ତାଙ୍କ ଦୋକାନଟି ଗ୍ରାମର ଏକମାତ୍ର ଦୋକାନ ଥିଲା। ତେଣୁ ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ଯେତେବେଳେ ତା'ର ଲାଭ କମି ଯାଉଥିଲା ସେତେବେଳେ ସେ ବିଭିନ୍ନ ଖେଳ ଖେଳି ତା'ର ଲାଭ ପୁଣି ବଢ଼ାଉଥିଲା।

ଧୀରେ ଧୀରେ ତା'ର ପୁଅ ଶରତକୁ ମଧ୍ୟ ବ୍ୟବସାୟ ଶିଖାଇବା ଆରମ୍ଭ କଲା। ଥରେ ନଡ଼ିଆ ଶସ୍ତା ହୋଇଯିବାରୁ, ସେ ଥରକରେ ଦୁଇ ହଜାର ନଡ଼ିଆ କିଣିଲା। ଶରତ ଏହା ଦେଖି ସନ୍ଦେହ ବ୍ୟକ୍ତ କଲା। କହିଲା, ''ବାପା, ଆଜିକାଲି ପୂଜାବ୍ରତ ବେଶୀ ନାହିଁ। ଏତେ ନଡ଼ିଆ କିଣିଲେ ସହଜରେ ବିକ୍ରି ହେବ ନାହିଁ। ନଡ଼ିଆ ସଢ଼ି ଯିବ। ଆମର କ୍ଷତି ହେବ।

ଶଶିଧର ହସିଦେଲା ଏବଂ କହିଲା, ''ଯଦି ଆମେ ଟିକେ ଚାଲାକି କରିବା, ଆଜି ହିଁ ଆମେ ସବୁତକ ନଡ଼ିଆ ବିକି ଦେଇପାରିବା। ମୁଁ ଏଥିପାଇଁ ବାଟ ବାହାର କରି ଦେଇସାରିଛି।''

ଏତିକି ବେଳେ ସୁଗୁଣା ନାମକ ଜଣେ ମହିଳା ନଡ଼ିଆ କିଣିବା ପାଇଁ ଦୋକାନକୁ ଆସିଲେ। ''ମୋତେ ଗୋଟିଏ ନଡ଼ିଆ ଦିଅନ୍ତୁ।'' ସେ କହିଲେ।

ଶଶିଧର ତାଙ୍କୁ ଜାଣିଥିଲେ। ତେଣୁ ସେ ପଚାରିଲେ, ''ମାଆ, ତୁମେ ନଡ଼ିଆ କାହିଁକି କିଣୁଛ?''

''ଆମ ଘରକୁ ଆଜି କୁଣିଆ ଆସୁଛନ୍ତି। ମୁଁ ଏହି ନଡ଼ିଆରେ ମିଠେଇ କରିବି।'' ମହିଳା ଜଣକ ଉତ୍ତର ଦେଲେ।

''ତୁମେ ଜାଣିନ କି?'' ଶଶିଧର ମହିଳାଙ୍କ ମନରେ ସଂଶୟ ଜାତ କରି କହିଲେ।

''କଣ ଜାଣିନି?'' ସୁଗୁଣା ଉତ୍କଣ୍ଠାର ସହ ପଚାରିଲେ।

''କୁଦୃଷ୍ଟି ଏଡାଇବା ପାଇଁ ପୂଜା ଏବଂ

ବି. ଭି. ପଟ୍ଟନାୟକ



ଏଥିପାଇଁ ନଡ଼ିଆ ଲୋଡ଼ା,'' ଶଶିଧର କହିଲେ।

''ପ୍ରତ୍ୟେକ ଗୃହିଣୀ ତିନୋଟି ନଡ଼ିଆ ଧରି ସ୍ୱାମୀଙ୍କ ଚାରିପଟେ ବୁଲିବେ ଏବଂ ଏହି ନଡ଼ିଆକୁ ଘର ସମ୍ମୁଖରେ ଭାଙ୍ଗିବେ। ଯଦି ଏହା କରା ନ ଯାଏ ତେବେ ଘରର ମୁଖିଆଙ୍କ ପ୍ରତି ବିପଦ ପଡ଼ିପାରେ।'' ଶଶିଧର ବୁଝାଇ ଦେଲେ।

''ତୁମକୁ କିଏ କହିଲା?'' ସୁଗୁଣା ପଚାରିଲେ।

''ପଡ଼ୋଶୀ ଗାଁର ଜଣେ ଜ୍ୟୋତିଷ ମୋତେ କହିଲେ। ତାଙ୍କ ଗାଁର ସବୁ ଗୃହିଣୀମାନେ ଏହି ପୂଜା କରିସାରିଲେଣି ଏବଂ ଏବେ ତାଙ୍କ ଗାଁରେ କୌଣସି ବିପଦର ଆଶଙ୍କା ନାହିଁ।'' ଶଶିଧର କହିଲେ।

''ମୁଁ ଏ କଥା ଜାଣେ ନାହିଁ।'' ସୁଗୁଣା ଉତ୍ତର ଦେଲେ।

''ପୃଥିବୀରୁ କୁଦୃଷ୍ଟି ଏଡ଼ାଇବା ପାଇଁ ଏବଂ ସବୁ ଅମଙ୍ଗଳ ଦୂର କରିବା ପାଇଁ ଆଜି ହିଁ ପୂଜା କର। ତୁମ ପରିବାରର ମଙ୍ଗଳ ହେବ। ଅନ୍ୟମାନଙ୍କୁ ମଧ୍ୟ ଏହି ପୂଜା କରିବା ପାଇଁ କହି ଦିଅ। ଯଦି ସମସ୍ତେ ପୂଜା କରିବେ ତେବେ ହିଁ ଆମ ଗାଁ ନିରାପଦ ରହିବ।'' ଶଶିଧର କହିଲେ।

ଯେମିତି ସୁଗୁଣାର ଲୋମ ଟାଙ୍କୁରି ଉଠିଲା। ସେ ତୁରନ୍ତ କିଛି ନ କହି ନିଜର ପରିବାରର ମଙ୍ଗଳ ମନାସି ତିନୋଟି ନଡ଼ିଆ କିଣି ନେଇ ସେଠାରୁ ଚାଲିଗଲା।

''ବାପା, ତୁମକୁ ଜ୍ୟୋତିଷ କେତେବେଳେ ପୂଜା କଥା କହିଲେ? ମୁଁ ତ ଜାଣେନି?'' ସୋମରାଜୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା

''ଆରେ ପୁଅ ଏହା ହେଉଛି ମୋର ଫନ୍ଦି! ଲୋକେ ଅନ୍ଧବିଶ୍ୱାସରେ ଭାରି ଭରସା କରନ୍ତି। ତୁ ଏବେ ଦେଖିବୁ ମୋ ଜାଲରେ କେତେ ଲୋକ ପଡୁଛନ୍ତି। ଆଜି ଆମର ନଡ଼ିଆ ବିକ୍ରି କେତେ ହେବ!'' ଶଶିଧର ନିଜ ବୁଦ୍ଧି ପାଇଁ ମନେ ମନେ ଗର୍ବ କରୁଥିଲା।

''ଏପରି କୁସଂସ୍କାରକୁ ଉତ୍ସାହିତ କରିବା ଏବଂ ଗୁଜବ ରଚନା କରିବା କ'ଣ ଭଲ କଥା?'' ସୋମରାଜୁ ପଚାରିଲା।

''ଅନ୍ୟମାନଙ୍କ ପାଇଁ ଏହା କୁସଂସ୍କାର ହୋଇପାରେ କିନ୍ତୁ ମୋ ପାଇଁ ଏହା ହେଉଛି ବ୍ୟବସାୟ।'' ଶଶିଧର ଆତ୍ମରକ୍ଷା କରିବା ପାଇଁ କହିଲା।

ଶଶିଧର ଯେପରି ଆଶା କରୁଥିଲେ ଠିକ୍ ସେହିପରି ଗାଁ ସାରା ପୂଜା କଥା ବ୍ୟାପିଗଲା। ସନ୍ଧ୍ୟା ପୂର୍ବରୁ ସବୁତକ ନଡ଼ିଆ ବିକ୍ରି ହୋଇଗଲା। ଏହି ବିକ୍ରିରୁ ସେ ଦୁଇ ହଜାର ଟଙ୍କା ଲାଭ ପାଇଲେ ଏବଂ ମନେ ମନେ ଖୁସି ହୋଇ ଘରକୁ ଫେରିଲେ।

ବାପପୁଅ ଦୁହେଁ ଦୋକାନ ବନ୍ଦ କରି ଘରେ

ପହଂଚିଲେ। ଶଶିଧରଙ୍କ ସ୍ତ୍ରୀ ସୁମତି ସେମାନଙ୍କୁ ଦେଖୁ ଦେଖୁ କହିଲେ, ''ତୁମେ ନଡ଼ିଆ ଆଣିଛ ତ? ମୁଁ କୁପ୍ରଭାବ ଦୂର କରିବା ପାଇଁ ପୂଜା କରିବି।''

''ସବୁତକ ନଡ଼ିଆ ବିକ୍ରି ହୋଇଗଲା। ମୁଁ ଘରକୁ କେବଳ ଦୁଇ ହଜାର ଟଙ୍କା ଲାଭ ନେଇଆସିଛି।'' ଶଶିଧର ହସି ଦେଇ କହିଲା।

''ତୁମେ ସବୁବେଳେ ଲାଭକୁ ନେଇ ଚିନ୍ତିତ। କିନ୍ତୁ ମୋ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ତୁମର ସୁସ୍ଥ ରହିବା।'' ଏହା କହି ସୁମତି ଶଶିଧର କହୁଣୀରେ ଗୋଟିଏ ଡେଉଁରିଆ ବାନ୍ଧିଦେଲେ।

''ତୁମେ ଏହି ଡେଉଁରିଆ କେଉଁଠାରୁ ପାଇଲ?'' ଶଶିଧର ପଚାରିଲେ।

''ତୁମେ ଜାଣ ନାହିଁ କି? ସମସ୍ତେ ଏ ବିଷୟରେ କଥା ହେଉଛନ୍ତି। ଏବେ ଅମଙ୍ଗଳିଆ ଗ୍ରହ ଘର ମୁଖିଆଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାକୁ ବସିଛି। ସୌଭାଗ୍ୟବଶତଃ ଆଜି ଜଣେ ଜ୍ୟୋତିଷ ଆମ ଘରକୁ ଆସିଥିଲେ। ମୁଁ ତାଙ୍କଠାରୁ ଦଶ ହଜାର ଟଙ୍କା ଦେଇ ଏହି ଡେଉଁରିଆ କିଣିଛି। ସେ କହିଲେ ଯେ ଗୋଟିଏ ପୂଜା କର ସାରା ସଂସାର ସହିତ ତମ ଘର ସୁରକ୍ଷିତ ରହିବ।'' ସୁମତି କହିଲେ।

ଶଶିଧର ରାଗି ପାଚି ଲାଲ୍ ପଡ଼ିଗଲା। ସେ ସ୍ତ୍ରୀକୁ ଗାଳି ଦେଇ କହିଲେ, ''ତୋତେ କିଏ ଡେଉଁରିଆ କିଣିବାକୁ କହିଥିଲା? ସେ ସବୁ କେବଳ ଅନ୍ଧବିଶ୍ୱାସର କଥା। ଅଯଥାରେ ଗୋଟିଏ ଡେଉଁରିଆ ପାଇଁ ଏତେ ଗୁଡାଏ ଟଙ୍କା ବରବାଦ୍ କରି ଦେଲୁ?''

''ବାପା, ଏଥିରେ ମାଆର କିଛି ଭୁଲ୍ ନାହିଁ। ଆପଣ ବ୍ୟବସାୟ ବଢ଼ାଇବା ପାଇଁ ଯେଉଁ ଗୁଜବ ପ୍ରଚାର କରିଥିଲେ ସେଥିରୁ ଦୁଇ ହଜାର ଟଙ୍କା ଲାଭ ପାଇଲେ। ଆଉ ଜଣେ ଜ୍ୟୋତିଷ ତୁମ ଗୁଜବର ଫାଇଦା ଉଠାଇ ମାଆକୁ ଦଶ ହଜାର ଟଙ୍କାରେ ଡେଉଁରିଆ ବିକ୍ରି କଲେ। ତୁମେ ଯଦି ଗୁଜବ ପ୍ରଚାର ଆରମ୍ଭ କରି ନ ଥାନ୍ତ ଦଶ ହଜାର ଟଙ୍କା ହରାଇ ନ ଥାନ୍ତ। ତୁମେ ହିଁ ଏ ସବୁ ଆରମ୍ଭ କରିଥିଲ। ତୁମେ ଯେଉଁ ମିଥ୍ୟା ପ୍ରଚାର ଆରମ୍ଭ କଲ ତାହା ଫଳରେ ଯେତିକି ଲାଭ ପାଇଲ ପାଞ୍ଚଗୁଣ କ୍ଷତି ହେଲା। ଅଧିକ ଲୋଭ କରି କେବଳ ହତାଶ ହେଲ।'' ସୋମରାଜୁ ମନଦୁଃଖରେ କହିଲା।

''କଣ, ତୁମେ ଏ ଗୁଜବ ଆରମ୍ଭ କରିଥିଲ?'' ସୁମତି ସ୍ୱାମୀଙ୍କ ଉପରେ ରାଗିଯାଇ ପଚାରିଲା।





ଦୁହିଁଙ୍କ ଭିତରେ ପ୍ରଭେଦ

କାନ୍ୟକୁବ୍ଜର ଏବର ନା କନୌଜ। ଓଡ଼ିଶା ରାଜା ଯଜାତିକେଶରୀ ଯାଜପୁରକୁ କେବଳ କାନ୍ୟକୁବ୍ଜରୁ ଦଶହଜାର ବୈଦିକ ବ୍ରାହ୍ମଣ ଆଣିଥିଲେ। ସେହି କାନ୍ୟକୁବ୍ଜର ରାଜା ଥିଲେ ଚନ୍ଦ୍ରପୀଡ଼। ରାଜାଙ୍କର ଧବଳମୁଖ ନାମରେ ଜଣେ ନୌକର ଥାଏ। ସେ ରାଜବାଟୀରୁ କେବେ ତା' ଘରକୁ ସିଧା ଯାଏ ନାହିଁ। ଯିବା ବାଟରେ ଖାଇ ପିଇ ମଉଜ କରି ଡ଼େରିରେ ଘରକୁ ଫେରେ।

ଦିନେ ତା ଭାର୍ଯ୍ୟା ତାକୁ ପଚାରିଲା ''ତମେ ତ ନିତି ଖାଇ ପିଇ ଆସୁଚ! ତୁମକୁ କିଏ ଇମିତି ନିତି ଭୋଜନ ଦେଉଚି?''

ଧବଳମୁଖ ତା ଭାର୍ଯ୍ୟାକୁ ବତେଇଲା। ''ମୋର ଦି' ଜଣ ବଡ଼ ସାଥୀ ଅଛନ୍ତି। ଜଣକ ନାମ କଲ୍ୟାଣ ବର୍ମା, ଅନ୍ୟଟିର ନାମ ବୀରବାହୁ। କେବଳ ଭୋଜନ କଣ: ମୁଁ ଯାହା ମାଗିଲେ ମୋ ସାଙ୍ଗ କଲ୍ୟାଣ ମୋତେ ତାହା ଦିଏ। ବୀରବାହୁ ମୋ ଲାଗି ଜୀବନ ଦେଇ ଦେବ। ପାଣି ଗଲେ ନାହିଁ ଆମ ଭିତରେ ଇମିତି ସ୍ନେହ।''

ନିଜ ଗିରସ୍ତର ଏପରି ଦି'ଟା ସାଂଗ ଥିବାର ଜାଣି ଘରଣୀ ବଡ଼ ଖୁସି ହେଲା ଏବଂ ମନ ଆନନ୍ଦରେ କହିଲା ''ତମର ସାଂଗ ଦି' ଜଣଙ୍କୁ ମତେ ଟିକିଏ ଦେଖାନ୍ତ କି!''

ଧବଳମୁଖ କହିଲା ''ସେଥିରେ କଣ ଅଛି? ଚାଲ, ଦିହିଙ୍କି ଦେଖି ଆସିବା।''

ତା' ପରଦିନ ଭୋରରୁ ପତିପତ୍ନୀ ଦୁହେଁ ମିଶି କଲ୍ୟାଣ ବର୍ମା ଘରକୁ ଗଲେ। କଲ୍ୟାଣ ସେମାନଙ୍କୁ ଭାରି ଆଦର ଅଭ୍ୟର୍ଥନା କଲା, ଭଲ ଖୁଏଇଲା, ଭଲ ଚର୍ଚ୍ଚା କଲା। ଧବଳମୁଖ କଥାଟା ମିଛ ନୁହେଁ ବୋଲି ତା' ଭାର୍ଯ୍ୟା ସ୍ଥିର କଲା।

ସେଠାରୁ ସେମାନେ ବୀରବାହୁ ଘରକୁ ଗଲେ। ବୀରବାହୁ ସେତେବେଳେ କାହା

ଟି. ଭୀମ ରାଓ

ସାଂଗରେ ନୌବଳ ଖେଳୁଥାଏ। ଧବଳମୁଖକୁ ଦେଖୁ ଦେଖୁ ବୀରବାହୁ କହିଲା ''ଆରେ, ଭାଇ, ତୁ ମଧ୍ୟ ଆସିଗଲୁ? ବସ।'' ଏତିକି କହି ସେ ଖେଳରେ ଲାଗିଲା। ପତିପତ୍ନୀ ଦୁହେଁ କିଛିକ୍ଷଣ ବସିଲେ। ଡେରି ହେବାରୁ ଧବଳମୁଖ କହିଲା- ''ଆମେ ଯାଉଛୁ।'' ବୀରବାହୁ ତା ମୁହଁକୁ ଚାହିଁ କହିଲା ''ହଉ, ତେବେ ଯାଅ।''

ପତ୍ନୀ ପତିକି କହିଲା ''ତମେ କହୁଥିଲ ପରା ବୀରବାହୁ ତମର ବଡ଼ ସାଂଗ ବୋଲି। ମୁଁ ଦେଖୁଚି କଲ୍ୟାଣ ବର୍ମା ହିଁ ବାସ୍ତବ ବନ୍ଧୁ।''

ଧବଳମୁଖ ତା ଭାର୍ଯ୍ୟାକୁ କହିଲା- ''ଦୁଇ-ବନ୍ଧୁଙ୍କ ମଧ୍ୟରେ ପ୍ରଭେଦ ଜାଣିବାକୁ ହେଲେ ତମେ ଯାଅ କି ସେମାନଙ୍କୁ କହିବ ଯେ ରାଜା ମୋ ଉପରେ ଭାରି ରାଗିଛନ୍ତି। ତହିଁରୁ ଯାହା ଉପୁଜିବ ତମେ ଜାଣିଯିବ।''

ତା' ପରେ ଦିନ ଧବଳମୁଖର ସ୍ତ୍ରୀ କଲ୍ୟାଣ ବର୍ମା ନିକଟକୁ ଯାଇ କହିଲା- ''ମୋ ଗିରସ୍ତ ଉପରେ ରଜା ରାଗିଛନ୍ତି। ସେ ବଡ଼ ବିପତ୍ତିରେ ପଡ଼ିଛନ୍ତି। ଆପଣ ଆପଣଙ୍କ ବନ୍ଧୁଙ୍କୁ ଏ ବିପତ୍ତିରୁ ଉଦ୍ଧାର କରି ପାରିବେ?''

କଲ୍ୟାଣ ବର୍ମା ଏ କଥା ଶୁଣି ବଡ଼ ଅଥୟ ହୋଇଗଲା। ସେ କହିଲା ''ମୁଁ ହେଉଚି ବେପାରୀ। ମୁଁ ଅବା ରାଜାଙ୍କ ବିରୋଧରେ ଯାଇ କ'ଣ କରିପାରିବି? ତମ ପତିଙ୍କ ପକ୍ଷରେ ତୁରନ୍ତ ଏ ରାଜ୍ୟ ଛାଡ଼ି ପଳେଇବା ଭଲ।''

ଧବଳମୁଖର ପତ୍ନୀ ସେଠାରୁ ବୀରବାହୁ ଘରଠାକୁ ଯାଇ ଜଣାଇଲାରୁ ବୀରବାହୁ ଉଠି ପଡ଼ି ତା'ର ଢ଼ାଲ ଖଣ୍ଡା ଧରି ଧବଳମୁଖ ପାଖକୁ ଧାଇଁଲା। ତା' ପଛେ ପଛେ ଧବଳମୁଖର ପତ୍ନୀ ଚାଲିଲା। ବୀରବାହୁ ଧବଳମୁଖକୁ ଦେଖୁ ଦେଖୁ ପଚାରିଲା- ''ସାଙ୍ଗ! କହ ତ ମୋତେ, ରାଜାଙ୍କୁ ଖଚ ମିଛ କହି ତୁମ ଉପରକୁ ବିପଦ କିଏ ଆଣିଛି? ତାକୁ ଶେଷ କରି ଦେବି।''

ଧବଳମୁଖ କହିଲା- ''ଆରେ, ଭାଇ ବସ। ସେ କିଛି ନୁହଁ। ମନ୍ତ୍ରୀ ମୋ ପକ୍ଷରେ କୁହାପୁଛା କରି ରଜାଙ୍କୁ ମୋ ପ୍ରତି ମନେଇ ଦେଇଛନ୍ତି।''

ବୀରବାହୁ ଚାଲିଯିବା ପରେ ଧବଳମୁଖ ତା' ଭାର୍ଯ୍ୟାକୁ ପଚାରିଲା ''ଏଥର ତମେ ନିଜ ଆଖିରେ ଦେଖିଲ ନା, ମୋର ଦୁଇ ବନ୍ଧୁଙ୍କ ମଧ୍ୟରେ ପ୍ରଭେଦ?''





ଦୋଷାରୋପ

ଜଣେ ଧନୀ ବଣିଆ ଥିଲା। ସୁବୁଦ୍ଧି ନାମକ ତା'ର ପୁଅଟିଏ ଥିଲା। ତା'ର ଝିଅର ନାଁ ଥିଲା ସୁମିତ୍ରା। ମରଣ ଶଯ୍ୟାରେ ସେ ପୁଅକୁ ପାଖକୁ ଡାକି କହିଲା-'ପୁଅ! ମୋର ମୃତ୍ୟୁ ପରେ ଭଲଭାବରେ ବ୍ୟବସାୟ ଚଳାଇବୁ। ତୁ ଏବଂ ତୋର ଭଉଣୀ ମନ ମିଶାଇ ରହିବ। ଭଉଣୀକୁ ହତାଦର କରିବୁ ନାହିଁ। ଆଜିଠାରୁ ତୁମେ ଦୁହେଁ ନିଜର ସୁଖଦୁଃଖରେ ସାହାଭରସା ହେବ। ମାଆ ଛେଉଣ୍ଡ ଝିଅଟା ତାକୁ ଭଲରେ ରଖିବୁ। ଏହା ହିଁ ମୋର ଶେଷ ଇଚ୍ଛା। ଏହାକୁ ନିଶ୍ଚୟ ପାଳନ କରିବ। ତୁମେ ଦୁହେଁ ସୁଖରେ ରହିଲେ ମୋର ଆତ୍ମା ସ୍ୱର୍ଗରେ ଶାନ୍ତି ହେବ।'

ପିତାଙ୍କର ମୃତ୍ୟୁ ପରେ ତିନୋଟି ନୌକାରେ ଜିନିଷ ଭରି, ସୁବୁଦ୍ଧି ବ୍ୟବସାୟ କରିବାପାଇଁ ବିଦେଶକୁ ବାହାରିଲା। ସେ ଯିବା ସମୟରେ ଭଉଣୀକୁ କହିଲା-'ମୁଁ ବହୁତ ଦିନ ପର୍ଯ୍ୟନ୍ତ ଫେରିପାରିବି ନାହିଁ। ମୋର ଅନୁପସ୍ଥିତିରେ ଧର୍ମ ଉଲ୍ଲଘଂନ କରିବୁ ନାହିଁ। ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବୁ ନାହିଁ। ସଜାଗ ହୋଇ ଚଳିବୁ। ମୋ କଥାକୁ କାନିରେ ଗଣ୍ଠି ପକେଇ ରଖିବୁ। ତୋ ବ୍ୟତୀତ ମୋର ଆଉ କେହି ନାହିଁ। ତୋତେ ଏକୁଟିଆ ଛାଡି ଯିବାକୁ ମନବଳୁ ନାହିଁ। ତୋତେ ତ ମୋ ସାଙ୍ଗରେ ବିଦେଶକୁ ନେଇପାରିବି ନାହିଁ। ସେଠି କାହିଁ କେତେ ପ୍ରକାରର ସମସ୍ୟା। ପେସା ମଧ୍ୟ ଛାଡ଼ି ପାରିବି ନାହିଁ। ବେପାରବଣିଜ କାହିଁ କେତେ ପୁରୁଷରୁ ଚଳିଆସୁଛି। ଆମେ ବଣିଆ ଲୋକ ଅନ୍ୟ କାମ ବି କିଛି ଆସେ ନାହିଁ।'

କିଏ ଜାଣେ କେବେ ପୁଣି ଦେଖାହେବ, ଏହିପରି ଚିନ୍ତା କରି ସୁବୁଦ୍ଧି ନିଜର ଏକ ଚିତ୍ର ଭଉଣୀ ହାତରେ ଦେଲା! ଏବଂ ନିଜେ ଭଉଣୀର ଗୋଟିଏ ଚିତ୍ର ସାଙ୍ଗରେ ଧରି ଘରୁ ବାହାରିଗଲା। ଦୁଇବର୍ଷ ବିତିଗଲା। ତୃତୀୟ ବର୍ଷ ଚାଲୁଥିଲା। ସୁବୁଦ୍ଧି ନୌକା ନେଇ ଗୋଟିଏ ବନ୍ଦରରେ ପହଞ୍ଚିଲେ। ସେଠାରେ ଲଙ୍ଗର ପକାଇ ଏକ ରନ୍

କେ. ବାଲସୁବ୍ରମଣ୍ୟମ

ଅଳଙ୍କାର ନେଇ ସେହି ଦେଶର ରାଜା ସୁଦର୍ଶନଙ୍କୁ ଉପହାର ପ୍ରଦାନ କରିବାପାଇଁ ସୁବୁଦ୍ଧି ବାହାରିଗଲା। ସୁଦର୍ଶନଙ୍କୁ ଉପହାର ପ୍ରଦାନ କରି ସେ ପ୍ରାର୍ଥନା କଲା ଯେ, କୃପାକରି ଆପଣଙ୍କ ଦେଶରେ ବ୍ୟବସାୟ କରିବା ପାଇଁ ଅନୁମତି ଦେଇ ମୋତେ କୃତାର୍ଥ କରନ୍ତୁ।

ସୁବୁଦ୍ଧିର ଉପହାରକୁ ଦେଖି ସୁଦର୍ଶନ ବହୁତ ଆନନ୍ଦିତ ହେଲେ। କେବେ କୌଣସି ବ୍ୟବସାୟୀ ତାଙ୍କୁ ଏତେ ମୂଲ୍ୟବାନ ଉପହାର ଦେଇନଥିଲେ। ତେଣୁ ସେ ଆନନ୍ଦିତ ହୋଇ ତାଙ୍କ ଦେଶରେ ବ୍ୟବସାୟ କରିବାପାଇଁ ଅନୁମତି ଦେଲେ। ଏହା ସହିତ ସପରିବାର ନୌକାରେ ଥିବା ଜିନିଷ ଦେଖିବା ପାଇଁ ଆସିଲେ। ସେ ସୁବୁଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏହା କରିବାକୁ ଚାହୁଁଥିଲେ। ସେ ସୁବୁଦ୍ଧିର ଉପହାର ପାଇ ମନେ ମନେ ଭାରି ଖୁସି ହୋଇଯାଇଥିଲେ। ଯେତେବେଳେ ସୁଦର୍ଶନ ନୌକାରେ ବୁଲି ବୁଲି ଜିନିଷ ଦେଖୁଥିଲେ, ସେତିକିବେଳେ ତାଙ୍କର ନଜର ସୁମିତ୍ରାର ଚିତ୍ର ଉପରେ ପଡ଼ିଲା।

'ଏ ସୁନ୍ଦରୀଟି କିଏ?' ସୁଦର୍ଶନ ସୁବୁଦ୍ଧିଙ୍କୁ ପଚାରିଲେ।

'ପ୍ରଭୁ! ଏ ମୋର ଭଉଣୀ।'

'କ'ଣ ସୌନ୍ଦର୍ଯ୍ୟ ସହିତ ତା'ର ଚରିତ୍ର ବି ଉତ୍ତମ?' ରାଜା ପୁଣି ପଚାରିଲେ।

'ତା'ର ଚରିତ୍ର ଉପରେ ଆଙ୍ଗୁଠି ଦେଖାଇଲାବାଲା କେହି ନାହାନ୍ତି। ସେ ଅତ୍ୟନ୍ତ ପବିତ୍ର।' ସୁବୁଦ୍ଧି ଗମ୍ଭୀରତାର ସହିତ ଉତ୍ତର ଦେଲା।

'ଏପରି କଥା ତ, ତେବେ ମୁଁ ଏହାକୁ ରାଣୀ କରିବାକୁ ଚାହେଁ।' ସୁଦର୍ଶନ କହିଲେ।

ସେନାପତିଙ୍କ ମନରେ ଏହା ଦେଖି ଈର୍ଷା

ଜାତ ହେଲା। ସେ ମନେ ମନେ ରାଜାଙ୍କୁ ଏଥିରୁ ବିରତ ରଖିବା ପାଇଁ ନିଷ୍ପତ୍ତି ନେଲେ। ସେ ନିଜକୁ ସମ୍ଭାଳି ପାରିଲେ ନାହିଁ।

'କ'ଣ ଶେଷରେ ବୈଶ୍ୟ ଜାତିର ସ୍ତ୍ରୀ ଆମ ଦେଶର ରାଣୀ ହେବ? ଆମ ପତ୍ନୀମାନଙ୍କୁ ତା'ର ଦାସୀ ବନାଇବ?' ଈର୍ଷାଳୁ ସେନାପତି ମନେ ମନେ ଏପରି ଚିନ୍ତା କଲା। ତେଣୁ ତୁରନ୍ତ ବିଳମ୍ବ ନ କରି କହିଲା–

'ପ୍ରଭୁ! ମୁଁ ଏହି ସ୍ତ୍ରୀକୁ ଜାଣେ। ତା'ର ଚରିତ୍ର ଭଲ ନୁହେଁ। ସେ କୁଳ କଳଙ୍କିନି। ଆପଣ ସେପରି ସ୍ତ୍ରୀ ସହିତ ବିବାହ କରିବା କଥା କିପରି ଚିନ୍ତା କରୁଛନ୍ତି। ଆପଣଙ୍କର ମାନସମ୍ମାନ ସବୁ ହାନି ହେବ। ରାଜ୍ୟବାସୀଙ୍କ ସମ୍ମୁଖରେ ଆମେ ମୁଣ୍ଡ ଟେକି ଚାଲିପାରିବା ନାହିଁ।'

ଏକଥା ଶୁଣି ରାଜାଙ୍କର ସୁବୁଦ୍ଧି ଉପରେ କ୍ରୋଧ ଜାତ ହେଲା।

'ତୁ କାହିଁକି ଗୋଟିଏ କୁଳଟା ସ୍ତ୍ରୀକୁ ଚରିତ୍ରବତୀ କହିଲୁ? ମୋତେ ଠକିବାକୁ ବସିଥିଲୁ। ମୋ ରାଜ୍ୟରେ ବାଣିଜ୍ୟ କରିବାକୁ ଆସି ମୋ ସହିତ ପ୍ରବଞ୍ଚନା। ମୁଁ ତୋତେ ଛାଡ଼ିବି ନାହିଁ। କୌଣସି ଦଣ୍ଡ ଦେଲେ ତାହା କମ୍ ହେବ। ତୋତେ କେବଳ ମୃତ୍ୟୁ ଦଣ୍ଡ ଦିଆଯିବ। ଆଜି ହିଁ ତୋର ମୁଣ୍ଡ କାଟିଦେବି।' ସୁଦର୍ଶନ କ୍ରୋଧିତ ହୋଇ ସୁବୁଦ୍ଧିକୁ କହିଲେ।

'ପ୍ରଭୁ! ଆପଣଙ୍କ ସେନାପତି ମିଛ କହିଛନ୍ତି। ତାଙ୍କୁ କହନ୍ତୁ ଯେ ସେ ଯାହା କହିଛନ୍ତି ତାହା ପ୍ରମାଣ କରି ଦେବେ। ସେ ଯେତେବେଳେ କହିଛନ୍ତି ଯେ ସେ ମୋର ଭଉଣୀକୁ ଜାଣନ୍ତି ତାଙ୍କୁ କହନ୍ତୁ ମୋ ଭଉଣୀର ମୁଦ୍ରିକା ନେଇ ଆସିବେ। ଏବଂ ତା' ଶରୀରର କେଉଁ ସ୍ଥାନରେ ତିଳ ଚିହ୍ନ ଅଛି ଏ କଥା ମଧ୍ୟ ଜାଣି ଆସିବେ। ତେବେ ତାଙ୍କ କଥାର ସତ୍ୟତା ପ୍ରମାଣିତ ହେବ ଏବଂ ମୁଁ ହସି ହସି ମୃତ୍ୟୁଦଣ୍ଡ ବରଣ କରିବି। କିନ୍ତୁ ଏମିତି ମୋ ଭଉଣୀକୁ ଲାଞ୍ଛିତ କରିବା ଉଚିତ୍ ହେବ ନାହିଁ।'

ସେନାପତି ସେହି ଦେଶକୁ ଗଲା, ଯେଉଁଠାରେ ସୁମିତ୍ରା ବାସ କରୁଥିଲା। ସେଠାରେ ସେ ଏକ ବହୁତ ଗରିବ ସ୍ତ୍ରୀଲୋକକୁ ଦେଖିଲା। ସେନାପତି ତାଙ୍କୁ କହିଲା, ''ମାଆ! ମୋତେ ଗୋଟିଏ କନ୍ୟାର ମୁଦ୍ରିକା ଆବଶ୍ୟକ ଏବଂ ତା' ଶରୀରରେ କେଉଁ ସ୍ଥାନରେ ତିଳ ଚିହ୍ନ ଅଛି ମୋତେ କହିପାରିବୁ। ତୁମେ ମୋର ଏହି କାମ କରିପାରିବ କି? ଯଦି ତୁ ମୋତେ କହିଦେବୁ ମୁଁ ତୋତେ ଯେତେ ଇଚ୍ଛା ପୁରସ୍କାର ଦେବି। ତୋତେ ମନ ଲାଖି ଟଙ୍କା ସୁନା ଦେବି। ସାରା ଜୀବନ କାମ କରିବାକୁ ପଡ଼ିବ ନାହିଁ। ବସି ଖାଇଲେ ମଧ୍ୟ ମଲା ପରେ ତୋ ପାଖରୁ ଧନରତ୍ନ ସରିବ ନାହିଁ।'

ଧନଲୋଭରେ ସେହି ସ୍ତ୍ରୀଲୋକ ସୁମିତ୍ରା ଘରକୁ ଗଲା। ସୁମିତ୍ରା ସହିତ କଥା ଛଳରେ ଜାଣିଗଲା ଯେ ତା' ପିଠିରେ ଡାହାଣ ପଟେ ତିଳ ଚିହ୍ନ ଅଛି। କଥାବାର୍ତ୍ତା ଛଳରେ ସେ ସୁମିତ୍ରାର ମୁଦି ଚୋରାଇ ଆଣି ସେନାପତିଙ୍କୁ ଦେଇଦେଲା!

ସେନାପତି ତୁରନ୍ତ ନିଜ ଦେଶକୁ ଫେରିଗଲେ ଏବଂ ସୁଦର୍ଶନଙ୍କୁ ମୁଦ୍ରିକା ପ୍ରଦାନ କଲେ ଏବଂ ତିଳ ଚିହ୍ନର ରହସ୍ୟ ମଧ୍ୟ ଜଣାଇଦେଲେ। ସୁମିତ୍ରା ଉପରେ ଯେଉଁ ଦୋଷାରୋପ କରିଥିଲେ ତାହା ପ୍ରମାଣ କରିଦେଇଥିବାରୁ ସୁବୁଦ୍ଧିକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କଲେ।

କିନ୍ତୁ ସୁବୁଦ୍ଧି ଗୋଟିଏ ଇଚ୍ଛା ପ୍ରକଟ କଲା। 'ମୁଁ ବିଦେଶରେ ମୃତ୍ୟୁବରଣ କରିବାକୁ ଥରେ ମୋର ଭଉଣୀକୁ ଦେଖିବାକୁ ଚାହେଁ। ତାଙ୍କୁ ମୋ ପାଖକୁ ଥରେ ଡକାଇ ଆଣନ୍ତୁ। ତା'

ପରେ ମୁଁ ନିଶ୍ଚିନ୍ତରେ ମୃତ୍ୟୁଦଣ୍ଡ ଭୋଗ କରିବି।' ସୁଦର୍ଶନ ଏ କଥାରେ ସମ୍ମତ ହେଲେ। ସୁବୁଦ୍ଧି ସୁଦର୍ଶନଙ୍କ ଦୂତ ହାତରେ ଭଉଣୀକୁ ଚିଠି ଲେଖି ପଠାଇଲେ । ଭାଇର ଆଜ୍ଞା ନ ମାନି ସେହି ବୁଢ଼ି ସାଙ୍ଗରେ କଥାବାର୍ତ୍ତା କରିବାରୁ ଭାଇର ଜୀବନ ବିପନ୍ନ ହେଲା। ସୁମିତ୍ରା ଏ କଥା ଜାଣିପାରିଲା। ସେ ତୁରନ୍ତ ଭାଇକୁ ଭେଟିବା ପାଇଁ ବାହାରି ପଡ଼ିଲା।

ସୁଦର୍ଶନର ରାଜ୍ୟରେ ପହଂଚିବା ପରେ, ସେ ନିର୍ଭୟରେ ସିଧାସଳଖ ରାଜାଙ୍କ ସମ୍ମୁଖରେ ପହଂଚିଲା– 'ପ୍ରଭୁ! ଏ କାନର ଅଳଙ୍କାରକୁ ଦେଖନ୍ତୁ। ଏହା କ'ଣ ଖୁବ୍ ଦାମିକିଆ।'

ସୁଦର୍ଶନ ସେହି ଅଳଙ୍କାରକୁ ଦାମି ପଥର ପାଇଁ କରାଉଥିବା ପରୀକ୍ଷା କରି ଦେଖିଲା ଏବଂ କହିଲା, 'ନିଶ୍ଚୟ ଅମୂଲ୍ୟ। କିନ୍ତୁ ଏହା ମୋତେ କାହିଁକି ଦେଖାଉଛ?'

'ଆପଣଙ୍କ ସେନାପତି ଏହି କାନ ଫୁଲ ସାଙ୍ଗରେ ଥିବା ଗହଣା ଚୋରାଇ ନେଇଛନ୍ତି। ଆପଣ ତ ନ୍ୟାୟଶୀଳ କୃପାକରି ନ୍ୟାୟ କରନ୍ତୁ'– ସୁମିତ୍ରା କହିଲା।

ରାଜା ସେନାପତିଙ୍କୁ ପାଖକୁ ଡକାଇ ସେହି ସ୍ତ୍ରୀଲୋକ ଯେଉଁ ଅଭିଯୋଗ କରିଥିଲେ, ତାହାକୁ ଶୁଣି କହିଲେ– 'ଶୁଣିବାକୁ ମିଳିଲା, ଏହି ସ୍ତ୍ରୀଲୋକର କାନର ଗହଣା ତୁମେ ଚୋରି କରି ଆଣିଛ। ତୁରନ୍ତ ତାଙ୍କୁ ଫେରାଇ ଦିଅ।'

ସେନାପତି ଆଶ୍ଚର୍ଯ୍ୟ ହୋଇଗଲେ। 'ଏ କିଏ, ମୁଁ ଜାଣେ ନାହିଁ। ମୁଁ ତ ଜୀବନରେ କେବେ ଏହି ସ୍ତ୍ରୀଲୋକର ମୁହଁ ଦେଖିନାହିଁ। କହନ୍ତୁ, ମୁଁ ବା କିପରି ତା' କାନର ଗହଣା ଚୋରି କରିପାରିବି।'

ତୁରନ୍ତ ସୁମିତ୍ରା ରାଜାଙ୍କ ଆଡ଼କୁ ବୁଲିପଡ଼ି କହିଲା– 'ମୁଁ ହେଉଛି ସୁବୁଦ୍ଧି ଭଉଣୀ। ଯେତେବେଳେ ସେନାପତି ମୋତେ ଦେଖିନାହାନ୍ତି ସେତେବେଳେ ଆପଣ କିପରି ମୋ ଭାଇକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବେ?'

ସୁଦର୍ଶନ ତାଙ୍କୁ ସେନାପତି ଧୋକା ଦେଇଥିବା କଥା ବୁଝିଗଲେ। ସୁମିତ୍ରାର ବୁଦ୍ଧିମତା ଦେଖି ସେ ଆନନ୍ଦିତ ହେଲେ। ସେ ସୁମିତ୍ରାର ରୂପ, ଗୁଣରେ ପ୍ରଭାବିତ ହେଲେ। ସେ ସେନାପତିଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କଲେ ଏବଂ ସୁବୁଦ୍ଧିକୁ ବନ୍ଦୀଶାଳାରୁ ମୁକ୍ତ କରିଦେଲେ। ସୁମିତ୍ରାଙ୍କୁ ବିବାହ କରି ବହୁ କାଳ ପର୍ଯ୍ୟନ୍ତ ଆନନ୍ଦରେ ରାଜୁତି କଲେ।





ଦୁର୍ଜନ ସହିତ ସଂପର୍କ

ଗୋଟିଏ ଗ୍ରାମରେ ଜଣେ ସନ୍ନ୍ୟାସୀ ବାସ କରୁଥିଲେ। ଗାଁ ବାହାରେ ତାଙ୍କର ଝୁମ୍ପୁଡି ରହିଥିଲା। ତାଙ୍କର ଭକ୍ତମାନେ ପ୍ରତିଦିନ ତାଙ୍କୁ ଫଳମୂଳ ଓ ଅନ୍ୟାନ୍ୟ ବ୍ୟଞ୍ଜନ ଇତ୍ୟାଦି ଭେଟି ଦେଉଥିଲେ। ତାହା ଖାଇ ସେ ଜୀବନଧାରଣ କରୁଥିଲେ। ଯଦି କୌଣସି ଦିନ କେହି କିଛି ଦେଉ ନ ଥିଲେ ସେ ଭୋକରେ ରହୁଥିଲେ। ଭୋଜନ ମିଳୁ ବା ନ ମିଳୁ ସେ ସଦାସର୍ବଦା ପ୍ରସନ୍ନ ରହୁଥିଲେ। ଦିନେ ଜଣେ ଭକ୍ତ ଜାଣିବାକୁ ପାଇଲା ଯେ ସନ୍ନ୍ୟାସୀ ଅନେକ ସମୟରେ ଭୋଜନ ନ ପାଇ ଉପବାସରେ ରହୁଛନ୍ତି। ତେଣୁ 'ସେ ଗୋଟିଏ ସୁସ୍ଥସବଳ ଗାଈ ଆଣି ସନ୍ନ୍ୟାସୀଙ୍କର କୁଡିଆ ନିକଟରେ ବାନ୍ଧି ଦେଲା। ସନ୍ନ୍ୟାସୀ ମହୋଦୟ ତା'ର ଦୁଗ୍ଧ ପାନ କଲେ।

ଗୋଟିଏ ଚୋର ସନ୍ନ୍ୟାସୀଙ୍କର କୁଡିଆଠାରୁ ମଇଁଷି ଚୋରି କରିବାକୁ ଚାହିଁଲା। ଏହା ବେଶ୍ ସହଜ କାମ ଥିଲା। କୁଡିଆଟି ଗାଁର ବାହାରେ ଥିଲା। ତା'ର ଦେଖାରଖା କରିବା ପାଇଁ କେହି ନ ଥିଲେ। କବାଟରେ ଛିଟିକିଣି ମଧ୍ୟ ନ ଥିଲା। ସନ୍ନ୍ୟାସୀଙ୍କର କୁଡିଆ ଭିତରକୁ ଯାଇ ଆରାମରେ ଗାଈକୁ ଖୋଲି ନିଆଯାଇପାରିବ। ତେଣୁ ଦିନେ ଚୋର ଲୁଚି ଲୁଚି ସନ୍ନ୍ୟାସୀଙ୍କର କୁଡିଆରୁ ଗାଈ ଚୋରି କରିବାକୁ ଗଲା।

ରାସ୍ତାରେ ଚୋର ଆଉ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଦେଖିଲା। ସେ ମଧ୍ୟ ତା' ସାଂଗରେ ଚାଲିଲା।

'ତୁ କିଏ? ମୋ ସାଙ୍ଗରେ କାହିଁକି ଆସୁଛୁ? ମୁଁ କିଛି କାମରେ ଯାଉଛି- ଯା ତୁ ତୋ ବାଟରେ ଯାଆ, ମୋ ସାଙ୍ଗରେ ଆସିବା ଦରକାର ନାହିଁ!' ଚୋର କହିଲା।

ସେତିକି ବେଳେ ଦ୍ୱିତୀୟ ବ୍ୟକ୍ତି ଜଣକ କହିଲେ- 'ମୁଁ ଗୋଟିଏ ଭୂତ। ଗାଁ ବାହାରେ ଯେଉଁ ସନ୍ନ୍ୟାସୀ ରହିଛି ତାକୁ ମାରିବା ପାଇଁ ଯାଉଛି। ଯେବେଠାରୁ ସନ୍ନ୍ୟାସୀ ଏଠାକୁ ଆସିଛି ଗ୍ରାମବାସୀ ସୁଖରେ ରହୁଛନ୍ତି। କେହି କାହାର

ପି. ଲକ୍ଷ୍ମୀପତି

କ୍ଷତି କରୁନାହାନ୍ତି। ତେଣୁ ମୋର କାମ ହୋଇପାରି ନାହିଁ। ମୋତେ ବିରକ୍ତ ଲାଗୁଛି।

ଏହି କାରଣରୁ ଗାଁରେ କୌଣସି ଚୋରି, ବଦମାସୀ, ଦଙ୍ଗା, ଗଣ୍ଡଗୋଳ ହେଉ ନାହିଁ। ଆଜି ମୁଁ ସନ୍ନ୍ୟାସୀଙ୍କୁ ହତ୍ୟା କରି ମୋର ପ୍ରଭାବ ଦେଖାଇବି। ତୁ କେତେ ବାଟ ଯାଉଛୁ?'

'ମୋର ପେସା ହେଉଛି ଚୋରି କରିବା। ମୁଁ ମଧ୍ୟ ସେହି ସନ୍ନ୍ୟାସୀଙ୍କ କୁଡିଆକୁ ଯାଉଛି। ମୋର ଉଦ୍ଦେଶ୍ୟ ସନ୍ନ୍ୟାସୀଙ୍କୁ ମାରିବା ନୁହେଁ। ସେହି ସନ୍ନ୍ୟାସୀଙ୍କୁ ଜଣେ ଭକ୍ତ ଗୋଟିଏ ଗାଈ ଦେଇଛି। ମୁଁ ତାକୁ ଚୋରି କରିବାକୁ ଯାଉଛି।' ଚୋର କହିଲା।

ଯେହେତୁ ଦୁହେଁ ସନ୍ନ୍ୟାସୀଙ୍କର କ୍ଷତି କରିବାକୁ ଚାହୁଁଥିଲେ, ଦୁଇ ଜଣଙ୍କ ଭିତରେ ଭଲ ବନ୍ଧୁତା ହୋଇଗଲା। ଦୁହେଁ ସାଂଗ ହୋଇ ଅଧ ରାତିରେ ସନ୍ନ୍ୟାସୀଙ୍କର କୁଡିଆରେ ପହଂଚିଲେ। ଚାରିପଟେ ଘନ ଅନ୍ଧକାର, ନିଶୂନ୍, ନୀରବ ପ୍ରହର। ସନ୍ନ୍ୟାସୀ ନିଦ୍ରାରେ କୁଡିଆ ଭିତରେ ଶୋଇଯାଇଥିଲେ।

ଚୋର ସେତେବେଳେ ମନକୁ ମନ ଭାବିଲା 'ଯଦି ଏ ଭୂତ ପ୍ରଥମେ ସନ୍ନ୍ୟାସୀଙ୍କୁ ମାରିବା ପାଇଁ ଯିବ ସନ୍ନ୍ୟାସୀ ପାଟିତୁଣ୍ଡ କରିବ, ଚିତ୍କାର କରିବ ତେବେ ପଞ୍ଚ ଦଶ ଲୋକ ଏକାଠି ହୋଇଯିବେ। ସନ୍ନ୍ୟାସୀଙ୍କର କଣ ହେଲା ଦେଖିବା ପାଇଁ ଧାଇଁ ଆସିବେ। ଗାଁ ଲୋକଙ୍କର ସନ୍ନ୍ୟାସୀଙ୍କ ପ୍ରତି ଅଖଣ୍ଡ ଭକ୍ତି। ଏ ଅବସ୍ଥାରେ ମୋତେ ଗାଇ ଚୋରି କରିବା ପାଇଁ ସୁଯୋଗ ମିଳିବ ନାହିଁ। ତେଣୁ ମୁଁ ପ୍ରଥମେ ଯାଇ ଗାଈ ଚୋରି କରି ଆଣିବି। ମୁଁ ମୋ ବାଟରେ ଚାଲିଯିବି। ତା' ପରେ ଭୂତ ଯାହା କରିବ କରୁ।'

ଏତିକି ବେଳେ ଭୂତ ମନେ ମନେ ଏମିତି ଚିନ୍ତା କଲା।

'ଯଦି ଏ ଚୋର ପ୍ରଥମେ ଗାଈ ଚୋରି କରିବା ପାଇଁ ଚେଷ୍ଟା କରିବ ଗାଈ ଉଠିପଡ଼ି ନିଶ୍ଚୟ ବୋବାଇବ। ରାତି ଅଧରେ ଗାଈ ଉଠି ଚାଲିବାକୁ ବାହାରିବ ନାହିଁ। ଗାଈକୁ ମାଡ଼



ଦେଲେ ସନ୍ନ୍ୟାସୀ ନିଶ୍ଚୟ ଉଠିଯିବେ। କିଏ ଜାଣେ ପାଞ୍ଚ ଦଶ ଲୋକ ଏକାଠି ହୋଇଯିବେ। ମୁଁ ସନ୍ନ୍ୟାସୀଙ୍କୁ ମାରିବି କେମିତି? ମୋତେ ନିରାଶ ହୋଇ ଫେରିବାକୁ ପଡ଼ିବ।' ଏ କଥା ଚିନ୍ତା କରି ଭୂତ ଚୋରକୁ କହିଲା- 'ଭାଇ, ମୁଁ ପ୍ରଥମେ ସନ୍ନ୍ୟାସୀଙ୍କୁ ହତ୍ୟା କରି ମୋର କାମ ଶେଷ କରୁଛି। ମୁଁ ମୋ ବାଟରେ ଚାଲିଯିବି, ତା' ପରେ ତୁ ତୋର ଗାଈ ଖୋଲି ଆରାମ୍‌ରେ ନେଇ ଚାଲିଯିବୁ। ତୋତେ କେହି ଅଟକାଇ ପାରିବେ ନାହିଁ।'

ଏ କଥା ଶୁଣି ଚୋର କହିଲା- 'ନା, ଏମିତି ହୋଇପାରିବ ନାହିଁ। ପ୍ରଥମେ ମୋତେ ଗାଈକୁ ଖୋଲି ମୋ ବାଟରେ ଚାଲିଯିବାକୁ ଦିଅନ୍ତୁ, ତା' ପରେ ସନ୍ନ୍ୟାସୀଙ୍କୁ ଯେତେବେଳେ ଇଚ୍ଛା ଯେମିତି ଇଚ୍ଛା ମାରିଦେବୁ। ମୋର ତ ଛୋଟିଆ କାମ। ତୋ କାମ ସିନା କଠିନ।'

ଦୁହେଁ ଏହିପରି ଯୁକ୍ତିତର୍କ କରିବାକୁ ଲାଗିଲେ। ଧୀରେ ଧୀରେ ତର୍କ ବଢ଼ିଲା। ପ୍ରଥମେ ଦୁହେଁ ଧୀରେ ଧୀରେ ଚୁପି ଚୁପି କଥାବାର୍ତ୍ତା ହେଉଥିଲେ, ଧୀରେ ଧୀରେ କଥା ଗରମ ହେବାରୁ ଦୁହେଁ ବଡ଼ ପାଟିରେ କଳି କଲେ। କିଛି ସମୟ ପରେ ଗଣ୍ଡଗୋଳ ଆରମ୍ଭ ହୋଇଗଲା। ଶେଷରେ ଚୋର ଚିତ୍କାର କରି କହିଲା- 'ହେ ସନ୍ନ୍ୟାସୀ! ଦେଖ, ଏ ଭୂତ ତୋତେ ହତ୍ୟା କରିବା ପାଇଁ ଆସିଛି।' ଏ କଥା ଶୁଣି ଭୂତ କଣ ଚୁପ୍ ରହନ୍ତା, ସେ ଆହୁରି ଅଧିକ ରାଗିଗଲା ଏବଂ ଚୋରଠାରୁ ବଡ଼ ପାଟିରେ ଚିତ୍କାର କରି କହିଲା- 'ହେ ସାଧୁ! ଏ ଦୁଷ୍ଟ ଚୋର ତୋର ଗାଈ ଚୋରି କରିବା ପାଇଁ ଏଠାକୁ ରାତି ଅଧରେ ଆସିଛି।'

ପାଟିତୁଣ୍ଡ ଶୁଣି ସନ୍ନ୍ୟାସୀଙ୍କ ସହିତ ଆଖପାଖ ଗୃହରେ ରହିଥିବା ଲୋକେ ଠେଙ୍ଗା ଓ ଲଣ୍ଠନ ଧରି ଦୌଡ଼ି ଦୌଡ଼ି ସେଠାରେ ଆସି ପହଂଚିଲେ। ସେମାନଙ୍କ ମଧ୍ୟରୁ କିଛି ଲୋକ ଗୋଡ଼ାଇ ଗୋଡ଼ାଇ ଅଳ୍ପ ବାଟ ଭିତରେ ଚୋରକୁ ଧରି ପକାଇଲେ। ଜଣେ ଗୁଣିଆ ଭୂତକୁ ମଧ୍ୟ ସେଠାରେ ବଶୀଭୂତ କରି ଉତ୍ତମ ମଧ୍ୟମ ପାନେ ଦେଲା। ଭୂତ ଓ ଚୋର ନିଜ ଦୁର୍ବୁଦ୍ଧିରୁ ଢେର୍ ମାଡ଼ ଖାଇଲେ।

ତେଣୁ କୁହାଯାଏ ଯେ ଦୁର୍ଜ୍ଜନମାନଙ୍କର ପରସ୍ପର ସହିତ ବନ୍ଧୁତା ବେଶୀ ଦିନ ପର୍ଯ୍ୟନ୍ତ ସ୍ଥାୟୀ ହୁଏ ନାହିଁ।





ପ୍ରଚ୍ଛଦପୃଷ୍ଠାର କାହାଣୀ

ଗୋପୀଙ୍କର ବୃନ୍ଦାବନ ଯାତ୍ରା

ଏହି ଚିତ୍ରକଳାଟି ଆମର ପ୍ରିୟ ଏମଟିଭି ଆଚାର୍ଯ୍ୟ ମହାଶୟଙ୍କ ଦ୍ୱାରା ଅଙ୍କାଯାଇଥିଲା। ୧୯୪୯ ମସିହା ଜୁଲାଇ ସଂଖ୍ୟାରେ କୃଷ୍ଣାବତାରର ଅଂଶ ଭାବରେ ପ୍ରକାଶିତ ହୋଇଥିଲା। କୃଷ୍ଣାବତାର ଆମର ହିନ୍ଦୁ ପୁରାଣର ଏପରି ଏକ କାହାଣୀ ଯାହା ପଢି ଅପୂର୍ବ ଆନନ୍ଦ ମିଳେ,ବାରମ୍ବାର ପଢିବାକୁ ଓ ଶୁଣିବାକୁ ଇଚ୍ଛା ହୁଏ।

ଦିନକୁ ଦିନ ଗୋକୁଳରେ କୃଷ୍ଣଙ୍କର କାଳ କାଟିବା କଷ୍ଟକର ହୋଇ ପଡୁଥିଲା। ରାଜା କଂସ ଯେ କୌଣସି ଉପାୟରେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ବଦ୍ଧପରିକର ଥିଲା। ବିଭିନ୍ନ ମାୟାବୀ ଅସୁରଙ୍କ ମାଧ୍ୟମରେ ସେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରୁଥିଲା। ପୁତନା, ଶକଟାସୁର , ମାୟାଭୂତନା ଇତ୍ୟାଦି ଅସୁରମାନେ ଉଦ୍ୟମ କରି ବିଫଳ ହେଲେ। ତୃଣବାର୍ତ୍ତାସୁର ବାୟୁ ରୂପ ନେଇ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କଲା। ଗ୍ରାମବାସୀଙ୍କର ଗଭୀର ବିଶ୍ୱାସ ଥିଲା ପ୍ରଭୁ ବିଷ୍ଣୁଙ୍କ କୃପାରୁ ବାଳକ କୃଷ୍ଣଙ୍କର ରକ୍ଷା ସମ୍ଭବ ହେଲା। ସମଗ୍ର ଗୋପପୁରବାସୀ ନନ୍ଦକୁମର କୃଷ୍ଣଙ୍କର ସୁରକ୍ଷା ପାଇଁ ବ୍ୟସ୍ତ ହୋଇଗଲେ।

ଗ୍ରାମବାସୀ ଏକତ୍ରିତ ହେଲେ ଏବଂ ସମସ୍ତ ବୟସ୍କ ବ୍ୟକ୍ତିମାନେ ଆଲୋଚନା କରି ନିଷ୍ପତ୍ତି ନେଲେ ଯେ ଭବିଷ୍ୟତରେ ଏପରି ଆକ୍ରମଣର ଆଶଙ୍କା ଏଡାଇବାକୁ ପଡ଼ିବ। ଜଣେ ବୟସ୍କ ବ୍ୟକ୍ତି କହିଲେ, "ପ୍ରିୟ ବନ୍ଧୁଗଣ, ଚାଲନ୍ତୁ ଏହି ସ୍ଥାନକୁ ଛାଡି ଆମେ ଅନ୍ୟତ୍ର ଚାଲିଯିବା। ସେଠାରେ ଏ ସମସ୍ତ ବିପତ୍ତିର ଆଶଙ୍କା ନ ଥିବା ନିକଟରେ ପାହାଡ଼ ପର୍ବତ, ନଦୀ ଘେରି ରହିଥିବା ନିକଟରେ ଏକ ଉର୍ବର କ୍ଷେତ୍ର ରହିଛି। ସେହି ସ୍ଥାନ ଆମର ଗାଈମାନଙ୍କର ଚରିବା ପାଇଁ ବେଶ୍ ଅନୁକୂଳ ସ୍ଥାନ ହେବ। ମୋର ଆଶା ଆମର ଜୀବନ ରକ୍ଷା ତଥା କୃଷ୍ଣଙ୍କର ସୁରକ୍ଷା ପାଇଁ ବୃନ୍ଦାବନକୁ ଚାଲିଯିବା ଶ୍ରେୟସ୍କର ହେବ।" ଗୋକୁଳବାସୀ ଏହି ପରାମର୍ଶ ଗ୍ରହଣ କଲେ ଏବଂ ସମ୍ମତ ହେଲେ। ତୁରନ୍ତ ଗୋକୁଳବାସୀ ବୃନ୍ଦାବନ ଅଭିମୁଖେ ଯିବାକୁ ପ୍ରସ୍ତୁତ ହେଲେ। ଧାଡ଼ିରେ ଶଗଡ଼ ଗାଡି ରଖାଗଲା। ଛୋଟ ଛୋଟ ପିଲା, ବୟସ୍କ ଏବଂ ମହିଳାମାନେ ବଳଦ ଗାଡ଼ିରେ ବସିଲେ, କେତେକ ବଳଦ ଗାଡ଼ିରେ ଘରର ଆସବାବପତ୍ର ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ଲଦି ଦିଆଗଲା। ହରି ନାମ ଉଚ୍ଚାରଣ ସହିତ ଢୋଲ ଓ ମହୁରୀ ବଜାଇ ଯାତ୍ରା ଆରମ୍ଭ କରାଗଲା।

ଗୋପା ଓ ଗୋପୀଗଣ ଗାଈ ବଳଦଙ୍କୁ ସାଂଗରେ ଧରି ମନରେ ଅନେକ ଭବିଷ୍ୟତ ପାଇଁ ଅନେକ ଆଶା ଆକାଂକ୍ଷା ଓ ସୁରକ୍ଷିତ ଜୀବନର ସ୍ୱପ୍ନ ନେଇ ବୃନ୍ଦାବନ ଅଭିମୁଖେ ବାହାରିଲେ।

ଆମ୍ଭେମାନେ ମଧ୍ୟ ଜାନୁଆରୀ ମାସରୁ ଏକ ନୂଆ ବର୍ଷ, ୨୦୧୨ ଗୋପପୁରବାସୀଙ୍କ ପରି ଅନେକ ଆଶା ଓ ଆକାଂକ୍ଷା ସହିତ ଆରମ୍ଭ କରୁଛୁ। ପାଠକମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଉଛୁ। ଫେବୃଆରୀ ସଂଖ୍ୟାରେ ପୁଣି ଦେଖିବା ଆଉ ଏକ ମନଛୁଆଁ ଚିତ୍ର। ଜୟ ଶ୍ରୀକୃଷ୍ଣ।

– ସୌମ୍ୟା ଭରଦ୍ୱାଜ୍



ମୋକ୍ଷ ପ୍ରାପ୍ତି

ବୈଶାଳି ସହରରେ ଏକଦା ଶମ୍ଭୁ ଏବଂ ନାରାୟଣ ନାମକ ଦୁଇ ବନ୍ଧୁ ବାସ କରୁଥିଲେ। ଦୁହେଁ ଗୃହସ୍ଥ ଆଶ୍ରମର ଦାୟିତ୍ୱ ସଂପୂର୍ଣ୍ଣ କଲେ। ତା' ପରେ ସେମାନେ ଜୀବନର ପରବର୍ତ୍ତୀ ପର୍ଯ୍ୟାୟ ଅବସର ବା ବାନପ୍ରସ୍ଥ ଗ୍ରହଣ କଲେ। ''ଆମ୍ଭେମାନେ ପରିବାର ଏବଂ ସମାଜ ପ୍ରତି ଆମର ଦାୟିତ୍ୱ ସଂପୂର୍ଣ୍ଣ କଲେ। ଯଦି ଆମେ ନିଜକୁ ପରିବାର ଏବଂ ସମାଜଠାରୁ ଦୂରେଇ ରଖି ଅବସର ନେବାକୁ ଚାହିଁବା ତେବେ ମଧ୍ୟ ପରିସ୍ଥିତି ଚାପରେ ପଡ଼ି ଆମେ ସେ ସବୁ ପ୍ରତି ଆକର୍ଷିତ ହେବା। ତେଣୁ ଚାଲ ଦୁହେଁ ହିମାଳୟ ଯାଇ ସେଠାରେ ତପସ୍ୟା କରିବା। ଆସ, ଯାତ୍ରା ଆରମ୍ଭ କରିବା!'' ଶମ୍ଭୁ ନାରାୟଣଙ୍କୁ ପ୍ରଭାବିତ କରିବା ପାଇଁ ଚାହିଁଲେ। ନାରାୟଣ ନିଷ୍ପତ୍ତି ନେବା ପାଇଁ ବହୁତ ସମୟ ନେଲେ ଏବଂ ଶେଷରେ ସନ୍ନ୍ୟାସ ଗ୍ରହଣ କରିବା ପାଇଁ ସମ୍ମତ ହେଲେ। ପବିତ୍ର ଦିନରେ ଦୁହେଁ ବିଧିବଦ୍ଧ ଭାବରେ ଦୀକ୍ଷା ନେଲେ ଏବଂ ମନ୍ତ୍ର ଗ୍ରହଣ କରି ହରିଦ୍ୱାର ନିକଟରେ ଏକ ଶାନ୍ତିପୂର୍ଣ୍ଣ ସ୍ଥାନକୁ ଚାଲିଗଲେ ଏବଂ ସେଠାରେ ତପସ୍ୟା ଆରମ୍ଭ କଲେ।

କିଛି ବର୍ଷର କଠିନ ତପସ୍ୟା ପରେ ଈଶ୍ୱର ଶମ୍ଭୁ ସମ୍ମୁଖରେ ଉଭା ହେଲେ, ''ମୁଁ ତୁମର ଭକ୍ତି ଭାବ ଦେଖି ମୁଗ୍ଧ। କ'ଣ ବର ମାଗୁଛ ମାଗ।'' ଈଶ୍ୱର କହିଲେ।

''ପ୍ରଭୁ, ମୁଁ ଜୀବନ ଧାରଣ କରିବାକୁ ଚାହେଁନା, ଦୟାକରି ମୋତେ ମୋକ୍ଷ ପ୍ରାପ୍ତ ବରଦାନ କରନ୍ତୁ।'' ଶମ୍ଭୁ କହିଲା।

''ଜୀବନ ଏବଂ ମୃତ୍ୟୁ ବସ୍ତୁ ଓ ଶକ୍ତି ମଧ୍ୟରେ ନିୟନ୍ତ୍ରଣ ରକ୍ଷା କରିବା ପାଇଁ ତିଆରି କରାଯାଇଛି। ମୋକ୍ଷର ଅର୍ଥ ତୁମର ଆତ୍ମାରୁ ସମସ୍ତ ଦାଗ ଲିଭାଇ ତୁମ ପୂର୍ବ ଜନ୍ମର ପ୍ରଭାବକୁ ଦୂର କରି ତୁମକୁ ଏକ ନୂତନ ଜୀବନ ଦାନ କରିବା। ମୋକ୍ଷ ପ୍ରାପ୍ତିର ଅର୍ଥ ଯେ ପୁର୍ନଜନ୍ମ ହେବ ନାହିଁ ଏହା ଭାବିବା ଭୁଲ୍ ଧାରଣା। ଯଦି

ପି.ଭି. ରମଣ ରାଓ

ତୁମେ ମୁଁ ବର୍ଣ୍ଣନା କରିଥିବା ମୋକ୍ଷ ଚାହଁ, ମୁଁ ତାହା ତୁମକୁ ଦେଇପାରିବି।''

''ଦେଖିବା ତୁମର ବନ୍ଧୁ କ'ଣ ଚାହୁଁଛନ୍ତି। ମୋ ସହିତ ଆସ।'' ଈଶ୍ୱର କହିଲେ।

ନାରାୟଣ ଭକ୍ତିଭାବ ସହିତ ପ୍ରଭୁଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଇ ପ୍ରଣାମ କଲେ । ଯେତେବେଳେ ଈଶ୍ୱର ତାଙ୍କୁ ବର ମାଗିବା ପାଇଁ କହିଲେ ସେ ଏହିପରି ପ୍ରାର୍ଥନା କଲେ: ''ପ୍ରଭୁ, ଆପଣ ମୋତେ କଥା କହିବାର ଉପହାର ଦେଲେ, ମୁଁ ବିଜ୍ଞତାର ସହ କାର୍ଯ୍ୟ କରିପାରିବି ତେଣୁ ମୋତେ ବୁଦ୍ଧିବିଦ୍ୟା ଦେଲେ, ଭୁଲ୍ ଠିକ୍ ବାଛି ପାରିବି ସେଥିପାଇଁ ଜ୍ଞାନ ଦେଲେ। କିନ୍ତୁ ମୋର ମନ ଇନ୍ଦ୍ରିୟମାନଙ୍କର ବଶବର୍ତ୍ତୀ ହୋଇ ଏଣେତେଣେ ବିଚରଣ କରୁଛି। ମୁଁ ଏହି ଶରୀରରେ ରହି ଆତ୍ମାର ସଂପୂର୍ଣ୍ଣ ଆନନ୍ଦ ନେଇପାରୁ ନାହିଁ। ମୋତେ ଏହି ଶରୀରରୁ ଏବଂ ଶାରୀରିକ ମୋହରୁ ମୁକ୍ତ କରନ୍ତୁ।''

ଈଶ୍ୱର ବାଧା ଦେଲେ ଏବଂ କହିଲେ, ''ତୁମେ ପୁର୍ନଜନ୍ମ ଚାହଁ ନାହିଁ, ତେବେ ତୁମେ ମୋକ୍ଷ ଚାହଁ?''

''ପ୍ରଭୁ, ମୁଁ ଯେତେବେଳେ ଆପଣଙ୍କ ସହିତ ଲୀନ ହୋଇଯିବି, ମୁଁ ଏକ ଭିନ୍ନ ବ୍ୟକ୍ତିସତ୍ତା ଭାବରେ କିଛି ଅନୁଭବ କରିବାକୁ ସମର୍ଥ ହେବି ନାହିଁ। ତେଣୁ ମୁଁ ମୋକ୍ଷ ଚାହେଁନା।'' ନାରାୟଣ କହିଲେ।

''ପ୍ରଭୁ ମୋତେ କରୁଣା କରି ଆହୁରି ଅନେକ ଜନ୍ମ ଦିଅ। ମୁଁ ପୁଣି ପୁଣି ସୁସ୍ଥ ଶରୀର ଓ ଆତ୍ମାର ନିୟନ୍ତ୍ରଣରେ ଥିବା ମନ ନେଇ ଜନ୍ମ ହୁଏ। ଦୟାକରି ମୋ ହୃଦୟକୁ ଦରଦରେ ଭରିଦିଅ ଏବଂ ମୋତେ ସତ୍ ପଥରେ ଆଗେଇ ନିଅ। ମୁଁ ଯେପରି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କର ସେବା କରିପାରିବି। ଦୟାକରି ମୋତେ ଏମିତି ବର ଦିଅ ମୁଁ ଯେପରି ସଦାସର୍ବଦା ପ୍ରଭୁଙ୍କର ଗୁଣଗାନ କରିବି ଏବଂ ସମଗ୍ର ଜୀବନରେ ପରମ ଶାନ୍ତି ଲାଭ କରିବି।''

''ତାହା ହିଁ ହେଉ। ମୁଁ ତୁମ ପରି ମନୁଷ୍ୟ ଆବଶ୍ୟକ କରେ, ଯେ କି ମନୁଷ୍ୟର ମରଣଶୀଳ ଜୀବନର ଦୁଃଖଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ମୋକ୍ଷ ଚାହାଁନ୍ତି ନାହିଁ। ସେମାନେ ସମଗ୍ର ମାନବ ଜାତିର ମଙ୍ଗଳ ପାଇଁ ସତ୍ ପଥରେ ଜୀବନ ଅତିବାହିତ କରନ୍ତି ଏବଂ ସମଗ୍ର ସଂସାରରେ ସୁଖଶାନ୍ତି ବଢ଼ାଇଥାନ୍ତି। ତୁମର ଇଚ୍ଛା ପୂର୍ଣ୍ଣ ହେଉ!'' ଏହା କହି ଈଶ୍ୱର ଅଦୃଶ୍ୟ ହୋଇଗଲେ।



ବୀରର ଇଚ୍ଛା

ଭୀମପୁର ଗ୍ରାମର ବୀରର ଛଅ ଏକର ଜମି ଥିଲା। ସେ ସେଥିରେ କଠିନ ପରିଶ୍ରମ କରି ଚାଷ କରି ମନ ଆନନ୍ଦରେ ଚଳୁଥିଲା। ବୀରର ପିଲାମାନେ ବଡ଼ ହୋଇ ଘର ସଂସାର କଲେ। ବୀରର ବୋହୂ ସଦାସର୍ବଦା ସ୍ୱାମୀଙ୍କର ଆୟ ବଦଖର୍ଚ୍ଚ କରି ଘରେ ଅଭାବ ସୃଷ୍ଟି କରୁଥିଲା। ସେ ସଦାସର୍ବଦା ବୀରଠାରୁ ବାରମ୍ବାର ଧାର୍ ଆଣିବାକୁ କହୁଥିଲା।

ରାମଚନ୍ଦ୍ର ବାରମ୍ବାର ବାପାଙ୍କ ପାଖକୁ ଯାଇ ବିଭିନ୍ନ ବାହାନା ଦେଖାଇ ଟଙ୍କା ଆଣୁଥିଲା। ବୀର ଯେତେବେଳେ ଯାହା ମାଗିଲେ ପୁଅକୁ କେବେ ମନା କରୁନଥିଲେ। ବେଳେବେଳେ ତାଙ୍କୁ ତାଙ୍କର ଜମି ବନ୍ଧା ରଖି ଧାର ଆଣିବାକୁ ପଡୁଥିଲା। କିନ୍ତୁ ସେ ପୁଅକୁ ଦେଉଥିବା ପ୍ରତିଟି ପଇସାର ହିସାବ ରଖୁଥିଲେ। ଦିନେ ଯେତେବେଳେ ସେ ହିସାବ କଲେ, ଦେଖିଲେ ଯେ ତାଙ୍କ ସମ୍ପତ୍ତିର ଅଧାଅଧି ପୁଅର ଆବଶ୍ୟକତା ପୂରଣ କରିବାରେ ଖର୍ଚ୍ଚ ହୋଇସାରିଲାଣି।

ଦିନେ ବୀର ଜମିରୁ ଫେରିଲାବେଳେ ତାକୁ ସାପ କାମୁଡ଼ିଦେଲା ଓ ସେଠାରେ ହିଁ ସେ ମୃତ୍ୟୁବରଣ କଲା। ତାଙ୍କର ଶେଷକୃତ୍ୟ ସଂପନ୍ନ ହେଲାପରେ ସେ ଲେଖି ରଖିଥିବା ଇଚ୍ଛାପତ୍ର ପଢ଼ାଗଲା। ଏଥିରେ ଲେଖାଥିଲା ''ମୁଁ ନିଜର କଠିନ ପରିଶ୍ରମ ଦ୍ୱାରା ସମସ୍ତ ସମ୍ପତ୍ତି ବର୍ଜନ କରିଛି। ତାହାର ଅଧାଅଧି ମୋ ପୁଅର ବିଭିନ୍ନ ସମୟରେ ଖର୍ଚ୍ଚ ତୁଲାଇବାରେ ଖର୍ଚ୍ଚ ହୋଇସାରିଛି। ମୋର ମୃତ୍ୟୁ ପରେ ଯେଉଁ ଜମି ବଳକା ରହିବ ସେ ସବୁ ମୋର ପତ୍ନୀ ରାଜଲକ୍ଷ୍ମୀ ଓ ଝିଅ ଲକ୍ଷ୍ମୀଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯିବ। ମୋର ଘରଟି ମୋ ସ୍ତ୍ରୀଙ୍କୁ ଦିଆଯିବ। ମୁଁ ମୋର ପୁଅ ରାମଚନ୍ଦ୍ରକୁ ବିଭିନ୍ନ ସମୟରେ ତା'ର ବ୍ୟବସାୟର ଆବଶ୍ୟକତା ପୂରଣ କରିବା ପାଇଁ ଆନନ୍ଦ ମନରେ ବିନା ଦ୍ୱିଧାରେ ସମସ୍ତ ଟଙ୍କା ଦେଇଛି।''

ଏପରି ଇଚ୍ଛାପତ୍ର ଲେଖିବା ଦ୍ୱାରା, ବୀର ତାଙ୍କର ବୋହୂର ଛଳନାର ଉଚିତ୍ ଜବାବ ଦେଲେ।

–ବିଶ୍ୱମୋହିନୀ





ସିନ୍ଧିଲାଲୟମ୍ – ୨୧

(ଅଘୋରି ଲୋକେ ଶିଖିମୁଖକୁ ସହାନୁଭୂତିପୂର୍ଣ୍ଣ କଥା କହି ସେଠାରୁ ଚାଲିଗଲେ। ରାତିରେ ଶତ୍ରୁ ଛଳ କରି ତାଙ୍କ ପାଖକୁ ଯେଉଁ ଚିତାବାଘ ପଠାଇଥିଲା ତାକୁ ଶିଖିମୁଖ ଓ ଅନ୍ୟମାନେ ମିଶି ମାରିଦେଲେ। ଶତ୍ରୁର ସାହାଯ୍ୟ କରୁଥିବା ଜାଙ୍ଗଲାକୁ ଶିଖିମୁଖ ଆଦେଶ ଦେଲା ଯେ ତୋର ଆହତ ବନ୍ଧୁର ଠିକଣା କହ। ତା' ପରେ...)

ମଶାଲ ଆଲୁଅରେ ଶିଖିମୁଖ ବିକ୍ରମଙ୍କୁ ସାଙ୍ଗରେ ନେଇ ବୁଦା କଡ଼େ କଡ଼େ ଆଗକୁ ଚାଲିଲେ। ଆଗକୁ ଯାଇ ଆହତ ହୋଇଥିବା ଶତ୍ରୁକୁ ଖୋଜିଲେ। ତାଙ୍କୁ ଗୋଟିଏ ବୁଦାମୂଳେ କିଛି ରକ୍ତ ଦାଗ ଦିଶିଲା। ସେଠାରେ କିଛି ତାଳପତ୍ର ଭାଙ୍ଗି ପଡ଼ିଥିବାର ଦେଖାଗଲା।

"ବିକ୍ରମ, ଶତ୍ରୁ ଏହି ଗଛମୂଳେ ତୁମର ତୀରରେ ଆହତ ହୋଇଛି, କିନ୍ତୁ କୌଣସି ପ୍ରକାରେ ଏଠାରୁ ପଳାଇ ଯାଇଛି। ସକାଳ ହେବାକୁ ଯାଇଛୁ। ଏଠାରେ କାହିଁକି ସମୟ ନଷ୍ଟ କରିବା। ଚାଲ ଆମେ ଆଗକୁ ଯାତ୍ରା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା। ଆମେ ବିଳମ୍ବ କରିବା ନାହିଁ।" ଶିଖିମୁଖ କହିଲା।

"ଆମକୁ ରାସ୍ତା ଦେଖାଇବା ପାଇଁ କିଏ ଅଛି? ଏ କଥା ପ୍ରମାଣିତ ହୋଇଛି ଯେ ଜାଙ୍ଗଲା ହେଉଛି ଆମ ଶତ୍ରୁ ପକ୍ଷର ଲୋକ। ତାକୁ ସାଙ୍ଗରେ ନେଇ ଯିବା ବିପଦମୁକ୍ତ ନୁହେଁ, ବନ୍ଧୁ!" ବିକ୍ରମକେଶରୀ ଜବାବ୍ ଦେଲେ।

"ସେ ଶତ୍ରୁର ସହାୟତା ପ୍ରଦାନକାରୀ ହେଲେ ମଧ୍ୟ ବର୍ତ୍ତମାନ ଆମ ଅଧିନରେ ଅଛି। କାମାକ୍ଷାପୁରରୁ ବାହାରିଲା ବେଳେ ସେ ଆମ

ଦସରୀ ସୁବ୍ରମଣ୍ୟମ

ନିକଟରେ ଶପଥ କରିଛି ଯେ ସେ ଇକ୍ଷୁ ଜାତିର ଲୋକେ ବାସକରୁଥିବା ଗୋଳାଭର ଗ୍ରାମରେ ଆମକୁ ପହଞ୍ଚାଇଦେବ। ଏ କାମ ଆମେ ତା' ଦ୍ୱାରା ନିଶ୍ଚୟ କରାଇବା।'' ଶିଖିମୁଖ କହିଲା।

''ଏହି ଦୁଷ୍ଟ ଉପରେ ବର୍ତ୍ତମାନ ବି ବିଶ୍ୱାସ କରିବା? ସେ ଯଦି ଆମକୁ ଭୁଲ୍ ରାସ୍ତାରେ ନେଇ ସିଦ୍ଧିଲାଲୟମ୍‌ର ପୂଜାରୀ ନିକଟରେ ସମର୍ପି ଦେବ! ଦେଖ, ତେଣୁ ମୁଁ ଭାବୁଛି ତା' ସହିତ ଯିବା ଉଚିତ୍ ହେବ ନାହିଁ।'' ବିକ୍ରମ କହିଲେ।

''ଡରିବାର କୌଣସି କାରଣ ନାହିଁ। ଯଦି ଆମର ସନ୍ଦେହ ହେବ ଯେ ସେ ଆମକୁ ଧୋକ୍କା ଦେବାକୁ ଯାଉଛି, ତେବେ ଆମେ ତୁରନ୍ତ ଜାଙ୍ଗଲାକୁ ତଲୱାରରେ ଟିକ୍ ଟିକ୍ କରି କାଟିଦେବି। ଆମର ସମସ୍ୟା ହେଉଛି ଯେ ଏହି ଘଂଚ ଜଂଗଲରେ ନଦୀ ଏବଂ ଘାଟୀ ଛାଡି ଅନ୍ୟ କୌଣସି ରାସ୍ତା ଦିଶିବ ନାହିଁ। ତେଣୁ ଆମକୁ ତା'ର ସହାୟତା ନେବାକୁ ପଡ଼ିବ।'' ଶିଖିମୁଖ ବୁଝାଇଦେଲେ।

''ଜାଙ୍ଗଲାର ସହାୟତା ନେବାର କାମ ତୁମେ ବୁଝି ଦେଖ। ତା' ଉପରେ ସାମାନ୍ୟ ବିଶ୍ୱାସ କରିବା ଅର୍ଥ ବିପଦକୁ ବରଣ କରିବା।'' ବିକ୍ରମକେଶରୀ ସିଧା ସିଧା କହିଦେଲେ।

''ମୋର ମଧ୍ୟ ସମାନ୍ ରାୟ।'' ଶିଖିମୁଖ ବିକ୍ରମକୁ କହିଲା। ତା' ପରେ ଜାଙ୍ଗଲା ଆଡ଼କୁ ଚାହିଁ କହିଲା- 'ଜାଙ୍ଗଲା ସତ କଥା କହିଦେ। ତୋତେ ଧନ ଅଧିକ ପ୍ରିୟ ନା ଜୀବନ? ସଫା ସଫା ଉତ୍ତର ଦେ।''

ଜାଙ୍ଗଲା ଟିକେ ଚିନ୍ତା କଲା ଏବଂ ତା' ପରେ ନିଜକୁ ସମ୍ଭାଳି ନେଇ ଧୀରେ ଧୀରେ କହିଲା- ''ସାର୍, ମୁଁ ଦୁଇଟିକୁ ଗୁରୁତ୍ୱ ଦିଏ। ଦୁଇଟି ମୋର ସମାନ ମାତ୍ରାରେ ପ୍ରିୟ। ଗୋଟିଏ ନ ଥିଲେ ଆଉ ଗୋଟିଏ ବେକାର।''

''ତୁ ତ ବଡ଼ ନିମକ୍ ହାରାମ୍! ତଥାପି କାହିଁକି କେଜାଣି, ବୋଧହୁଏ ମନେ ପଡୁଛି ଅସାବଧାନ ହୋଇ ସତ କଥା କହିଦେଇଛୁ। ଏବେ ତୋର ଜୀବନ ମୋ ହାତମୁଠାରେ ଅଛି। ତୁ କୌଣସି ପ୍ରକାରେ ଧୋକ୍କା ନ ଦେଇ ଗୋଳଭରା ପହଂଚାଇ ଦେ। ତୋତେ କିଛି ଧନ ମଧ୍ୟ ଦେବି, ବୁଝିଲୁ।'' ଶିଖି ବୁଝାଇଦେଲା।

''ଆଜ୍ଞା, ନିଶ୍ଚୟ, ସାହେବ୍!

କାମାକ୍ଷାପୁରରେ ମୋତେ ପୂଜାରୀ ବହୁତ ଧନର ଲୋଭ ଦେଖାଇ ଭୁଲ୍ ବାଟରେ ନେଇଯାଇଥିଲା। ମୁଁ ବିବଶ ହୋଇ କୁପଥରେ ଅଗ୍ରସର ହୋଇଥିଲି। ମୋ ଉପରେ ବିଶ୍ୱାସ କରନ୍ତୁ, ମୁଁ ସତ କହୁଛି ଏପରି ହୀନ କାର୍ଯ୍ୟ କରିବି ନାହିଁ। ବର୍ତ୍ତମାନଠାରୁ ମୁଁ ଆପଣଙ୍କୁ ଧୋକ୍କା ଦେବି ନାହିଁ।'' ଜାଙ୍ଗଲା ହାତ ଯୋଡ଼ି ବିନତି କରି କହିଲା।

ଶିଖିମୁଖ ମୁଣ୍ଡ ହଲାଇ ଜାଙ୍ଗଲାକୁ ଆଗେ ଆଗେ ଚାଲିବାକୁ କହିଲା। ସେତିକିବେଳେ ବିକ୍ରମକେଶରୀଙ୍କ ପାଖରେ ରାତିରେ ରହିଥିବା ଗଛମୂଳରେ ଯାଇ ପହଂଚିଲେ। ସେତେବେଳେ ଅଜିତ୍ ଏବଂ ବୀରଭଦ୍ର ନାଲି କୁକୁର ସହିତ ଖେଳୁଥିଲେ। ଶିଖିମୁଖକୁ ଦେଖି ନାଲି କୁକୁର ଡିଆଁକୁଦା କରି ତା' ପାଖକୁ ଧାଇଁ ଆସିଲା।

ଶିଖିମୁଖ ନାଲି କୁକୁରକୁ ଆଉଁସି ଦେଉ ଦେଉ କହିଲା- ''ନିଶା ଔଷଧର ପ୍ରଭାବରୁ ଏବେ ହୋସ୍‌କୁ ଫେରିଛୁ। ଦେଖ୍ ଏହି ଲୋକଟି ତୋତେ ଔଷଧ ଖୁଆଇଛି। ଏହା ଉପରେ ନଜର ରଖିବୁ। ଯଦି ଏ ପଳାଇ ଯିବାକୁ ଉଦ୍ୟମ କରିବ ତେବେ ମୋତେ ଖବର ଦେବା ଦରକାର ନାହିଁ ପ୍ରଥମେ ତା'ର ବେକ କାଟି ରକ୍ତ ପିଇଦେବୁ।'' ଜାଙ୍ଗଲାକୁ ଆଙ୍ଗୁଠି ଦେଖାଇ ଶିଖି ଏ କଥା କହିଲା।

ନାଲି କୁକୁର ଭୁକିବାକୁ ଆରମ୍ଭ କଲା। ଜାଙ୍ଗଲାର ମୁହଁ ଶେତା ପଡ଼ିଗଲା- ''ବର୍ତ୍ତମାନ ମୁଁ ଆପଣଙ୍କ ପ୍ରଭୁ ଭକ୍ତ ସେବକ,

ସରକାର। ମୋର ଜୀବନ ରକ୍ଷା କରନ୍ତୁ। ଆପଣଙ୍କ ପାଦ ତଳେ ପଡୁଛି।'' ଜାଂଗଲା କହିଲା।

''ଏ କଥା ତୁମକୁ ପ୍ରଥମେ ପ୍ରମାଣ କରିବାକୁ ହେବ। ବର୍ତ୍ତମାନ ତୁମ ହାତରେ ଦଉଡି ବାନ୍ଧି ମୁଁ ଖଚରକୁ ସେହି ଦଉଡିର ବାନ୍ଧି ଦେଉଛି। ତୁ ଦୌଡି ଯାଇପାରିବୁ ନାହିଁ।'' ଶିଖି କହିଲା।

ତା' ପରେ ସମସ୍ତେ ମିଶି ଖଚର ପିଠିରେ ଜିନିଷପତ୍ର ବାନ୍ଧିଦେଲେ। ଅଜିତ୍ ଜାଙ୍ଗଲାର ହାତକୁ ପଛପଟକୁ ନେଇ ଦଉଡିରେ ବାନ୍ଧି ଗଣ୍ଠି ପକାଇଦେଲା। ଶିଖିମୁଖର ଆଦେଶ ପାଇଁ ଆଗକୁ ଯିବା ପାଇଁ ଜାଙ୍ଗଲା ବାଟ ଦେଖାଇଲା।

ଦିପ୍ରହର ବେଳକୁ ଜଙ୍ଗଲରେ ଚାଲି ଚାଲି

ଘାଟିରେ ବହିଯାଉଥିବା ଏକ ନଦୀ ନିକଟରେ ପହଂଚିଲେ। ଏହି ନଦୀଟି ବୋଧହୁଏ ହିମାଳୟରେ ବୋହିଯାଉଥିବା କୌଣସି ବଡ଼ ନଦୀର ଉପନଦୀ ହୋଇପାରେ। ନଦୀରେ ଯେଉଁଠାରେ ବଡ଼ ବଡ଼ ପଥର ବା ଛୋଟ ଛୋଟ ଟାପୁ ଦିଶୁଥିଲା ସବୁଆଡ଼େ କୂଳସାରା ଶହ ଶହ ସଂଖ୍ୟକ କୁମ୍ଭୀର ଦେଖାଯାଉଥିଲେ।

ଶିଖିମୁଖ ଆମକୁ ବୋଧହୁଏ ଏହି କୁମ୍ଭୀରମାନଙ୍କ ପରି ନଦୀ ପାର୍ କରିବାକୁ ହେବ। ନଦୀର ଧାରା କ୍ଷୀପ୍ର। କିନ୍ତୁ ପ୍ରସ୍ଥ ଶହେ ଗଜରୁ ଅଧିକ ହେବ ନାହିଁ। ତଥାପି ଏହି କୁମ୍ଭୀରମାନଙ୍କଠାରୁ ରକ୍ଷା ପାଇବା କଠିନ କାର୍ଯ୍ୟ ହେବ।''

ଆଗେ ଆଗେ ଚାଲିଥିବା ଜାଙ୍ଗଲା ନିକଟରେ ପହଂଚି ବିକ୍ରମ ପଚାରିଲା– ''ଜାଙ୍ଗଲା, ଆମକୁ ଏହି କୁମ୍ଭୀରଭରା ନଈକୁ କାହିଁକି ଆଣିଛୁ। ସତ କରି କହ ଗୋଳଭରା ଏଠାରୁ କେତେ ଦୂର?''

ଜାଙ୍ଗଲା ଥରି ଥରି କହିଲା– ''ଏହି ନଦୀ କୂଳେ କୂଳେ ଚାଲି ଚାଲି ଗଲେ ଚାରି ପାଞ୍ଚ କୋଶ ଗଲେ ଆମକୁ ଏକ ପାହାଡ଼ ଅତିକ୍ରମ କରିବାକୁ ହେବ, ସେଠାରୁ ପଛକୁ ଫେରି ଗୋଟିଏ କୋଶ ଗଲେ ଆମେ ଗୋଳଭରାରେ ପହଂଚିପାରିବା। ଯଦି ଏପରି ନ କରି ଆମେ ଏ ନଦୀକୁ ପାର କରିଦେବା, ତେବେ ଗୋଳଭରା ଦୁଇ କୋଶ ହେବ।''

''ତୁମ ହିସାବ ଭାରି ଗୋଳମାଳିଆ ମନେ ହେଉଛି। ନଦୀରେ ଏତେ କୁମ୍ଭୀର



ଜୀବନ ଚାଲିଯିବାର ଆଶଙ୍କା ଅଛି, ନଦୀ କିପରି ପାର୍ କରିବା?'' ବିକ୍ରମ ପଚାରିଲା।

''ଗଛର ଡାଳ କାଟି ନୌକା କରି ଆମେ ଏ ନଦୀ ପାର୍ କରିପାରିବା।'' ଜାଙ୍ଗଲା ଉପାୟ ବତାଇଲା। ଏତିକିବେଳେ ଶିଖିମୁଖ ସେଠାରେ ଆସି ପହଂଚିଲା। ବିକ୍ରମ ଜାଙ୍ଗଲା କହିଥିବା କଥା କହି ଶିଖିମୁଖକୁ କଣ କରିବା ନିଷ୍ପତ୍ତି ନେବା ପାଇଁ କହିଲା।

ଏଥିରେ ଚିନ୍ତା କରିବାର କଣ ଅଛି। ପ୍ରଥମେ ଆମେ ଜାଣି ନେବା ଉଚିତ୍ ଯେ ଜାଙ୍ଗଲା ଆମକୁ ଗୋଳଭରା ଗାଁକୁ ନେଉଛି ନା ପୂଜାରୀର ଜାଲରେ ପକାଇବାକୁ ଯାଉଛି? ପ୍ରଥମେ ଆମେ ଖାଦ୍ୟ ଖାଇ ନେବା ତା' ପରେ କଣ କରିବା ଚିନ୍ତା କରିବା?'' ଶିଖିମୁଖ କହିଲା।

ଖଚର ପିଠି ଜିନିଷପତ୍ର ଉଠାଇ ଆଣି ଅଜିତ୍ ଏବଂ ବୀରଭଦ୍ର ରୋଷେଇ କାର୍ଯ୍ୟ ଆରମ୍ଭ କରିଦେଲେ। ଶିଖିମୁଖ ଜାଙ୍ଗଲାର ବନ୍ଧନ ଖୋଲି ଦେଇ ତାକୁ ସାବଧାନ କରି କହିଲା ଯେ ପଳାଇ ଯିବାକୁ ଚେଷ୍ଟା କଲେ ତୋତେ ହତ୍ୟା କରିବୁ। ଏତିକି ବେଳେ ବିକ୍ରମ ଏକ ଉଚ୍ଚ ଗଛ ଉପରେ ଚଢ଼ି ଚାରିପଟେ ଆଖି ବୁଲାଇ ଆଣିଲେ। ସେହି ନଦୀ କୂଳରେ ଦୁଇ ତିନି କୋଷ ଦୂରରେ ଗୋଟିଏ ପାହାଡ଼ ନିକଟରୁ ଧୂଆଁ ଉଠୁଥିବାର ଦେଖାଗଲା।

ବିକ୍ରମ ଗଛରୁ ଓହ୍ଲାଇ ଆସିଲା। ଶିଖିକୁ ଏହି ଖବର ଶୁଣାଇ କହିଲା- ''ବୋଧହୁଏ ସେଠାରେ କୌଣସି ଗ୍ରାମ ରହିଛି। ଏହା ଗୋଳଭରା ହୋଇପାରେ।''

''ହୋଇପାରେ ? ଖାଇବା ପରେ ଜାଙ୍ଗଲାକୁ ଗଛ ଉପରେ ଚଢ଼ାଇ ତା'ଠାରୁ ଜାଣିନେବା ଯେ ଧୂଆଁ କେଉଁଠାରୁ ଆସୁଛି। ବୋଧହୁଏ ସିଦ୍ଧିଲାଲୟମ୍‌ର ପୂଜାରୀ ଆମ ବାଟରେ କେଉଁଠି ଅପେକ୍ଷା କରି ରହିଛି। ଆମକୁ ବହୁତ ସତର୍କ ରହିବାକୁ ହେବ।'' ଶିଖିମୁଖ କହିଲା।

ତା' ପରେ ସେମାନେ ସବୁଠାରୁ ବଡ଼ ବୃକ୍ଷର ଛାୟାରେ ବସି ଖାଦ୍ୟ ଖାଇଲେ। ନଦୀର ପାଣି ଆଣିବା ପାଇଁ ଅଜିତ୍ ଏବଂ ବୀରଭଦ୍ର ଚାଲିଗଲେ। କୁମ୍ଭୀରମାନଙ୍କୁ ଡରାଇ, ଧମକାଇ, ଭୟଭୀତ କରାଇ କୌଣସି ମତେ ପାଣି ଭରିଲେ। ସେମାନେ ନଦୀରେ ପାଦ ରଖିବା ମାତ୍ରେ କୁମ୍ଭୀର ଦଳ ବାନ୍ଧି ସେମାନଙ୍କ ଉପରେ ଆକ୍ରମଣ କଲେ।

''ବିକ୍ରମ ସାହେବ୍! ଏ ନଦୀକୁ ପାର୍ କରିବା ପାଇଁ ଉଦ୍ୟମ କରିବା ବିପଦଜନକ। ନଦୀ କୂଳେ କୂଳେ ଚାଲି ଚାଲି ଜାଙ୍ଗଲାର କହିବା ଅନୁସାରେ ଗୋଳଭରା ପହଂଚିବା ଉଚିତ୍ ହେବ।'' ଅଜିତ୍ କହିଲା।

''ମୁଁ ମଧ୍ୟ ଏହା ହିଁ ଚିନ୍ତା କରୁଛି। କିନ୍ତୁ ଏହି ଦଗାବାଜ୍ କେତେ ସତ ତାହା ଜାଣିନେବା ଉଚିତ୍।'' ବିକ୍ରମକେଶରୀ କହିଲେ। ଶିଖିମୁଖ ଜାଙ୍ଗଲାକୁ ପାଖକୁ ଡାକି କହିଲା- ''ତୁମେ ପାଖରେ ଥିବା ଗୋଟିଏ ବଡ଼ ଗଛ ଉପରେ ଚଢ଼ି ଦେଖ ଚାରିପଟେ କେଉଁଟି ପୂଜାରୀର ଦଳ ବା ଗ୍ରାମ ନାହିଁ ତ?''

ଭାଲୁ ପରି ଜାଙ୍ଗଲା ତୁରନ୍ତ ଗଛରେ ଚଢ଼ି ବସିଗଲା। ଚାରିଆଡେ ଦୃଷ୍ଟି ବୁଲାଇ ଆଣି

ହସିଦେଲା। ତା' ହସିବା ଶିଖିମୁଖ ଇତ୍ୟାଦି ଦେଖିପାରିଲେ ନାହିଁ।

ଜାଙ୍ଗଲା ଶିଖିମୁଖ ପାଖକୁ ଆସି କହିଲା– ''ସାହେବ୍, ବହୁତ ଦୂରରେ ପାହାଡ଼ ପାଖରେ ଗୋଲଭରା ଗାଁ। ଟିକେ ଦେଖାଯାଉଛି। ଗାଁର ଚାରିପଟେ ଜଙ୍ଗଲ ବ୍ୟାପି ଯାଇଛି। ତେଣୁ ନୂଆ ଲୋକଙ୍କୁ ସେଥିରେ ଚିହ୍ନିବା କଷ୍ଟକର। ଆମେ ଯାତ୍ରା ଆରମ୍ଭ କରିବା କି?'' ଜାଙ୍ଗଲା ପଚାରିଲା।

''ଏବେ ନୁହେଁ, ଖରା କମିଯାଉ। ତୁମର ବନ୍ଧୁ ବା ପୂଜାରୀର ଦଳ ସେପଟେ ଦେଖାଗଲେ ନାହିଁ ତ?'' ଶିଖିମୁଖ ପଚାରିଲା।

ଏ କଥା ଶୁଣିବା ମାତ୍ରେ ଜାଙ୍ଗଲାର ମୁହଁ ଶ୍ୱେତା ପଡ଼ିଗଲା ଏବଂ ସେ ଥରି ଥରି କହିଲା– ''ସରକାର୍, କଣ ମୋ ଉପରେ ଏବେ ବି ବିଶ୍ୱାସ ହେଉ ନାହିଁ। ଏ ବଦମାସ୍ ମୋ ଦୃଷ୍ଟିରେ ପଡ଼ିଲେ ମୁଁ ତାକୁ ଜୀବନରେ ଛାଡ଼ିବିନି।''

''ଏ କଥା ତ ପ୍ରମାଣ ହେବାର ଅଛି। କିନ୍ତୁ ଯଦି ତୁ ଧୋକ୍କା ଦେବାକୁ ସାହସ କରିବୁ ତେବେ ମୁଁ ତୋତେ ନିଶ୍ଚୟ ହତ୍ୟା କରିବି। ମନେ ରଖ!'' ଶିଖିମୁଖ ଧମକ୍ ଦେଲା।

ଜାଙ୍ଗଲା ଦୁଇ ହାତ ଉଠାଇ ଶିଖିମୁଖକୁ ନମସ୍କାର କରି କିଛି କହିବାକୁ ଯାଉଥିଲା ଏତିକି ବେଳେ ଗୋଟିଏ ଖଚର ନଦୀ କୂଳରୁ ଦୌଡୁ ଥିବାର ଦେଖାଗଲା। ସେ ଗଛ ଚାରିପଟେ ବୁଲୁଥିଲା। ଶିଖିମୁଖ, ଅଜିତ୍ ଏବଂ ବୀରଭଦ୍ରକୁ ଆଦେଶ ଦେବା ପୂର୍ବରୁ ଜାଙ୍ଗଲା ଗୋଟିଏ ଲାଠି ନେଇ 'ହେ ହେ ହେ' ପାଟି କରି ଖଚର ଆଡ଼କୁ ବିଜୁଳି ବେଗରେ ଧାଇଁଗଲା। ବିକ୍ରମକେଶରୀ ତୁରନ୍ତ

ଧନୁଶରରେ ତୀର ଲଗାଇ ଜାଙ୍ଗଲାକୁ ଲକ୍ଷ୍ୟ କଲେ। ଯଦି ଜଂଗଲ ଭିତରକୁ ଦୌଡିବ ତେବେ ତାକୁ ବାଣ ଚଳାଇବେ। ଏତିକି ବେଳେ ଅଜିତ୍ ଏବଂ ବୀରଭଦ୍ର ମଧ୍ୟ ତଲୱାର ନେଇ ଦୌଡିଗଲେ।

ଜାଙ୍ଗଲା ଦୌଡି ଦୌଡି ନଦୀ କୂଳରେ ଥିବା ଗୋଟିଏ ଗଛ ପାଖରେ ପହଂଚି ହଠାତ୍ ଅଟକିଗଲା। ବୁଦା ଉହାଡରୁ ଗୋଟିଏ ଚିତାବାଘ ଗର୍ଜନ ଛାଡିଲା। ସେ ସେତେବେଳେ ଗୋଟିଏ ହରିଣକୁ ମାରି ଖାଉଥିଲା। ଖଚର ଏବଂ ଜାଙ୍ଗଲାର ଶବ୍ଦ ଶୁଣି ସେ କ୍ଷୁବ୍ଧ ହୋଇଯାଇଥିଲା।

ଚିତାବାଘ ବୁଦା ଉହାଡରୁ ମୁହଁ କାଢ଼ି ବାହାରି ଆସିଲା। ମାତ୍ର ଗଜେ ଦୂରରେ ଥିବା ଜାଙ୍ଗଲା ପଛକୁ ଫେରିବା ପାଇଁ ଉଦ୍ୟତ ହେଲା। ଚିତାବାଘ ଯେତେବେଳେ ତାକୁ ଚାହିଁଲା ଜାଙ୍ଗଲା ଜୋର୍‌ରେ ଚିତାକୁ ଲାଠିରେ ପ୍ରହାର କଲା। କିନ୍ତୁ ଚିତାର ଶକ୍ତି ସମ୍ମୁଖରେ ତା'ର ଶକ୍ତି ବେକାର ପରିଣତ ହେଲା।

ଚିତାବାଘ ଜାଙ୍ଗଲାର ଗଳା କଣା କରିବାକୁ ଉଦ୍ୟମ କରୁଥିଲା। ଚିତା ଜାଙ୍ଗଲାର ଅଣ୍ଟାକୁ ଚାପି ଧରି ଜୋର୍‌ରେ ହଲାଇ ଦେଲା। ଦୁହେଁ ପରସ୍ପରକୁ ଜାବୁଡି ଧରିଥିଲେ। ତେଣୁ ଏହି ଧକ୍କାରେ ଦୁହେଁ ନଦୀ ପାଣିରେ ପଡ଼ିଗଲେ।

ପାଣିରେ ମଧ୍ୟ ପରସ୍ପରକୁ ଧରି ରଖିଥିଲେ। ଏତିକି ବେଳେ ଦୁହିଁଙ୍କୁ ପାଣି ଭିତରେ ପାଇ କୁମ୍ଭୀରମାନେ ଘେରିଗଲେ। ବିକ୍ରମକେଶରୀ ଜାଙ୍ଗଲାକୁ ବଞ୍ଚାଇବା ପାଇଁ ତୀର ପରେ ତୀର ବିଜୁଳି ବେଗରେ ଛାଡ଼ି ଚାଲିଲେ।

ଚିତାବାଘ ଏବଂ ଜାଙ୍ଗଲା ପରସ୍ପର ସହିତ ନଦୀ ଜଳ ମଧ୍ୟରେ ଲଢୁଥିବା ବେଳେ ନଦୀ କୂଳରେ ଆରପଟୁ ତୀରର ବର୍ଷା ହେଲା। ସେଠାରେ ବୋଧହୁଏ କେହି ଲୁଚି ରହି ଜାଙ୍ଗଲାକୁ ବଞ୍ଚାଇବା ପାଇଁ ଚିତାବାଘ ଉପରେ ତୀର ବର୍ଷା କରୁଥିଲା।

(କ୍ରମଶଃ)



ସଚ୍ଚା ସନ୍ନ୍ୟାସୀ

ଗୋଟିଏ ଦେଶର ରାଜା ଥରେ ସାଂଘାତିକ ରୋଗରେ ପଡ଼ିଲେ, ସେ ପ୍ରତିଜ୍ଞା କଲେ ଯେ ଯଦି ତାଙ୍କର ରୋଗ ଭଲ ହୋଇଯିବ ତେବେ ସେ ନଗରର ସନ୍ନ୍ୟାସୀମାନଙ୍କୁ ଗୋଟିଏ ଗୋଟିଏ ସୁନା ମୋହର ଦେବେ। କିଛି ଦିନ ପରେ ତାଙ୍କର ରୋଗ ଭଲ ହୋଇଗଲା, ସେ ସୁସ୍ଥ ହୋଇ ଉଠିଲେ। ସେ ତାଙ୍କର ବିଶ୍ୱାସୀ ଦାସଙ୍କୁ ଡକାଇଲେ ଏବଂ ତାଙ୍କୁ ପାଞ୍ଚ ହଜାର ସୁନା ମୋହର ଦେଇ କହିଲେ, ''ତୁମେ ସହରକୁ ଯାଅ, ଯେଉଁଠାରେ ସନ୍ନ୍ୟାସୀଙ୍କୁ ଦେଖିବ ପ୍ରତ୍ୟେକ ସନ୍ନ୍ୟାସୀଙ୍କୁ ଗୋଟିଏ ଗୋଟିଏ ସୁନା ମୋହର ବାଣ୍ଟି ଦେବ। ମୋର ମାନସିକ ପୂର୍ଣ୍ଣ ହେବ।''

ସେବକ ଜଣକ ସଞ୍ଜ ସାରା ନଗରରେ ଘୂରି ବୁଲିଲେ। ରାଜାଙ୍କ ପାଖକୁ ଆସି ମୋହରର ଥାଳି ସମ୍ମୁଖରେ ରଖି କହିଲେ, ''ସାରା ସହର ଖୋଜିଲି, କିନ୍ତୁ କେଉଁଠି ଗୋଟିଏ ହେଲେ ସନ୍ନ୍ୟାସୀ ମିଳିଲେ ନାହିଁ।''

ଦାସର କଥା ଶୁଣି ରାଜାଙ୍କର କ୍ରୋଧ ବଢ଼ିଗଲା। ସେ କହିଲେ- ''ଏତେ ବଡ଼ ସହରରେ ତୋତେ କହି ସନ୍ନ୍ୟାସୀ ଦିଶିଲେ ନାହିଁ? ମୁଁ ଶୁଣିଛି ଯେ ସହରରେ ଚାରି ପାଞ୍ଚ ହଜାର ସନ୍ନ୍ୟାସୀ ଅଛନ୍ତି। ପ୍ରତି ଗଳି ଗଳିରେ ସନ୍ନ୍ୟାସୀ ବାସ କରୁଛନ୍ତି।''

ଦାସଟି ବିନୟପୂର୍ବକ କହିଲା- ''କ୍ଷମା କରନ୍ତୁ, ମଣିମା। ସନ୍ନ୍ୟାସୀ ଟଙ୍କା ଗ୍ରହଣ କରିବା ଅନୁଚିତ୍। ଯେଉଁ ସନ୍ନ୍ୟାସୀ ଟଙ୍କା ପଇସା ଗ୍ରହଣ କରନ୍ତି ସେ ପ୍ରକୃତରେ ସନ୍ନ୍ୟାସୀ ହୋଇନଥାନ୍ତି।''



ପାପ କାହାର?

ବହୁ ବର୍ଷ ତଳେ କୌଶିକ୍ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ। ସେ ବହୁତ ଉତ୍ତମ ପ୍ରକୃତିର ବ୍ୟକ୍ତି ଥିଲେ। ସେ ସଦାସର୍ବଦା ପରମାତ୍ମାଙ୍କ ଭକ୍ତିରେ ବୁଡ଼ି ରହୁଥିଲେ।

ଦିନେ କୌଶିକ୍ କୌଣସି ପଣ୍ଡିତଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ ଦେଲା। ପଣ୍ଡିତ ମହାଶୟ ଆସିବା ପାଇଁ ରାଜି ହୋଇଗଲେ। କୌଶିକ୍ ତା' ଘରେ କ୍ଷୀର ଦେଉଥିବା ଗଉଡୁଣୀକୁ ଡାକି କହିଲା– ''ଯଦି ତୁ କାଲି ଭଲ ଭାବରେ ଜମିଥିବା ଦହି ଆଣି ଦେବୁ ତେବେ ଅଧିକ ପଇସା ଦେବି।''

ପରଦିନ ସକାଳୁ ଭଲ ଦହି ଧରି ହାଣ୍ଡିକୁ ମୁଣ୍ଡରେ ମୁଣ୍ଡାଇ ସେ ବ୍ରାହ୍ମଣ ଘର ଆଡ଼କୁ ଚାଲିଲା। କେତେବେଳେ ସେ ଶୀଘ୍ର ଶ୍ରୀଘ୍ର ବ୍ରାହ୍ମଣ ଘରକୁ ଡଗ ଡଗ ହୋଇ ଚାଲିଯାଉଥିଲା, ଝୁଡି ଉପରେ ଘୋଡ଼ା ଯାଇଥିବା କପଡ଼ା ପବନ କାରଣରୁ ଟିକିଏ ହଟିଗଲା।

ଏତିକି ବେଳେ ଛଞ୍ଚାଣଟିଏ ପଞ୍ଝାରେ ସାପଟିଏ ଧରି ଆକାଶରେ ଉଡିଯାଉଥିଲା। ଛଞ୍ଚାଣର ପଞ୍ଝା ଭିତରେ ଛଟପଟ ହୋଇ ସାପ ବିଷ ଉଦ୍‌ଗାରିଲା। ସେହି ବିଷ ସିଧା ଗଉଡୁଣୀ ମୁଣ୍ଡରେ ଥିବା ଝୁଡି ଭିତରେ ଥିବା ଦହିରେ ପଡ଼ିଲା।

ଗଉଡୁଣୀ କୌଶିକ୍ ଘରକୁ ଗଲା ତାକୁ ଦହି ହାଣ୍ଡି ଦେଇ ଚାଲିଗଲା। କୌଶିକ୍ ହାଣ୍ଡିକୁ ବଡ଼ ଯତ୍ନରେ ଘର ଭିତରେ ସାଇତି ରଖିଲା।

ଭୋଜନ ସମୟ ଉପନୀତ ହେଲା। ନିମନ୍ତ୍ରିତ ପଣ୍ଡିତ ମଧ୍ୟ ଆସି ପହଂଚିଲେ। ବ୍ୟଞ୍ଜନ ସ୍ୱାଦିଷ୍ଟ ଥିଲା। ପଣ୍ଡିତ ମନ ଆନନ୍ଦରେ ପେଟଭରି ଖାଇଲେ। ଶେଷରେ ହାଣ୍ଡିରେ ଥିବା ଦହିକୁ ମନଆନନ୍ଦରେ ପରଷିଲା।

କିନ୍ତୁ ପଣ୍ଡିତ ମହାଶୟ ଖାଦ୍ୟ ଖାଇବାର

ରବି କିରଣ



ମାତ୍ର କେତେ ସମୟ ପରେ ଛଟପଟ ହୋଇ ମୃତ୍ୟୁବରଣ କଲେ। ତାଙ୍କର ମୃତ୍ୟୁ କାହିଁକି ହେଲା ଏ କଥା କେହି ଜାଣିପାରିଲେ ନାହିଁ। ଅଚାନକ୍ ତାଙ୍କର ମୃତ୍ୟୁ ହେବା କାରଣରୁ କୌଶିକ୍‌ର ମନରେ ବହୁତ ଦୁଃଖ ଜାତ ହେଲା।।

ଭୂଲୋକରେ ପଣ୍ଡିତଙ୍କର ମୃତ୍ୟୁ ହେବା ମାତ୍ରେ ନର୍କରେ ପ୍ରାଣୀମାନଙ୍କର ଜୀବନ ମୃତ୍ୟୁର ହିସାବ ରଖୁଥିବା ଚିତ୍ରଗୁପ୍ତଙ୍କ ସମ୍ମୁଖରେ ନୂଆ ସମସ୍ୟା ସୃଷ୍ଟି ହେଲା।। ପଣ୍ଡିତଙ୍କୁ ହତ୍ୟା କରିବାର ପାପ କାହାକୁ ଲାଗିବ? ଏ ବଡ଼ କଠିନ ସମସ୍ୟା। କିଏ ବା ଏହାର ସମାଧାନ କରିପାରବ।

''ପଣ୍ଡିତଙ୍କୁ ଭୋଜନ ପରଷିବା ବ୍ୟକ୍ତି ଥିଲେ ବ୍ରାହ୍ମଣ, ତେଣୁ ସବୁ ପାପ ତାଙ୍କର''- ସେ ଚିନ୍ତା କଲେ। କିନ୍ତୁ ତାଙ୍କର ନିଷ୍ପତ୍ତି ଏକଦମ୍ ବଦଳିଗଲା।।'' ଯେତେବେଳେ ସେ ପଣ୍ଡିତଙ୍କୁ ଖାଇବାକୁ ଦେବା ପାଇଁ ଭଲ ଦହି ବରାଦ ଦେଇଥିଲେ। ଗଉଡୁଣୀଙ୍କୁ ସେଥିପାଇଁ ଅଧିକ ଦି ପଇସା ମଧ୍ୟ ଆନନ୍ଦରେ ଦେଇଥିଲେ। ସେତେବେଳେ ସେ ବା କେମିତି ଜାଣିଥାନ୍ତେ ଯେ ଦହି ହାଣ୍ଡିରେ ବିଷ ଅଛି? ଯଦି ସେ ଜାଣିଥାନ୍ତା କେବେ ବି ପଣ୍ଡିତଙ୍କୁ ତାହା ଖାଇବାକୁ ଦେଇ ନଥାନ୍ତା। ବ୍ରାହ୍ମଣ ସତରେ ନିର୍ଦ୍ଦୋଷ। ତାଙ୍କୁ ପାପ ଲାଗିବ ନାହିଁ।'' ସେ ଏହା ନିଷ୍ପତ୍ତି ନେଲେ।

''ତେବେ କଣ ଏଥିପାଇଁ ଦହି ବିକ୍ରି କରିଥିବା ଗଉଡୁଣୀ ଦାୟୀ? ସିଏ ବା କେମିତି ଜାଣିଥାନ୍ତା ଯେ ପବନରେ ଝୁଡି ଉପରୁ କନା ଉଡିଯିବ ଏବଂ ସାପର ବିଷର ଦହି ହାଣ୍ଡିରେ ପଡ଼ିବ? ତେଣୁ ଗଉଡୁଣୀଙ୍କୁ କୌଣସି ପାପ ଲାଗିବା ଉଚିତ୍ ନୁହେଁ।'' ଚିତ୍ରଗୁପ୍ତ ନିଶ୍ଚୟ କଲେ।

ତେବେ ପବନ କାରଣରୁ ଦହି ହାଣ୍ଡିରୁ କନା ଉଡିଗଲା ତେଣୁ ସାପର ବିଷ ଦହି ହାଣ୍ଡିରେ ପଡ଼ିଲା। ସେହି ଦହି ଖାଇ ପଣ୍ଡିତ ମୃତ୍ୟୁବରଣ କଲେ। ତେଣୁ ଦହି ହାଣ୍ଡିରୁ କନା ଉଡାଇ ନେଇଥିବା ବାୟୁ ଦେବତା କଣ ଏଥିପାଇଁ ଦାୟୀ? ପ୍ରଶ୍ନ ଉଠିଲା। ''କିନ୍ତୁ ଯଦି ବାୟୁ ପ୍ରବାହିତ ହେବ ନାହିଁ ତେବେ ଲୋକେ କିପରି ଜୀବନ ଧାରଣ କରିବେ? ବହିବା ବାୟୁର ଗୁଣ। ଏଥିରେ ବାୟୁ ଦେବତାଙ୍କର କୌଣସି ଦୋଷ ନାହିଁ।'' ଚିତ୍ରଗୁପ୍ତ ଚିନ୍ତା କଲେ।

''ତେବେ କଣ ଏ ସବୁ ଦୋଷ ବିଷ ଢ଼ାଳିଥିବା ସାପର? ଏହା ତ ଠିକ୍ ନୁହେଁ।



ଛଞ୍ଚାଣ ପଞ୍ଝାରେ ରହି ସାପ ମୃତ୍ୟୁବରଣ କରିବା ସମୟରେ, କଷ୍ଟ ସହି ନ ପାରି ବିଷ ବାନ୍ତି କରିଥିଲା। ସେ ବିଷ କେଉଁଠାରେ ପଡ଼ିବ, ସେ କଥା ସେ କେମିତି ଜାଣନ୍ତା? ସାପ କଣ ସ୍ୱପ୍ନରେ ନିର୍ଦ୍ଦେଶ ପାଇଥିଲା ଯେ ସେ ବାନ୍ତି କଲେ ସେ ବିଷ ଦହି ଉପରେ ପଡ଼ିବ? ତେଣୁ ସାପକୁ ଦୋଷ ଦେବା ଅନୁଚିତ୍ ମନେ ହେଉଛି।

ଏବେ ବାକି ରହିଲା ଛଞ୍ଚାଣ। ଛଞ୍ଚାଣର ଆହାର ହେଉଛି ସାପ। ତେଣୁ ସେ କୌଣସି ପ୍ରକାରେ ନିଜର କ୍ଷୁଧା ଦୂର କରିବା ପାଇଁ ସାପକୁ ଧରିଥିଲା। ଏହି ଘଟଣା ସହିତ ତା'ର ବା ସମ୍ବନ୍ଧ କଣ? ସେ ତ' ସାପକୁ ଦହି ହାଣ୍ଡିରେ ବିଷ ବାନ୍ତି କରିବା ପାଇଁ ବାଧ୍ୟ କରି ନ ଥିଲା। ତେଣୁ ଛଞ୍ଚାଣ ଅପରାଧୀ ନୁହେଁ।

ଯେ ପରି ବି ଚିନ୍ତା କଲେ, ସେମାନଙ୍କ ମଧ୍ୟରୁ କାହାକୁ ବି ଦୋଷୀ ଭାବରେ ବିଚାର କରିବାର କୌଣସି କାରଣ ନାହିଁ। ଚିତ୍ରଗୁପ୍ତ ବହୁ ସମୟ ପର୍ଯ୍ୟନ୍ତ ବିଭିନ୍ନ ଦିଗରୁ ତର୍ଜମା କଲେ। କିନ୍ତୁ କୌଣସି ପ୍ରକାରେ ନିଷ୍ପତ୍ତି ନେଇପାରିଲେ ନାହିଁ। ସେ ଯମରାଜାଙ୍କ ପାଖକୁ ପରାମର୍ଶ ନେବା ପାଇଁ ଗଲେ। ଯମରାଜ ମଧ୍ୟ କିଛି ନିଷ୍ପତ୍ତି ନେଇପାରିଲେ ନାହିଁ। ବଡ଼ ଚିନ୍ତାରେ ପଡ଼ିଲେ। ସେ ସେଠାରେ ଉପସ୍ଥିତ ଧର୍ମ ଦେବତାମାନଙ୍କୁ ପଚାରିଲେ। ସେମାନେ ମଧ୍ୟ ନ୍ୟାୟ କରିପାରିଲେ ନାହିଁ।

ଯମରାଜ ଶେଷରେ କୌଣସି ଉପାୟ ନ ପାଇ ପ୍ରଭୁ ବିଷ୍ଣୁଙ୍କ ପାଖକୁ ଯାଇ ଅନୁରୋଧ କଲେ। ବିଷ୍ଣୁ ମଧ୍ୟ ଗୋଲକ ଧନ୍ଦାରେ ପଡ଼ିଲେ। ସେ ଦରବାର ଡକାଇଲେ, କିନ୍ତୁ କୌଣସି ନିଷ୍ପତ୍ତି ନେଇପାରିଲେ ନାହିଁ। ଏତିକି ବେଳେ ଯମରାଜ ଚିତ୍ରଗୁପ୍ତଙ୍କୁ କହିଲେ- ''ଏ ସମସ୍ୟା ଏପରି ସମାଧାନ ହୋଇପାରିବ ନାହିଁ। ଯେତେବେଳେ ଭଲ ଭାବରେ ଜଣାପଡ଼ିବ ନାହିଁ ଯେ ଦୋଷୀ କିଏ ସେତେବେଳେ ପର୍ଯ୍ୟନ୍ତ କାହାକୁ ଦୋଷୀ ଭାବରେ ଲେଖିବା ନ୍ୟାୟଚିତ ହେବ ନାହିଁ, ତେଣୁ କାହାକୁ ଦୋଷୀ ଭାବରେ ଲେଖନ୍ତୁ ନାହିଁ!''

ଏହା କହି ଯମରାଜ ତାଙ୍କ ଦୂତମାନଙ୍କୁ ଭୂଲୋକକୁ ପଠାଇଲେ। ଦିନେ ଦୁଇ ଜଣ ବ୍ରାହ୍ମଣ ଗୋଟିଏ ଗଛ ତଳେ ଆରାମ୍ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପକ୍ଷୀଙ୍କର ଭାଷା ଆସୁଥିଲା। ଗଛ ଉପରେ

ବସିଥିବା ଦୁଇଟି ପକ୍ଷୀ, ଛଅଶାଣ ମୁଖରୁ ଶୁଣିଥିବା ଘଟଣା, କୌଶିକ୍ ଦେଇଥିବା ବ୍ରାହ୍ମଣ ଭୋଜନ, ପଣ୍ଡିତଙ୍କର ମୃତ୍ୟୁ ଏବଂ ମୃତ୍ୟୁ କାରଣରୁ ଯମଙ୍କର ଚିନ୍ତା ବିଷୟରେ ସେମାନେ କଥାବାର୍ତ୍ତା ହେଉଥିଲେ।

ଏ କଥା ଶୁଣି ସେହି ବ୍ରାହ୍ମଣ ଆଉ ଜଣେ ବ୍ରାହ୍ମଣଙ୍କୁ କହିଲା- ''ଆରେ ଏଥିରେ ଏମିତି ବଡ଼ କଥା ଅଛି? ଯଦି ମୋତେ ପଚାରିବ, ମୁଁ ତୁରନ୍ତ ନିଷ୍ପତ୍ତି ନେବି ଯେ ସବୁ ଦୋଷ କୌଶିକ୍‌ର। ଘରେ ଥିବା ଖାଦ୍ୟକୁ ନିଜେ ନ ପରଖି ଅତିଥିଙ୍କୁ ପରଷିବା କାରଣରୁ ପଣ୍ଡିତଙ୍କର ମୃତ୍ୟୁ ହୋଇଛି। ଏ ପାପ କୌଶିକ୍‌ଙ୍କୁ ହିଁ ଲାଗିବ।''

ଏତିକି ବେଳେ ଭୂମି ଉପରେ ଅବତରଣ କରୁଥିବା ଯମଦୂତମାନେ ବ୍ରାହ୍ମଣଙ୍କ କଥା ଶୁଣିଲେ। ସେମାନେ ବ୍ରାହ୍ମଣଙ୍କୁ ଯମଙ୍କ ସମ୍ମୁଖକୁ ଟାଣି ଟାଣି ନେଇଗଲେ। 'ତେବେ ଏ କଥା ତୁ ହିଁ କହିଛୁ ନା କଣ?' ଯମ ବ୍ରାହ୍ମଣଙ୍କୁ ପଚାରିଲେ। 'ମୁଁ ହିଁ କହିଛି!' ବ୍ରାହ୍ମଣ ନିର୍ଭୟରେ ଉତ୍ତର ଦେଲେ।

ଏତିକି ବେଳେ ଯମରାଜ ଦହି ହାଣ୍ଡି ମଗାଇଲେ ସେଥିରେ ସେ ଗୋଟିକରେ ବିଷ ପକାଇଲେ ଓ ଅନ୍ୟଟିକୁ ସେହିପରି ବ୍ରାହ୍ମଣ ସମ୍ମୁଖରେ ରଖିଦେଲେ। 'ବ୍ରାହ୍ମଣ! ଏବେ ମୋତେ କହ ଏ ଦୁଇ ଦହି ହାଣ୍ଡି ମଧ୍ୟରୁ କେଉଁଟିରେ ବିଷ ମିଶାଯାଇଛି କହ?'' ଯମରାଜା ପଚାରିଲେ।

ବ୍ରାହ୍ମଣ ଶରୀରରୁ ଯେମିତି ରକ୍ତଶୂନ୍ୟ ହୋଇଗଲା। ଦହିକୁ ନ ଚାଖି ସେ କିପରି କହିବ ଯେ କେଉଁଥିରେ ବିଷ ଅଛି। ଯଦି ସେ ବିଷକୁ ସେ ଚାଖିଦେବେ ତେବେ ସେ ତୁରନ୍ତ ମରିଯିବ।

ଏତିକି ବେଳେ ଯମରାଜ କ୍ରୋଧିତ ହୋଇ କହିଲେ- 'ବ୍ରାହ୍ମଣ! ଯେତେବେଳେ ତୁମେ ନିଜେ ଜାଣ ନାହିଁ, ସେତେବେଳେ ଅନ୍ୟମାନଙ୍କୁ ଦୋଷ ଦେବା ଅନୁଚିତ୍। ତେଣୁ ପଣ୍ଡିତଙ୍କୁ ହତ୍ୟା କରିଥିବା ପାପ ତୋତେ ହିଁ ମିଳିବ!' ଯମରାଜ ଏହା କହି ତାହାର ହିସାବରେ ବ୍ରାହ୍ମଣ ହତ୍ୟା ଅପରାଧ ଯୋଡ଼ିବାକୁ କହିଲେ। କାହାର ପାପ କାହାକୁ ଲାଗିଲା।



କଳାଧନ

ସୋମେଶ୍ୱର ରାଜ୍ୟରେ ମାଣିକ ବର୍ମା ନାମକ ଜଣେ ରାଜା ରାଜୁତି କରୁଥିଲେ। ରାଜକାର୍ଯ୍ୟରେ ତାଙ୍କର ପ୍ରଧାନମନ୍ତ୍ରୀ ଅଖଣ୍ଡନାଥ ସାହାଯ୍ୟ କରୁଥିଲେ।

ରାଜ୍ୟରେ କାମରାଜୁ ନାମକ ଗୋଟିଏ ଚୋର ଥିଲା। ତା' ଭୟରେ ସୋମେଶ୍ୱର ରାଜ୍ୟର ଲୋକେ ଶାନ୍ତିରେ ଶୋଇପାରୁ ନଥିଲେ। ଲୋକଙ୍କ ମନରେ ସବୁବେଳେ ଭୟ ଲାଗି ରହୁଥିଲା। କିଏ ଜାଣେ କେତେବେଳେ ଚୋର ଆସି ତାଙ୍କ ଘରେ କଳାକନା ବୁଲାଇ ଚାଲିଯିବ। କେତେକ ଧନୀ ଲୋକ, ଯେଉଁମାନଙ୍କୁ ଦିନରେ କାମ କରିବାକୁ ପଡେନାହିଁ ସେମାନେ ରାତିସାରା ଉଜାଗର ରହି ଘରେ ପହରା ଦେଉଥାନ୍ତି ଏବଂ ଦିନରେ ଶୋଉଥାନ୍ତି। ଲୋକେ ମଧ୍ୟ ପାଳି କରି ସାହିସାହିରେ ପହରାଦେବା ଆରମ୍ଭ କଲେ। ଶେଷରେ ଦିନେ ରାତିରେ ରକ୍ଷୀମାନଙ୍କ ହାତରେ ଚୋର ଧରାପଡିଲା ଏବଂ ତାକୁ ସେନାପତିଙ୍କ ପାଖକୁ ଧରି ନିଆଗଲା। ସେ କେଉଁଠାରେ ସମସ୍ତ ଅର୍ଜିତ ଧନ ରଖିଛି ସେ ବିଷୟରେ ପଚରାଗଲା। ସେ ଲୁଚି ରହୁଥିବା ସ୍ଥାନର ଠିକଣା କହିଲା। ରାଜକର୍ମଚାରୀମାନେ ତାକୁ ସାଙ୍ଗରେ ନେଇ ସେ ସ୍ଥାନରୁ ସମସ୍ତ ଚୋରି ଧନସମ୍ପତ୍ତି ଉଦ୍ଧାର କରି ଆଣିଲେ। ସମସ୍ତ ଚୋରି ଜିନିଷ ସହିତ କାମରାଜୁକୁ ବିଚାର ପାଇଁ ରାଜାଙ୍କ ସମ୍ମୁଖରେ ହାଜର କରାଗଲା।

ଏକଥା ଜଣାପଡ଼ିଲା ଯେ ସେ ଚୋରି କରିଥିବା ମୂଲ୍ୟବାନ ଜିନିଷର ଅଧିକାଂଶ ଜିନିଷ ନୀଳକଣ୍ଠ ନାମକ ଜଣେ ପ୍ରସିଦ୍ଧ ବିତ୍ତଶାଳୀ ବ୍ୟକ୍ତିଙ୍କ ଘରୁ ଚୋରି କରିଥିଲା। ଯଦିଓ ନୀଳକଣ୍ଠଙ୍କ ଘରୁ ବହୁମୂଲ୍ୟ ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିଲା ତଥାପି ନୀଳକଣ୍ଠ ତାଙ୍କ ଘରୁ ଚୋରି ବିଷୟରେ କୌଣସି ଅଭିଯୋଗ କରି ନଥିଲେ।

ସଖାମୁରି ଶ୍ରୀନିବାସ

''ମହାମନ୍ତ୍ରୀ, ମନେ ହେଉଛି ନୀଳକଣ୍ଠ ନିଜସ୍ୱ ଘରୋଇ ବ୍ୟବସାୟ କରନ୍ତି। ତେଣୁ ସେ ଏ ପର୍ଯ୍ୟନ୍ତ ଅଭିଯୋଗ କରିନାହାନ୍ତି। ଦୟାକରି ତାଙ୍କୁ ତୁରନ୍ତ ଡକାଇ ପଠାନ୍ତୁ ଏବଂ ତାଙ୍କର ଜିନିଷ ତାଙ୍କ ହାତରେ ଦିଅନ୍ତୁ!'' ରାଜା ମାଣିକ ବର୍ମା ନିର୍ଦ୍ଦେଶ ଦେଲେ।

ପ୍ରଧାନମନ୍ତ୍ରୀ ଅଖଣ୍ଡନାଥ ଉତ୍ତର ଦେଲେ, ''ଆଜ୍ଞା ମଣିମା, ଏ ସମସ୍ତ ମୂଲ୍ୟବାନ ସମ୍ପତ୍ତିର ମାଲିକଙ୍କୁ ଚିହ୍ନଟ କରିବା ପାଇଁ କିଛି ସମୟ ଲାଗିବ। ଦୟାକରି ମୋତେ ଅନୁମତି ଦିଅନ୍ତୁ ଯେ ମୁଁ ଦୁଇଦିନ ପରେ ଏସବୁ ଜିନିଷ ତାହାର ମାଲିକମାନଙ୍କ ନିକଟକୁ ପଠାଇଦେବି। ନୀଳକଣ୍ଠଙ୍କୁ ମଧ୍ୟ ସେତେବେଳେ ପ୍ରଦାନ କରିବି।'' ରାଜା ମାଣିକ ବର୍ମା ସମ୍ମତ ହେଲେ।

ଦୁଇଦିନ ପରେ ସମସ୍ତ ଚୋରି ଜିନିଷର ମାଲିକମାନଙ୍କୁ ରାଜା ପରିଷଦକୁ ଡକାଇଲେ। ଜଣ ଜଣ କରି ସମସ୍ତେ ଆଗକୁ ଆସି ନିଜ ନିଜର ଜିନିଷ ଚିହ୍ନି ନେଲେ। ଶେଷରେ ନୀଳକଣ୍ଠଙ୍କ ପାଳି ପଡ଼ିଲା। କିନ୍ତୁ ତାଙ୍କ ହାତରେ ହାତକଡ଼ି ପଡ଼ିଥିଲା! ସେ ବନ୍ଦୀ ହୋଇଥିଲେ।

ରାଜା ମାଣିକ ବର୍ମା ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ମନ୍ତ୍ରୀ ମହୋଦୟ ରାଜାଙ୍କର ସନ୍ଦେହ ଦୂରକରି କହିଲେ, ''ଆଜ୍ଞା ମଣିମା, ନୀଳକଣ୍ଠ ହେଉଛନ୍ତି କାମରାଜୁଙ୍କଠାରୁ ବଡ଼ ଚୋର। ସେ ସମସ୍ତଙ୍କଠାରୁ ଗୁରୁତର ଅପରାଧ କରିଛନ୍ତି। ତାଙ୍କର ଅନେକ ଚୋରା କାରବାର ରହିଛି। ସେ ନିୟମିତ ଭାବରେ କର ଫାଙ୍କି ଆସୁଛନ୍ତି। ଆଇନ ଆଖିରେ ଧୂଳିଦେଇ ବିଭିନ୍ନ ବ୍ୟବସାୟ ଦ୍ୱାରା କୋଟି କୋଟି ଟଙ୍କା ସାଇତି ରଖିଛନ୍ତି। ତାଙ୍କ ଆୟର କୌଣସି ହିସାବ ରଖାଯାଇନାହିଁ। କାମରାଜୁ ତାଙ୍କର ଏହି ଦୁର୍ବଳତା ବିଷୟରେ ଜାଣିଥିଲା। ତେଣୁ ଅନ୍ୟମାନଙ୍କ ଘର ତୁଳନାରେ ତାଙ୍କ ଘରୁ ଅଧିକ ଜିନିଷ ଚୋରି କରିଥିଲା। ନୀଳକଣ୍ଠ କୌଣସି ଆଗ୍ରହ ନ ଦେଖାଇବା ମୋ ଭିତରେ ସନ୍ଦେହ ଜାତ କଲା। ସେହି କାରଣରୁ ମୁଁ ଆପଣଙ୍କୁ ଦୁଇଦିନ ସମୟ ମାଗିଲି। ଏହି ଦୁଇଦିନରେ ମୁଁ ତାଙ୍କର ବ୍ୟବସାୟ ବିଷୟରେ ଅନୁସନ୍ଧାନ କଲି ଏବଂ ଯେଉଁ ସୂଚନା ପାଇଲି ତାହା ମୋର ସନ୍ଦେହକୁ ଘନୀଭୂତ କଲା।''

ରାଜା ମାଣିକ ବର୍ମା ମନ୍ତ୍ରୀ ଅଖଣ୍ଡନାଥଙ୍କୁ ତାଙ୍କର ଚତୁରତା ପାଇଁ ବହୁତ ପ୍ରଶଂସା କଲେ। ନୀଳକଣ୍ଠଙ୍କୁ ସଭାସଦ୍‌ବର୍ଗ ତାସଲ୍ୟ କରିବା ସହିତ କାମରାଜୁ ସହିତ ବନ୍ଦୀ କଲେ।



"ଭଲ ହେଲା"

ଦିନେ ଗୋଟିଏ କୃଷକ ଜମିଦାରଙ୍କୁ ସାକ୍ଷାତ କରିବା ପାଇଁ ଗଲା ବେଳେ ପତ୍ନୀକୁ କହିଲା- "ମୁଁ ଜମିଦାରଙ୍କ ପାଇଁ ବେଲ ନେଇ ଯିବି, ସେ ସବୁ ଝୁଡିରେ ରଖିଦେବୁ।"

"ତାଙ୍କ ପାଇଁ ବେଲ କାହିଁକି? ଅଞ୍ଜିର୍ ବହୁତ ଫଳିଛି। ତାଙ୍କୁ ଦେଇ ଦେବା ଖାଇବେ।" ଏହା କହି କୃଷକର ସ୍ତ୍ରୀ ଝୁଡିରେ ଅଞ୍ଜିର୍ ଭରିଦେଲା।

କୃଷକ ଯେତେବେଳେ ଜମିଦାରଙ୍କ ଘରକୁ ଗଲା ଜମିଦାର ବାରଣ୍ଡାରେ ଚୌକି ଉପରେ ବସିଥିଲେ। କୃଷକ, ଅଞ୍ଜିର୍ ଝୁଡି ତାଙ୍କ ସମ୍ମୁଖରେ ରଖି ଦେଇ ହାତ ଯୋଡ଼ି ଠିଆ ହୋଇଗଲା।

ଜମିଦାର ଝୁଡିର ଢାଙ୍କୁଣି ଖୋଲିଲେ ଏବଂ, ଅଞ୍ଜିର୍ ଦେଖି ସେଥିରୁ ଗୋଟିଏ ଉଠାଇ ନେଇ ଖୁବ୍ ଜୋର୍‌ରେ କୃଷକ ଉପରକୁ ଫୋପାଡ଼ିଲେ। ଅଞ୍ଜିର୍ କୃଷକର ମୁଣ୍ଡରେ ପଡ଼ିବା ମାତ୍ରେ କୃଷକ କହିଲା- "ଭଲ ହେଲା।"

ଜମିଦାର ପ୍ରାୟ ସବୁତକ ଅଞ୍ଜିର୍ କୃଷକର ମୁଣ୍ଡ ଉପରକୁ ଗୋଟି ଗୋଟି କରି ଫୋପାଡ଼ିଲେ। କୃଷକ ସବୁଥର କହୁଥିଲା- "ଭଲ ହୋଇଛି।" ଏ କଥା ଶୁଣି ଜମିଦାର ଆଶ୍ଚର୍ଯ୍ୟ ହେଲେ।

"ମୁଁ ତୋ ଉପରକୁ ଅଞ୍ଜିର୍ ଫୋପାଡୁଛି ଆଉ ତୁ କହୁଛୁ "ଭଲ ହେଲା?"

"ମୁଁ ପ୍ରଥମେ ଆପଣଙ୍କୁ ଭେଟି ଦେବାକୁ ବେଲ ଆଣିବାକୁ ଚାହୁଁଥିଲି। କିନ୍ତୁ ମୋର ସ୍ତ୍ରୀ କହିଲା ବେଲ କାହିଁକି ନେବ, ଅଞ୍ଜିର୍ ନେଇଯାଅ। ଭାଗ୍ୟ ଭଲ ତା' କଣ୍ଠରେ ଠିକଣା ସମୟରେ ସରସ୍ୱତୀ ବିଜେ କଲେ। ମୋ ପ୍ରାଣ ରକ୍ଷା ହେଲା। ନଚେତ୍ ମୋ ମୁଣ୍ଡ ଫାଟି ସାରନ୍ତାଣି। ଯାହା ହେଲା ଗୋଟିଏ ଦୃଷ୍ଟିରୁ ଭଲ ହେଲା।" କୃଷକ ଜଣକ କହିଲା।



ମୁଁ କ'ଣ ହେବି ?

ପ୍ରିୟ ବନ୍ଧୁଗଣ,

ଗତ ମାସରେ ଆମ୍ଭେମାନେ ଓକିଲ ପେସା ବିଷୟରେ ବହୁତ କଥା ଜାଣିଲେ ଏବଂ ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ ଏ ମାସରେ କମ୍ପାନି ସେକ୍ରେଟାରୀ ପେସା ବିଷୟରେ ସୂଚନା ଦେବି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଗତିକରଣ କାରଣରୁ କର୍ପୋରେଟ୍ କ୍ଷେତ୍ରରେ ବିକାଶ ପରିଲକ୍ଷିତ ହେଉଛି। ତେଣୁ ଏହି କ୍ୟାରିୟରର ଗୁରୁତ୍ୱ ବୃଦ୍ଧି ପାଇଛି।

ମୋର କ୍ୟାରିୟର ପରାମର୍ଶଦାତା କହନ୍ତି ଯେ, କମ୍ପାନି ସେକ୍ରେଟାରୀ ହେଉଛି ଏକ ସ୍ୱତନ୍ତ୍ର ପେସା, ଯାହାକି କର୍ପୋରେଟ୍ ବିଭାଗର ସୁଚାରୁ ପରିଚାଳନା ଏବଂ ଆଇନ ଅନୁଯାୟୀ ପରାମର୍ଶ କ୍ଷେତ୍ରରେ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ହୋଇଥାଏ। ସେ ଅନୁଷ୍ଠାନର ବିଭିନ୍ନ ବିଭାଗ ସହିତ ସମନ୍ୱୟତା ରକ୍ଷା କରିଥାଆନ୍ତି ଏବଂ ବିଭିନ୍ନ ପ୍ରକାର ନୀତିନିୟମ ଏବଂ ଆଇନ ବିଷୟରେ କମ୍ପାନିର ବୈଧାନିକ ଆବଶ୍ୟକତା ସମ୍ବନ୍ଧରେ ପରାମର୍ଶ ଦେଇଥାଆନ୍ତି। ଏହା ବ୍ୟତୀତ, ଅର୍ଥନୀତି ସହିତ ସଂପର୍କିତ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟ, ହିସାବ ନିରୀକ୍ଷଣ, ଆଇନଗତ, ମାନବସମ୍ବଳ ଏବଂ ପ୍ରାଶାସନିକ ଦାୟିତ୍ୱ ମଧ୍ୟ ରହିଥାଏ।

କମ୍ପାନି ସେକ୍ରେଟାରୀ ପାଠ୍ୟକ୍ରମ ଭାରତର କମ୍ପାନି ସେକ୍ରେଟାରୀ ନିୟମ ୧୯୮୦ ଅଧିନରେ ବିକଶିତ ଏବଂ ଭାରତର କମ୍ପାନି ସେକ୍ରେଟାରୀ ପେସାଦାରମାନଙ୍କ ଦ୍ୱାରା ନିୟନ୍ତ୍ରିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନି ସେକ୍ରେଟାରୀଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)ରେ ପ୍ରଦାନ କରାଯାଉଛି।

କମ୍ପାନି ସେକ୍ରେଟାରୀ ସରକାରୀ କ୍ଷେତ୍ରରେ ଏବଂ ଆଇନ ବିଭାଗରେ ମଧ୍ୟ ନିଯୁକ୍ତି ପାଇପାରିବେ। ଅଧିକାଂଶ ଯୋଗ୍ୟତାପ୍ରାପ୍ତ କମ୍ପାନି ସେକ୍ରେଟାରୀ ପବ୍ଲିକ୍ ସେକ୍ଟର ଏବଂ କର୍ପୋରେଟ୍ ସେକ୍ଟର, ବ୍ୟାଙ୍କ ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକରେ, ଷ୍ଟକ୍ ଏକ୍ସଚେଞ୍ଜରେ, କମ୍ପାନି ଲ'ବୋର୍ଡରେ ଏବଂ ସରକାରୀ ବିଭାଗରେ ଆକର୍ଷଣୀୟ ବେତନ ସହିତ କାର୍ଯ୍ୟ କରିପାରିବେ। ଛୋଟ ଛୋଟ ଫାର୍ମଗୁଡ଼ିକରେ କମ୍ପାନି ସେକ୍ରେଟାରୀମାନେ ସାମୟିକ ଭାବରେ ପେସାଦାର ପରାମର୍ଶ ଏବଂ ସହାୟତା ଯେପରି କି ଲାଇସେନ୍ସ, ପଞ୍ଜିକରଣ, ଋଣ, କର, ଅଂଶୀଦାରୀ ରାଜିନାମା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରିଥାଆନ୍ତି। ଘରୋଇ ବ୍ୟବସାୟ ଏବଂ ସିଏସ୍ ଫାର୍ମଗୁଡ଼ିକରେ ପ୍ରାଶାସନିକ ଏବଂ ସାଧାରଣ ପରିଚାଳନା କ୍ଷେତ୍ରରେ ଉଚ୍ଚପଦରେ ଅଧିଷ୍ଠିତ ହେବା ଏବଂ ସ୍ୱତନ୍ତ୍ର ସୁବିଧା ସୁଯୋଗ ଲାଭ କରିବାର ପ୍ରଚୁର ସୁଯୋଗ ମିଳିଥାଏ।

–ସାଇ

ଜହ୍ନମାମୁ ସାଧାରଣ ଜ୍ଞାନ ଧନ୍ଦା – ୩୬

(୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ)

Co-sponsored by Infosys FOUNDATION, Bangalore

ସଠିକ୍ ଉତ୍ତର ପାଇଁ ₹୨୫୦/– ଟଙ୍କା ପୁରସ୍କାର ଦିଆଯିବ ।*

*** ଯଦି ଏକାଧିକ ସମ୍ପୂର୍ଣ୍ଣ ଠିକ୍ ଉତ୍ତର ମିଳିଥାଏ, ତେବେ ପ୍ରତ୍ୟେକ ସଫଳ ପ୍ରତିଯୋଗୀଙ୍କୁ ₹୫୦/– ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ ।**

ତୁମକୁ କ'ଣ କରିବାକୁ ପଡ଼ିବ:

(୧) ଏକ କାଗଜରେ ଉତ୍ତର ଲେଖ ।

(୨) ତୁମ ନାମ, ବୟସ ଓ ପିନ୍ କୋଡ ସହିତ ସମ୍ପୂର୍ଣ୍ଣ ଠିକଣା ଦିଅ ।

(୩) ଲଫାପା ଉପରେ **ଜହ୍ନମାମୁ ପ୍ରଶ୍ନୋତ୍ତର–୩୬** ଲେଖି ତାହା ଜହ୍ନମାମୁ ଠିକଣାରେ ପଠାଅ ।

(୪) ଫେବ୍ରୁୟାରୀ ମାସ ୨୯ ତାରିଖ ପୂର୍ବରୁ ଆମକୁ ତୁମର ଉତ୍ତର ମିଳିଯିବା ଆବଶ୍ୟକ ।

(୫) ଏପ୍ରିଲ୍–୨୦୧୨ ସଂଖ୍ୟାରେ ଫଳାଫଳ ପ୍ରକାଶିତ ହେବ।

ସ୍ଥାନଗୁଡିକ ଚିହ୍ନଟ କରନ୍ତୁ

୧. କେଉଁ ରାଜ୍ୟକୁ ''ଏସିଆର ସ୍ୱିଜର୍‌ଲ୍ୟାଣ୍ଡ'' କୁହାଯାଏ?

୨. 'ଦକ୍ଷିଣ ଭାରତର ମଞ୍ଚେଷ୍ଟର'' କେଉଁ ସହରକୁ କୁହାଯାଏ?

୩. ''ଘନ ବାଦଲର ଭୂମି''– ଭାବରେ କେଉଁ ରାଜ୍ୟ ପରିଚିତ?

୪. ଭାରତର କେଉଁ ପର୍ବତକୁ ''ନୀଳ ପର୍ବତ'' ଭାବରେ ଅଭିହିତ କରାଯାଏ?

୫. କେଉଁ ସହରକୁ ''ସାତଟି ଦ୍ୱୀପର ନଗରୀ'' କୁହାଯାଏ?

୬. ''ଆରବ ସାଗରର ରାଣୀ'' କେଉଁ ସହରକୁ କୁହାଯାଏ?

୭. କେଉଁ ସହରଟି ପିଙ୍କ୍ ସିଟି ବା ଗୋଲାପୀ ସହର ନାମରେ ପ୍ରସିଦ୍ଧ?

ଜହ୍ନମାମୁ ସାଧାରଣଜ୍ଞାନ ପ୍ରଶ୍ନୋତ୍ତର–୩୩ (ଅକ୍ଟୋବର ୨୦୧୧ ଉତ୍ତର)

୧. ମୋହନଦାସ କରମଚାନ୍ଦ ଗାନ୍ଧି, ୨. ପୋରବନ୍ଦର, ୩. ହରିଶ୍ଚନ୍ଦ୍ର, ୪. ଆଇନ୍, ୫.୧୯୪୨, ୬. ୧୯୩୦, ୭. କର ବା ମର, ୮. ୩୦ ଜାନୁଆରୀ ୧୯୪୮ ମସିହାରେ ନାଥୁରାମ୍ ଗଡ୍‌ସେଙ୍କ ଦ୍ୱାରା

October'11 Winners: 1. Dhananjaya Meher, Purunabastee, Jharsuguda - 768202.
2. Ramkinkar Das, Tiorkhali (Post&Vill.), East Midnapore (Dist.), Paschimbanga - 721655.
3. P.R Anivitha Shastry, Pandaru Farms, Main (Post),Bantwal (Taluk), Karnataka - 574253.
4. R.P Subhamathi, Kallakurichi (Post), Belukurichi JK, Namakkal (Dist.) - 637402.
5. S. Harikrishnan, Poovakulam, Koothattukulam, Ernakulam (Dist.) Kerala.

ହସି ହସି ଗଡ଼ିଯା

ଅଫିସ ମ୍ୟାନେଜର: ''ଦେଖୁଛ, ଡେସ୍କ ଉପରେ କେତେ ମଇଳା ବସିଛି। ଯେମିତି ୧୫ ଦିନ ହେଲା ସଫା କରାଯାଇ ନାହିଁ।''

ଚାକରାଣୀ: ''ସାର୍, ମୋତେ ଦୋଷ ଦିଅନ୍ତୁ ନାହିଁ, ମୁଁ ମାତ୍ର ସାତ ଦିନ ହେଲା ଏଠାରେ କାମ କରୁଛି।''

Deb's Library Corner···
Tambahara,Kendujhar
Contact-9556804309
email-debaraj.123456789@gmail.com



ଜଣେ ଯୁବକ ପୋଷା-ଜୀବ ଦୋକାନକୁ ଗଲେ ଏବଂ ୨୦୦ଟି ଅସରପା, ଛଅଟି ମୂଷା ଓ ପାଞ୍ଚଟି ବୃନ୍ଦୃନ୍ଦା ମାଗିଲେ।

''ଆଜ୍ଞା କ୍ଷମା କରିବେ, ଆମେ କେବଳ ମୂଷା ଦେଇପାରିବୁ। ଆପଣ କାହିଁକି ଅନ୍ୟ ସବୁ ଜୀବ ଚାହୁଁଛନ୍ତି? '' ଦୋକାନୀ କହିଲେ।

''ଆଜି ସକାଳେ ମୋ ମାଲିକାଣୀ ମୋତେ ଫ୍ଲାଟରୁ ବାହାର କରିଦେଇଛନ୍ତି ଏବଂ ସେ କହୁଛନ୍ତି ମୁଁ ଆସିଲା ବେଳେ ଏ ସ୍ଥାନ ଯେମିତି ଥିଲା ସେମିତି ଛାଡ଼ିବାକୁ ହେବ।'' ଯୁବକ ଜଣକ କହିଲେ।

ବିଚାରପତି ଚୋର ଉପରେ କଟୁ ଦୃଷ୍ଟି ପକାଇ ପଚାରିଲେ, ''କେତେ ଥର ଜେଲ୍ ଗଲଣି?''

''ହଜୁର୍, ନଅ ଥର,'' ଚୋରଟି କହିଲା।

''ନଅ ଥର? ଏଥର, ମୁଁ ତୁମକୁ ସବୁଠୁ ଅଧିକ ଦଣ୍ଡ ଦେବି।''

''ଅଧିକ ଦଣ୍ଡ?'' ଚୋରଟି କହିଲା। ''ଆପଣ କଣ ଆପଣଙ୍କର ନିୟମିତ ଗ୍ରାହକମାନଙ୍କୁ ରିହାତି ଦିଅନ୍ତି ନାହିଁ?''



ଜନ୍: ''ତୁମେ ଶନିବାର ଦିନ ମୋ ପାର୍ଟିକୁ ଆସିବ କି?''

ବିମଲ୍: ''ନିଶ୍ଚୟ ଆସିବି! ଠିକଣା କଣ?''

ଜନ୍: ''ଚାରି ନମ୍ବର ନୂଆ ଗଳି- କହୁଣୀରେ ବେଲ୍ ବଜାଇବ''

ବିମଲ: ''କାହିଁକି ମୁଁ କଣ ଆଙ୍ଗୁଠିରେ ବେଲ୍ ବଜାଇ ପାରିବି ନାହିଁ?''

ଜନ୍: ''ତୁମେ କଣ ମୋ ପାର୍ଟିକୁ ଖାଲି ହାତରେ ଆସିବ କି?''

ରାଜାଘର ଖାନା

ଆମର ନିତିଦିନିଆ ପାଉଁରୁଟି

ବହୁଦିନ ତଳେ, ବାସ୍ତବରେ ଲୋକେ କେବଳ ଚୋବାଇ ଚୋବାଇ ଗହମ ଖାଉଥିଲେ। କିନ୍ତୁ ସମୟକ୍ରମେ ଲୋକେ ଗହମର ସ୍ୱାଦ ବିଷୟରେ ଜାଣିଲେ ଏବଂ ଗହମକୁ ଗୁଣ୍ଡ କରି ଏହାର ଚକଟା ପ୍ରସ୍ତୁତ କରି ଏଥିରୁ ଖାଦ୍ୟ ପ୍ରସ୍ତୁତ କଲେ। କେବଳ ଅଟା ଚକଟା ଖାଇବାରେ କଥା ସୀମିତ ରହିଲାନାହିଁ–ଲୋକେ ତାହାକୁ ନିଆଁ ଉପରେ ରଖି ଟାଣକରି ରୁଟି ପ୍ରସ୍ତୁତ କଲେ ଏବଂ ଏହି ରୁଟିକୁ ବହୁଦିନଯାଏଁ ସାଇତି ରଖି ଖାଇଲେ। ଯେତେବେଳେ ଦୁର୍ଘଟଣାବଶତଃ ଅଟା ଚକଟାରେ ଇଷ୍ଟ ପଡ଼ିଗଲା, ଧୀରେ ଧୀରେ 'ପାଉଁରୁଟି' ତିଆରି ହେଲା।

ଖ୍ରୀଷ୍ଟପୂର୍ବ ୧୦୦୦ ମସିହା ବେଳକୁ ଇଜିପ୍ଟର ଲୋକେ ଇଷ୍ଟ ଷ୍ଟ୍ରେନ୍ ଖୋଜି ତାହାକୁ ଅଟା ଚକଟାରେ ମିଶାଇବା ଆରମ୍ଭ କରିଦେଇଥିଲେ। ସେମାନେ ମଧ୍ୟ ଆବିଷ୍କାର କରିଥିଲେ ଯେ ଧଳା ପାଉଁରୁଟି ତିଆରି କରିବା ପାଇଁ ଏକ ନୂଆ ପ୍ରକାରର ଗହମ ଦରକାର। ଇଜିପ୍ଟମାନେ ହେରୋଗ୍ଲିଫିକ୍ସରେ ଭାରି ଆଗ୍ରହୀ ଥିଲେ। ପାଉଁରୁଟି ସମ୍ବନ୍ଧରେ ଅନେକ ସଙ୍କେତ ଏବଂ ଚିତ୍ର ଦେଖିବାକୁ ମିଳେ!



ସେଠାରୁ ପାଉଁରୁଟି ପହଞ୍ଚିଥିଲା ଗ୍ରୀସ୍, ରୋମ ଏବଂ ୟୁରୋପର ଅନ୍ୟାନ୍ୟ ଅଂଶରେ। ରୋମରେ ପାଉଁରୁଟିକୁ ମାଂସଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ରୋମର ସମାଜ ମଙ୍ଗଳ ବିଭାଗ ଜନସାଧାରଣଙ୍କୁ ଗହମ ବଣ୍ଟନ ଉପରେ ଆଧାରିତ ହୋଇଥିଲା। ପରବର୍ତ୍ତୀ ସମୟରେ ସରକାର ବେକ୍ କରାଯାଇଥିବା ପାଉଁରୁଟି ବାଣ୍ଟିବା ଆରମ୍ଭ କଲେ। ସୈନ୍ୟମାନଙ୍କୁ ତାଙ୍କ ଭାଗର ପାଉଁରୁଟି ଦିଆନଗଲେ ସେମାନେ ଅପମାନିତ ଅନୁଭବ କରୁଥିଲେ।

ଖ୍ରୀଷ୍ଟପୂର୍ବ ୧୬୮ରେ, ରୋମରେ ଏକ ବେକର୍ସ ଗିଲ୍ଡ ତିଆରି କରାଗଲା। ଏହି ସଂଗଠନ ବେକରମାନଙ୍କୁ ଏବଂ ତାଙ୍କର ପିଲାମାନଙ୍କୁ ଏହି କାରବାର ଛାଡ଼ି ଅନ୍ୟ ପେସା ଗ୍ରହଣ କରିବାକୁ ଅନୁମତି ଦେଉନଥିଲା। ବେକରମାନେ ମଧ୍ୟ ସମାଜରେ ସ୍ୱତନ୍ତ୍ର ସମ୍ମାନ ଲାଭ କରୁଥିଲେ ! ଅନ୍ୟ କାରିଗରମାନେ ଦାସ ଭାବରେ ଗଣନା କରାଯାଉଥିବାବେଳେ ସେମାନେ ମୁକ୍ତ ଥିଲେ। ବେକରମାନଙ୍କୁ ରସିକ କିମ୍ବା ଯୋଦ୍ଧାମାନଙ୍କ ସହିତ ମିଳାମିଶା କରିବାକୁ ଅନୁମତି ଦିଆଯାଉ ନଥିଲା।



ମଧ୍ୟଯୁଗରେ ୟୁରୋପରେ, ପାଉଁରୁଟି ଥିଲା ଏକମାତ୍ର ମୁଖ୍ୟ ଖାଦ୍ୟ। କିନ୍ତୁ ବିଭିନ୍ନ ସାଜସଜ୍ଜା ସହିତ ପରଷା ଯାଉଥିଲା। ଏହାକୁ ମଧ ଟେବୁଲର ଉପକରଣ ଭାବରେ ବ୍ୟବହାର କରାଯାଉଥିଲା। ବାସି ପାଉଁରୁଟିକୁ ଚାରିକୋଣିଆ ଭାବରେ କାଟି ଏହାକୁ ଥାଳି ଭାବରେ ବ୍ୟବହାର କରାଯାଉଥିଲା। ଖାଇସାରିବା ପରେ ଏହି ଥାଳିକୁ ଖିଆଯାଉଥିଲା କିମ୍ବା କୁକୁରମାନଙ୍କୁ ଖାଇବାକୁ ଦିଆଯାଉଥିଲା।

ସ୍ୱିଜରଲ୍ୟାଣ୍ଡର ରାଜପରିବାରରେ ବହୁ ପରିମାଣର ପାଉଁରୁଟି ବେକ୍ କରାଯାଉଥିଲା। ସେଣ୍ଟ ଗ୍ୟାଲେନ୍ ରାଜପ୍ରାସାଦରେ ରହିଥିବା ଓଭାନ୍ ବା ଭାଟି ଏତେ ବଡ଼ ଥିଲା ଯେ ଏଥିରେ ଥରକରେ ୧ହଜାର ଲୋଫ୍ ପାଉଁରୁଟି ବେକ୍ କରିବା ସମ୍ଭବ ହେଉଥିଲା। ବେକର୍‌ମାନେ ସଦାସର୍ବଦା ସଠିକ ଓଜନର ଉତ୍ତମମାନର ପାଉଁରୁଟି ବିକ୍ରି କରୁଥିଲେ। ଯଦି ସେମାନେ ଠକୁଥିବାର ଦେଖାଯାଉଥିଲା, ସେମାନଙ୍କୁ ପ୍ରଚୁର ଜୋରିମାନା ସହିତ ବହୁ କଠୋର ଦଣ୍ଡର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନଙ୍କୁ ସର୍ବସମ୍ମୁଖରେ ଅପମାନିତ କରି ଦଣ୍ଡିତ କରାଯାଉଥିଲା।



ପାର୍କର ହାଉସ୍ ରୋଲ ହେଉଛି ଏକ ପ୍ରକାର ବ୍ରେଡ୍ ରୋଲ୍, ଯାହାକି ପ୍ରଥମେ ବୋଷ୍ଟନ୍‌ର ହୋଟେଲ ପାର୍କର ହାଉସ୍‌ରେ ପ୍ରସ୍ତୁତ କରାଯାଇଥିଲା। ଏହା ଡିକେନ୍ସ, ଲଙ୍ଗଫେଲୋ, ଅଫେନ୍‌ବାଞ୍ଚ ଏବଂ ନାଥେନିଆଲ ହଥ୍ରୋନଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିଙ୍କ ସହିତ ଅନେକଙ୍କର ପ୍ରିୟ ଥିଲା। କୁହାଯାଏ ଯେ ଥରେ ଜର୍ମାନର ସେଫ୍ ୱାର୍ଡ ଅତିଥିଙ୍କର ଦୁର୍ବ୍ୟବହାରରେ ରାଗିଯାଇ ଭଲ ଭାବରେ ବେକ୍ ହୋଇନଥିବା ରୋଲ୍‌କୁ ଓଭାନ ଭିତରକୁ ଫୋପାଡ଼ିଦେଲେ। ତାହା ଭଲଭାବରେ ଫୁଲିଯାଇ ହାଲ୍‌କା ଏବଂ ସୁଆଦିଆ ହୋଇଗଲା ଏବଂ ବେଶ୍ ଲୋକପ୍ରିୟତା ହାସଲ କଲା।

ଲୋଭନୀୟ ପାଉଁରୁଟି:

ମଙ୍କିବ୍ରେଡ୍ ହେଉଛି ଏପରି ଏକ ବ୍ରେଡ୍ ଯାହାକି ସୁଆଦିଆ ସୁନେଲି ରଙ୍ଗର ଅଠାଳିଆ ପାଉଁରୁଟି। ଆଖିକୁ ଦେଖିବାକୁ ଯେତିକି ସୁନ୍ଦର ଲାଗେ, ଆଙ୍ଗୁଠିରେ ଛୁଇଁଲେ ସେତିକି ମଜା ଲାଗେ-ଲୋକେ ଏହାକୁ କାଟିବା ଅପେକ୍ଷା ଆଙ୍ଗୁଠିରେ ଚିମୁଟାଏ ଚିମୁଟାଏ ଆଣି ଖାଇବାକୁ ବେଶୀ ଭଲପାଆନ୍ତି। ସେଥିପାଇଁ ବୋଧହୁଏ ଏହାକୁ କୁହାଯାଏ ମଙ୍କିବ୍ରେଡ୍ ବା ମାଙ୍କଡ଼ ପାଉଁରୁଟି?

ବାନାନା ବ୍ରେଡ୍ ପ୍ରଥମ ଥର ପାଇଁ ବିଂଶ ଶତାବ୍ଦୀର ଆରମ୍ଭରେ ପ୍ରଚଳନ ହୋଇଥିଲା। ବେଳେ ବେଳେ ଯେତେବେଳେ ଦୋକାନରେ ପାଚିଯାଇଥିବା କଦଳୀ ନଷ୍ଟ ହେବାକୁ ଯାଉଥିଲା ତାହାକୁ ଫିଙ୍ଗି ନଦେଇ ପାଉଁରୁଟି ତିଆରି ବ୍ୟବହାର କରାଯାଉଥିଲା।

ଡିବ୍ ଡିବ୍‌ର ଡିବା

ନିମ୍ନରେ ଥିବା କୋଠରିଗୁଡ଼ିକୁ ଦେଖ ଓ ତୁମେ ଜାଣିଥିବା ଭାଷାରେ ଥିବା ଶବ୍ଦଗୁଡ଼ିକୁ ପଢ଼ । ତା'ପରେ, ତଳ କୋଠରିକୁ ଦେଖି, ଅନ୍ୟ ଭାରତୀୟ ଭାଷାରେ ତାହା କିପରି କହିବାକୁ ଓ ଲେଖିବାକୁ ହେବ, ଜହ୍ନମାମୁ ମାଧ୍ୟମରେ ସହଜରେ ଶିକ୍ଷା କର ।

English	I have passed my 12th Std.	I studied very hard.
Oriya	ମୁଁ ଦ୍ୱାଦଶ ଶ୍ରେଣୀ ପାସ୍ କଲି।	ମୁଁ କଠିନ ପରିଶ୍ରମ କରି ପଢ଼ିଥିଲି।
Telugu	నేను ఇంటర్ పాస్ అయ్యాను. ନେନୁ ଇଣ୍ଟେର ପାସ୍ ଆୟାନୁ।	నేను కష్టపడి చదివాను. ନେନୁ କାସ୍ ଟପାଡି ଚାଦିଭାନୁ।
Tamil	நான் 12ஆம் வகுப்பில் தேறி விட்டேன். ନାନ୍ ୧୨ ଆମ୍ ଭାଗୁପିଲ୍ ଠାରି ଭିଟାଇନ୍।	நான் மிகவும் சிரமப்பட்டுப் படித்தேன். ନାନ୍ ମିଗଭୁମ୍ ଶିରାମପ୍ପଟୁ ପଡିଥେନ୍।
Bengali	আমি ১২শ শ্রেণী উত্তীর্ণ হয়েছি। ଆମି ୧୨ସ ଶ୍ରେଣୀ ଉତ୍ତୀର୍ଣ୍ଣୋ ହୋୟେଚି।	আমি খুব মন দিয়ে পড়েছিলাম। ଆମି ଖୁବ୍ ମୋନ୍ ଦିୟେ ପୋଢ଼େଛିଲମ୍।
Marathi	मी बारावी पास झालो आहे. ମି ବାରବି ପାସ୍ ଝାଲେ ଆହେ।	मी खूप अभ्यास केला होता. ମି ଖୁପ୍ ଅଭ୍ୟାସ କେଲା ହାତା।
Kannada	ನಾನು 12ನೇ ತರಗತಿ ಉತ್ತೀರ್ಣನಾಗಿದ್ದೇನೆ. ନାନୁ ୧୨ଇନ୍ ତରଗତି ଉତିର ନନାଗିଡେନ୍।	ನಾನು ಶ್ರಮ ಪಟ್ಟು ಓದಿದ್ದೆ. ନାନୁ ଶ୍ରମ ପାଟ୍ଟୁଓଡିଡେ।
Hindi	मैंने १२वीं कक्षा पास कर ली है। ମେନେ ୧୨ୟୁ କକ୍ଷା ପାସ୍ କର ଲି ହେ।	मैंने बहुत कड़ी मेहनत की। ମେ ବହୁତ୍ କଡୀ ମେହେନତ୍ କି।
Gujarati	મેં ૧૨મું ધોરણ પાસ કર્યું છે. ମେ ୧୨ମୁନ୍ ଦୋହୋରାଣା ପାସ୍ କରୁନ ଛୋ।	મેં ખૂબ અભ્યાસ કર્યો. ମେ୍ ଖୁବ୍ ଅଭ୍ୟାସ କାରେ୍ୟା।
Assamese	মই দ্বাদশ শ্ৰেণী উত্তীণ হলো। ମୋଇ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଲୁ।	মই মনপুতি অধ্যয়ন কৰিছিলো। ମୋରି ମୋନ୍‌ପୁଥି ଅଧୟନ କୋରିସିଲୁ।
Malayalam	ഞാൻ 12-ാം ക്ലാസ് ജയിച്ചു. ଜାନ୍ ପଥରାନ୍ଦମ୍ କ୍ଲାସ୍ ଯାଇଚୁ।	ഞാൻ വളരെ നന്നായി പഠിച്ചു. ଜାନ୍ ଭଲରେ ନାନାଇ ପଢ଼ିଚୁ।
Santali	ᱤᱧ ᱑᱒ ᱴᱟᱱᱟᱜ ᱤᱧ ᱯᱟᱥ ᱠᱮᱫ-ᱟ। ଇଞ୍ ୧୨ ଟାଣଚ୍ ଇଞ୍ ପାସ୍ କେଜ୍-ଆ।	ᱰᱚᱢᱤᱠ ᱯᱚᱫᱷᱟᱭ ᱟᱠᱟᱱᱟ। ଡୋମିକ୍ ପଧାୟ ଆକାଣ।
Sanskrit	अहं द्वादशकक्षाम् उत्तीर्णः। ଅହଂ ଦ୍ୱାଦଶକକ୍ଷାଂ ଉତ୍ତୀର୍ଣ୍ଣଃ	अहं बहु अधीतवान्। ଅହଂ ବହୁ ଅଧିତବାନ୍

Deb's Library Corner...
Tambahara,Kendujhar
Contact-9556804309
email-debaraj.123456789@gmail.com

English	I got a gift.	It was beautiful.
Oriya	ମୁଁ ଗୋଟିଏ ଉପହାର ପାଇଲି	ଏହା ସୁନ୍ଦର ଥିଲା।
Telugu	నాకు ఒక బహుమతి వచ్చింది. ନାକୁ ଓକା ବହୁମଥି ଓ୍ୱ ଛିନ୍ଦି।	అది చాలా బాగుండింది. ଅଦି ଚାଲା ବାଗୁନ୍ଦିମ୍ଇଦି
Tamil	எனக்கு ஒரு பரிசு கிடைத்தது. ଇନାକୁ ଓରୁ ପରିସୁ କିଡାଇଥାଥୁ।	அது அழகாக இருந்தது. ଅକ୍ଷୁ ଆଝାଗାର୍ ଇରୁନ୍ଦାକ୍ଷୁ।
Bengali	আমি একটা উপহার পেয়েছি। ଆମି ଏକ୍ଟା ଉପହାର ପାଇଛି।	সেটা খুব সুন্দর ছিল। ସେଟା ଖୁବ୍ ସୁନ୍ଦର ଛିଲୋ।
Marathi	मला एक बक्षीस मिळालं. ମେଲା ଏକ୍ ବକ୍ଷିସ୍ ମିଲାଲ୍।	ते खूप सुंदर होतं. ତେ ଖୁପ୍ ସୁନ୍ଦର ହୋତଂ
Kannada	ನನಗೊಂದು ಉಡುಗೊರೆ ಸಿಕ್ಕಿದೆ. ନାନାଗୋନ୍ଦୁ ଉଦୁଗୋର ସିକିଡେ।	ಅದು ತುಂಬಾ ಚಂದವಾಗಿತ್ತು. ଅଦୁ ତୁମ୍ବା ଚନ୍ଦଭାଗିତ୍ତୁ।
Hindi	मुझे एक तोहफ़ा मिला। ମୁଝେ ଏକ୍ ତୋଫା ମିଲା।	वह सुन्दर था। ବାଃ ସୁନ୍ଦର ଥା।
Gujarati	મને એક ભેટ મળી. ମଣେ ଏକ ଭେଟ ମାଲୀ।	તે સુંદર હતી. ତେ ସୁନ୍ଦର ହାତି।
Assamese	মই এটা উপহাৰ লাভ কৰিলো। ମୋଇ ଏଟା ଉପହାର ଲାଭ୍ କୋରିଲୁ।	এইটো সুন্দৰ আছিল। ଏଇଟୁ ସୁନ୍ଦର ଆସିଲ୍।
Malayalam	എനിക്കൊരു സമ്മാനം കിട്ടി. ଏନିକୋରୁ ସମ୍ମାନମ୍ କିଟି।	അത് മനോഹരമായിരുന്നു. ଆଠୁ ମନଭରମାୟିରୁଣ୍ଣୁ।
Santali	ᱥᱤᱨᱯᱟᱜ ᱟᱢᱮᱫ ᱟᱠᱟᱫ-ᱟ। ସିର୍ପାକ୍ ଅମେତ୍ ଆକଦ୍–ଆ।	ᱱᱚᱣᱟ ᱛᱚᱨᱚᱜ ᱛᱟᱦᱮᱱ ᱠᱟᱱᱟ। ନୋୟା ଚୋରୋକ୍ ତହେନ୍ କଣା।
Sanskrit	मया उपहारः प्राप्तः। ମୟା ଉପହାରଃ ପ୍ରାପ୍ତଃ।	उपहारः सुन्दरः आसीत्। ଉପହାରଃ ସୁନ୍ଦରଃ ଅସ୍ତି।

ଶାକାହାରୀ କୁମ୍ଭୀର



ବିଶ୍ୱାସ ହେଉ କି ନ ହେଉ, କିନ୍ତୁ ଆପଣ କେରଳର ମନ୍ଦିରରେ ଏକ ସୁଧାର କୁମ୍ଭୀର ଦେଖିବାକୁ ପାଇବେ, ଯେ କି ମନ୍ଦିରର ସୁରକ୍ଷା କରୁଛି। ପଡୋଶୀ ଗ୍ରାମର ଲୋକଙ୍କର ବିଶ୍ୱାସ ଏହି କୁମ୍ଭୀର ବାବିଆ ହେଉଛି ଏହି ସ୍ଥାନର ହର୍ତାକର୍ତ୍ତା ଏବଂ ମନ୍ଦିରର ଦୂତ। ଏହା ସମସ୍ତ ଦୁର୍ବିପାକକୁ ଦୂରେଇ ରଖେ ଏବଂ ମନ୍ଦିରକୁ ତଥା ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରେ।

କେରଳର ଦକ୍ଷିଣରେ ରହିଥିବା ଶ୍ରୀ ଅନନ୍ତ ପଦ୍ମନାଭସ୍ୱାମୀ ମନ୍ଦିର ହେଉଛି ନବମ ଶତାବ୍ଦୀର ଧର୍ମପୀଠ। ବିଶ୍ୱାସ କରାଯାଏ ଯେ ଏହି କୁମ୍ଭୀରଟି ଏଠାରେ ଗତ ଷାଠିଏ ବର୍ଷରୁ ବାସ କରିଆସୁଅଛି। ମହୋତ୍ସବ ଦିନରେ ବାବିଆ ପାଇଁ ଚାଉଳ ଏବଂ ଗୁଡ଼ରୁ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଏ। ସ୍ଥାନୀୟ ଲୋକ ଏବଂ ମନ୍ଦିର ଅଧିକାରୀଙ୍କ କହିବାନୁଯାୟୀ ଏହି କୁମ୍ଭୀରଟି ସଂପୂର୍ଣ୍ଣ ଶାକାହାରୀ ସେ ମାଂସ ଖାଏ ନାହିଁ କିମ୍ବା କାହାର କୌଣସି କ୍ଷତି କରେ ନାହିଁ। ଜନସାଧାରଣଙ୍କର ବିଶ୍ୱାସ ଯେ ଏହି କୁମ୍ଭୀରଟି ଅମର ବର ପ୍ରାପ୍ତ। ସେ କେବେ ବି ମରିବ ନାହିଁ।

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ

ଭାରତୀ ଦେବୀ, ବୟସ ଚାଳିଶି ବର୍ଷ, ତିନୋଟି ପିଲାଙ୍କର ମାଆ। ବର୍ତ୍ତମାନ ସେ ତାଙ୍କର ଝିଅ ସହିତ ପଶ୍ଚିମବଙ୍ଗର ଜଲପାଇଗୁଡି ଜିଲ୍ଲାରେ ଦଶମ ଶ୍ରେଣୀ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି।। ଭାରତୀ ଦେବୀ ଏକ ଶିଶୁ ଶିକ୍ଷା କେନ୍ଦ୍ରରେ କାର୍ଯ୍ୟ କରନ୍ତି। ଦଶମ ଶ୍ରେଣୀରେ ପଢ଼ିଲା ବେଳେ ତାଙ୍କ ପିତାମାତା ତାଙ୍କୁ ବାହା କରିଦେଇଥିଲେ। ବାହାଘର ପରେ ସ୍କୁଲ ଯିବା ବନ୍ଦ ହେଲା ଏବଂ ସେ ସଂସାରରେ ବାନ୍ଧି ହୋଇଗଲେ। କିନ୍ତୁ ତାଙ୍କର ସ୍ୱପ୍ନ ଥିଲା ସେ କେମିତି ହେଲେ ମାଟ୍ରିକ୍ ପାସ୍ କରିବେ। ସ୍କୁଲ ବନ୍ଦ ହେବାର ୩୮ ବର୍ଷ ପରେ ଭାରତୀ ପୁଣି ତାଙ୍କର ସେହି ସ୍ୱପ୍ନ ସାକାର କରିବା ପାଇଁ ନିଷ୍ପତ୍ତି ନେଲେ। ସେ ତାଙ୍କର ଝିଅ ସହିତ ପାଠ ପଢ଼ା ଆରମ୍ଭ କଲେ ଏବଂ ଦଶମ ପରୀକ୍ଷା ଦେଲେ। ତାଙ୍କ ଝିଅ ସଂଚିତା, ଯେ କି ବିବାହିତା ସେ ମଧ୍ୟ ମାଟ୍ରିକ୍ ପରୀକ୍ଷା ପାସ୍ କରିବାକୁ ନିଷ୍ପତ୍ତି କରିଛି।

ଭାରତୀଙ୍କର ପରୀକ୍ଷା ଦେବା ମହିଳା ସଶକ୍ତିକରଣର ଏକ ଉଦାହରଣ।

Chandamama

Art Book

'Chandamama Art Book' brought back my childhood memories. Illustrations by artists Vaddadi Papayya garu, Sankar, Chitra, MTV Acharya are pretty to look at, a healthy treat to the eyes that leaves a wonderful impression on my mind. This 'art book' experiment, with quality printing, looking lovely, is an extraordinary gift to art lovers. It is a precious treasure that is worth keeping forever.

With Best Wishes,
P. Sreeramachandra Murthy, Tenali, AP

Order Now

2 Volumes

Log on to: **www.chandamama.com** or Contact: Chandamama India Ltd.
B3, Cross Road 'B', MIDC, Andheri(E), Mumbai-400093. Ph. No: 022 28312872/28311849

ଚତୁର
ବୀରବଲ
ରାଜ୍ୟର ସୀମା ନାହିଁ
୧. ଦିନେ ସମ୍ରାଟ ଆକବର ପରିଷଦର ସଂଗୀତକାରମାନଙ୍କ ଉପରେ କ୍ଷୁବ୍ଧ ହେଲେ। "ମୋ ରାଜ୍ୟ ଛାଡ଼ି ଚାଲିଯାଅ! ମୁଁ ତୁମ୍ଭମାନଙ୍କ ଭିତରୁ କାହାକୁ ମୋ ସମ୍ମୁଖରେ ଦେଖିବାକୁ ଚାହେଁ ନାହିଁ?"
୨. ବିଚରା ସଂଗୀତକାରମାନେ ସେହି ଦିନ ରାଜଧାନୀ ଛାଡ଼ି ଚାଲିଗଲେ। ସେମାନେ ଲକ୍ଷ୍ୟହୀନ ଭାବରେ ଏଣେତେଣେ ବୁଲିଲେ ଏବଂ ହତାଶ ହେଲେ।
୩. "ଆମେ ବେଶୀ ସମୟ ପର୍ଯ୍ୟନ୍ତ ଏପରି ବିଚରଣ କରିପାରିବା ନାହିଁ! ଚାଲ ରାଜଧାନୀକୁ ଫେରିଯିବା! "ଜଣେ କହିଲେ।" ଚାଲ ବୀରବଲଙ୍କୁ ଭେଟିବା। ସେ ନିଶ୍ଚୟ କିଛି ରାସ୍ତା ବାହାର କରିବେ।" ଆଉ ଜଣେ କହିଲେ।
୪. ସେମାନେ ଲୁଚି ଲୁଚି ରାଜଧାନୀରେ ପ୍ରବେଶ କଲେ ଏବଂ ବୀରବଲଙ୍କୁ ଭେଟିଲେ, "ବୀରବଲ ତୁମେ ହିଁ କେବଳ ଆମର ଭରସା!" "ବ୍ୟସ୍ତ ହୁଅନ୍ତୁ ନାହିଁ! ମୋ ଯୋଜନା ନିଶ୍ଚୟ କାମ କରିବ।" ତା' ପରେ ବୀରବଲ ତାଙ୍କର ଯୋଜନା ବିଷୟରେ ସେମାନଙ୍କୁ କହିଲେ।
୫. ପରଦିନ, ରାଜା ପ୍ରାତଃ ଭ୍ରମଣରେ ବୀରବଲଙ୍କ ସହିତ ବାହାରିଲା ବେଳେ ଦୁଇ ସଂଗୀତକାରଙ୍କ ଦେଖିଲେ। ସେମାନେ ଯୋଜନା ମୁତାବକ କାର୍ଯ୍ୟ କଲେ।

୬. ସମ୍ରାଟ ସେମାନଙ୍କ ଦେଖି ଦେଖି ରାଗି ପାଚି ନାଲିପଡ଼ିଗଲେ। ''ଦୁହେଁ ତଳକୁ ଆସ! ତୁମ୍ଭେମାନେ କିପରି ଆଦେଶ ଅବମାନନା କରିବାକୁ ସାହସ କଲ?'' ଦୁହେଁ ତଳକୁ ଡେଇଁ ପଡ଼ିଲେ।



୭. ''ସାହେନ୍‌ସା! ଆମ୍ଭେମାନେ ରାଜ୍ୟର ସୀମା ଅତିକ୍ରମ କରିବାକୁ ଚେଷ୍ଟା କରୁଛୁ କିନ୍ତୁ ଆପଣଙ୍କ ରାଜ୍ୟ ଏତେ ବଡ଼ ଯେ ମନେ ହେଉଛି ଏହାର କୌଣସି ସୀମା ନାହିଁ!''

୮. ସମ୍ରାଟ ଆନନ୍ଦିତ ହେଲେ। ''ତେବେ ତୁମେ କାହିଁକି ଗଛରେ ଚଢ଼ିଛ?'' ମନେ ହେଉଛି ଯେ ଆକାଶ କେବଳ ଗୋଟିଏ ସ୍ଥାନ ଯାହା ମଧ୍ୟ ଦେଇ ଆମେ ଆପଣଙ୍କର ସୀମା ଅତିକ୍ରମ କରିପାରିବୁ। ତେଣୁ ଆମ୍ଭେମାନେ ଆକାଶକୁ ଚଢ଼ିବା ପାଇଁ ଉଦ୍ୟମ କରୁଛୁ।''



୯. ରାଜା ବଡ଼ ପାଟିରେ ହସିଲେ। ''ଏହା ନିଶ୍ଚୟ ବୀରବଲଙ୍କର ବୁଦ୍ଧି। ମୁଁ ଜାଣେ! ଠିକ୍ ଅଛି! ମୁଁ ତୁମ ଦୁହିଁଙ୍କୁ କ୍ଷମା କଲି। ତୁମ୍ଭେମାନେ ମୋର ପରିଷଦକୁ ଫେରିଆସ।

ଆପଣ ଜାଣନ୍ତି କି?

ଗଛର ବୟସ

କ୍ରୋନୋଲୋଜି। ବିଭିନ୍ନ ଘଟଣାକୁ ସମୟ କ୍ରମେ ସଜାଇ ରଖିବାର ଅର୍ଥ। କିନ୍ତୁ ତୁମ୍ଭେମାନେ ଡେଣ୍ଡ୍ରୋକ୍ରୋନୋଲୋଜିର ଅର୍ଥ କଣ ଜାଣ? ଏହା ହେଉଛି ଟ୍ରି ଟାଇମ୍ ବା ଟ୍ରି ରିଙ୍ଗ୍ (ଗଛର ବୟସ) ଜାଣିବାର ଅଧ୍ୟୟନ।

ଗଛର ଗଣ୍ଡି ଭିତରେ ଥିବା ବଳୟ ଆକୃତି ଆମକୁ ଗଛଟିର ବୟସ ବିଷୟରେ ସୂଚନା ଦେଇଥାଏ। ଯେପରି କି ଏହାର ବୟସ, ପରିବେଶର ପରିବର୍ତ୍ତନ, ଯାହାକି ଗଛର ଜୀବନକାଳ ଭିତରେ ଘଟିଥାଏ ସେ ବିଷୟରେ ଏହି ବଳୟକୁ ଅଧ୍ୟୟନ କରି ଜାଣି ହୁଏ।

ଗଛର କ୍ଷତି ନ କରି ଏହି ରିଙ୍ଗ୍ ବିଷୟରେ ଅଧ୍ୟୟନ କରିବା ପାଇଁ ବୈଜ୍ଞାନିକମାନେ ଏକ ପଦ୍ଧତି ଉଦ୍‌ଭାବନ କରିଛନ୍ତି, ତାହାର ନାମ 'କୋରିଙ୍ଗ୍'। 'କୋର୍' ନମୁନା ହାସଲ କରିବା ପାଇଁ ବୈଜ୍ଞାନିକମାନେ ଏକ ଫମ୍ପା ଉପକରଣ ଗଛ ଗଣ୍ଡିର କେନ୍ଦ୍ରରେ ପ୍ରବେଶ କରାଇଥାନ୍ତି।

ଟ୍ରେଜର ବକ୍ସ

ଏ ମାସରେ ଆମେ ସ୍କ୍ରାପ୍ ବୁକ୍ ପାଇଁ ଆଣିଛୁ କିଛି ସାମୁଦ୍ରିକ ଜୀବଙ୍କର ଚିତ୍ର।



ସମୁଦ୍ର ଘୋଡ଼ା

ଜେଲି ମାଛ



ସି ଏନିମୋନ୍



ସମୁଦ୍ର କଇଁଛ



ତାରା ମାଛ



କ୍ଲୋନ୍ ମାଛ

Deb's Library Corner...
Tambahara,Kendujhar
9556804309
debaraj.123456789@gmail.com

CHANDAMAMA'S

Ramayana

An Epic Journey





Follow the epic journey of Prince Rama, from his birth to his exile, from the abduction of his wife, Sita, to his great war with the Asura King, Ravana, in Chandamama's latest offering: Ramayana - An Epic Journey.

Price: Rs 449/-

To place an order, go to www.chandamama.com

Chandamama's Ramayana is available only in English at all leading book shops.

JAHNAMAMU (Oriya) January 2012 Registrar of Newspapers of India No. MAHORI/2010/35915
Licensed to post regd. No. MH/MR/N/131/MBI/10-12